

କର୍ଣ୍ଣାଟକରେ ଶିବକୁମାର ରାଜ୍

ପୃଷ୍ଠା ୫



# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 73 ଭାଗ ୩୪ | ସଂଖ୍ୟା ୭୩ | Thursday 4 June 2026 | Page 8 Rs. 5.00 | ଭୁବନେଶ୍ୱର ଗୁରୁବାର, ୪ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ରାଜ୍ୟର ରାଜପଥ ବିକାଶରେ ସ୍ୱର୍ଣ୍ଣିମ ଅଧ୍ୟାୟ

# ରାମେଶ୍ୱରରୁ ପାରାଦୀପକୁ ଯୋଡ଼ିବ ଉପକୂଳ ରାଜପଥ

- ତ୍ୱରାନ୍ୱିତ ହେବ ପର୍ଯ୍ୟଟନ, ପରିବହନ ଓ ଆର୍ଥିକ ପ୍ରଗତିଃ ମୁଖ୍ୟମନ୍ତ୍ରୀ
- ୧୬୩.୧୮୦ କିମି ଉପକୂଳ ରାଜମାର୍ଗକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରି
- ପ୍ରକଳ୍ପ ପାଇଁ ଖର୍ଚ୍ଚ ହେବ ୮,୩୦୦ କୋଟି ଟଙ୍କା
- ହାଇବ୍ରିଡ ଆନୁଇଟି ମାଧ୍ୟମରେ ଦୁଇଟି ପ୍ୟାକେଜରେ ନିର୍ମାଣ ହେବ ପ୍ରକଳ୍ପ
- ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ଯାତ୍ରା ସମୟ ଅଢେଇ ଘଣ୍ଟା କମିବ



ନୂଆଦିଲ୍ଲୀ,୩।୬ଃ ଓଡ଼ିଶା ବିକାଶ ଗାଥାରେ ଯୋଡ଼ି ହେବାକୁ ଯାଉଛି ଆଉ ଏକ ନୂଆ ସ୍ୱର୍ଣ୍ଣିମ ଅଧ୍ୟାୟ । ରାଜ୍ୟର ଅର୍ଥନୀତି ଓ ପର୍ଯ୍ୟଟନର ଚେହେରା ବଦଳାଇବା ପାଇଁ କେନ୍ଦ୍ର ସରକାର ନେଇଛନ୍ତି ଏକ ଐତିହାସିକ ନିଷ୍ପତ୍ତି। ଉପକୂଳ ରାଜପଥ ପ୍ରକଳ୍ପକୁ ଆଜି ମଞ୍ଜୁର କରିଛନ୍ତି କେନ୍ଦ୍ର ସ ର କା ର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିଇଏ) ବୈଠକରେ ଏହି ପ୍ରସ୍ତାବକୁ ମଞ୍ଜୁର କରାଯାଇଛି । ଓଡ଼ିଶାରେ ହାଇବ୍ରିଡ୍ ଆନୁଇଟି ମଡେଲ୍ ମାଧ୍ୟମରେ ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ନୂତନ ଉପକୂଳ ରାଜପଥ ତିଆରି ହେବ। ମୋଟ ୧୬୦.୧୮ କିଲୋମିଟର ଲମ୍ବ ଏହି ପ୍ରକଳ୍ପ ଲାଗି ୮,୩୦୦ କୋଟି ୭୯ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ କ୍ୟାବିନେଟ ନିଷ୍ପତ୍ତି ନେଇଛି ।

ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ନୂତନ ଉପକୂଳ ରାଜପଥର ପ୍ରକଳ୍ପ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଏବଂ ଜଗତସିଂପୁର ଜିଲ୍ଲା ଦେଇ ଯିବାର ପ୍ରସ୍ତାବ ରହିଛି। ବର୍ତ୍ତମାନ ୧୬ ନମ୍ବର ଜାତୀୟ ରାଜପଥର ନେଟୱାର୍କ ସ୍ୱର୍ଣ୍ଣ ଚତୁର୍ଭୁଜ ପ୍ରକଳ୍ପର ଏକ ଅଂଶବିଶେଷ। ୬ ଲେନ୍ ବିଶିଷ୍ଟ ଏନଏଚ୍-୧୬ ପୂର୍ବରୁ ଖୋର୍ଦ୍ଧା, ଭୁବନେଶ୍ୱର ଏବଂ କଟକ ଆଦି ପ୍ରମୁଖ ସହରକୁ ଯୋଡ଼ି ସାରିଛି । ସେହିପରି ଏନଏଚ-୩୧୬ ଭୁବନେଶ୍ୱର-ପୁରୀକୁ ସଂଯୋଗ କରିବା ସହିତ ସାତପଡ଼ା ଓ କୋଣାର୍କକୁ ସଂଯୋଗ କରିଥାଏ । ତେବେ ପୁରୀ-ସାତପଡ଼ା ଏବଂ ପୁରୀ-କୋଣାର୍କ ଭାଗରେ ସଡ଼କର ଜ୍ୟାମିତିକ ଢାଞ୍ଚା ଖରାପ ରହିଛି । ଏହି ରାଜପଥ ପାର୍ଶ୍ୱରେ ଅନେକ ନିର୍ମାଣ କାର୍ଯ୍ୟ ହୋଇଛି ଏବଂ ରାସ୍ତାକଡ଼ରେ ସ୍ଥାନୀୟ ଯାତ୍ରୀଙ୍କ ଭିଡ଼ ବହୁତ ଅଧିକ ରହିଥାଏ। ଏସବୁ କାରଣରୁ ଦୀର୍ଘ ➪ପୃଷ୍ଠା-୬

# ଦିଲ୍ଲୀରେ ଭୟଙ୍କର ଅଗ୍ନିକାଣ୍ଡ
## ଜିଅନ୍ତା ଜଳିଗଲେ ୨୧



- ମୃତକଙ୍କ ମଧ୍ୟରେ ସର୍ବାଧିକ ବିଦେଶୀ
- ଗୋଟିଏ ପରିବାରର ୮ ସଦସ୍ୟଙ୍କ ମୃତ୍ୟୁ
- ୬ କକ୍ଷ ପାଇଁ ଅନୁମତି; ଥିଲା ୨୫ କୋଠରି

ନୂଆଦିଲ୍ଲୀ,୩।୬ଃ ବୁଧବାର ଦକ୍ଷିଣ ଦିଲ୍ଲୀର ମାଲବ୍ୟ ନଗରସ୍ଥିତ ଏକ ପ୍ରତିଷ୍ଠିତ ରେଷ୍ଟୁରାଣ୍ଟରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ଅତିକମ୍‌ରେ ୨୧ ଜଣଙ୍କର ମୃତ୍ୟୁ ଘଟିଛି। ୪୦ରୁ ଅଧିକ ଲୋକ ଗୁରୁତର ହୋଇଛନ୍ତି। ଅଗ୍ନିପୀଡ଼ିତଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ଡାକ୍ତରଖାନାଗୁଡ଼ିକରେ ଭର୍ତ୍ତି କରାଯାଇଛି। ଉଦ୍ଧାରକାର୍ଯ୍ୟ ଏବେ ସୁଦ୍ଧା ଜାରି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘଟଣାରେ ଶୋକବ୍ୟକ୍ତ କରିବା ସହିତ ଆହତମାନଙ୍କ ପ୍ରତି ସମବେଦନା କରିଛନ୍ତି ଓ ମୃତ୍ୟୁବରଣ କରିଥିବା ଲୋକଙ୍କ ଅମରଆତ୍ମାର ଶାନ୍ତି କାମନା କରିଛନ୍ତି। ଏଥିସହିତ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଓ ପୋଡ଼ିଯାଇ ଆହତ ହୋଇଥିବା ଲୋକଙ୍କ ନିମନ୍ତେ ୫୦ ହଜାର ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିଛନ୍ତି।

ପୁଲିସ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ସକାଳ ପ୍ରାୟ ୮ ଟା ୪୮ ମିନିଟ୍ ସମୟରେ ‘ଫ୍ଲୋରିସ୍ ଷ୍ଟେ ବି ଆଣ୍ଡ ବି’ ରେଷ୍ଟୁରାଣ୍ଟରେ ନିଆଁ ଲାଗିଥିଲା। ଖବରପାଇ ପୁଲିସ ଓ ଅଗ୍ନିଶମ ସେବାସଂସ୍ଥାର କର୍ମଚାରୀ ଓ ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଥିଲେ। ଅଗ୍ନିକାଣ୍ଡର ପ୍ରକୋପ ଏତେ ଅଧିକ ଥିଲା ଯେ, ନିଆଁ ଲିଭାଇବାକୁ ଏକସଙ୍ଗରେ ଆଠଟି ଦମକଳ କର୍ମଚାରୀଙ୍କୁ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡ଼ିଥିଲା ବୋଲି ଦିଲ୍ଲୀ ପୁଲିସ୍ କହିଛି। ଅଗ୍ନିକାଣ୍ଡରେ ମୃତାହତ ପୀଡ଼ିତମାନଙ୍କ ମଧ୍ୟରେ ସର୍ବାଧିକ ଲାଇବେରିଆ, ନାଇଜେରିଆ, ମୋଜାମ୍ବିକ୍ ଏବଂ ବାଂଲାଦେଶ ଭଳି ବୈଦେଶିକ ରାଷ୍ଟ୍ରର ନାଗରିକ ଅଛନ୍ତି ବୋଲି ସ୍ଥାନୀୟ ଗଣମାଧ୍ୟମ ସୂତ୍ରରୁ ଉଦ୍ଧାର କରି ବିବିସି କହିଛି। ଏମାନେ ଡାକ୍ତରୀ ଚିକିତ୍ସା ଉଦ୍ଦେଶ୍ୟରେ ନିଜର ସମ୍ପର୍କୀୟ ସହ ଭାରତକୁ ଆସିଥିବା ବେଳେ ➪ପୃଷ୍ଠା-୬

# ସୁଶାନ୍ତ ସିଂ ହେଲେ ‘ସୁଡା’ ପ୍ରକଳ୍ପ ନିର୍ଦ୍ଦେଶକ
## ୫ ଓଏଏସଙ୍କୁ ସ୍ୱତନ୍ତ୍ର ସଚିବ ପାହ୍ୟା




ଭୁବନେଶ୍ୱର,୩।୬ (ସଂଚାର ବ୍ୟୁରୋ)ଃ ବରିଷ୍ଠ ଓଏଏସ୍ ଅଫିସର ସୁଶାନ୍ତ କୁମାର ସିଂଙ୍କୁ ଷ୍ଟେଟ୍ ଅର୍ବାନ ଡେଭଲପମେଂଟ ଏଜେନ୍ସୀ (ସୁଡା) ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ଏହାସହିତ ଅନ୍ୟ ୫ଜଣ ବରିଷ୍ଠ ଓଏଏସ ଅଫିସରଙ୍କୁ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି ରାଜ୍ୟ ସରକାର। ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ସାଧାରଣ ଉଦ୍ୟୋଗ ବିଭାଗରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ବରିଷ୍ଠ ଓଏଏସ୍ ସୁଶାନ୍ତ କୁମାର ସିଂଙ୍କୁ ବହିଃସେବା ସର୍ତ୍ତାବଳୀ ଅନୁଯାୟୀ ‘ସୁଡା’ର ପ୍ରକଳ୍ପ ନିର୍ଦ୍ଦେଶକ ସମେତ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଭାବେ ଅବସ୍ଥାପିତ କରାଯାଇଛି।

ସେହିପରି ୫ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ଏସଏସ୍ ଗ୍ରେଡକୁ ପଦୋନ୍ନତି ଦିଆଯାଇଛି। ସେମାନଙ୍କୁ ଆଡହକ୍ ଭିତ୍ତିରେ ସ୍ୱତନ୍ତ୍ର ସଚିବ ଭାବେ ପଦୋନ୍ନତି ଦିଆଯାଇ ନିଜନିଜ ସ୍ଥାନରେ କାର୍ଯ୍ୟ ଜାରି ରଖିବାକୁ କୁହାଯାଇଛି। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ବିନୟ କୁମାର ଦାଶ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଅତିରିକ୍ତ ସଚିବ ପ୍ରଫୁଲ୍ଲ କୁମାର ସ୍ୱାଇଁ, କ୍ରୀଡା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ଅଶୋକ ➪ପୃଷ୍ଠା-୬

# ଗେମ୍ ଚେଞ୍ଜର ହେବ ‘କୋଷ୍ଟାଲ ହାଇୱେ’ ପ୍ରକଳ୍ପ

- ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ
- ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର



ନୂଆଦିଲ୍ଲୀ,୩।୬ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଓଡ଼ିଶାରେ ଏନଏଚ୍-୯୦ ଅଧୀନରେ ପ୍ରଥମ ପର୍ଯ୍ୟାୟରେ ରାମେଶ୍ୱର ଠାରୁ କୋଣାର୍କ ଦେଇ ପାରାଦୀପ ପର୍ଯ୍ୟନ୍ତ ଗ୍ରୀନଫିଲ୍ଡ ‘କୋଷ୍ଟାଲ ହାଇୱେ’ ନିର୍ମାଣ ପାଇଁ ମଞ୍ଜୁର ମିଳିଛି । ପ୍ରାୟ ୧୬୦.୧୮ କିଲୋମିଟର ଲମ୍ବ ବିଶିଷ୍ଟ ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ପ୍ରାୟ ୮ ହଜାର ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟବରାଦ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ଭିତ୍ତିଭୂମି ଓ ଅର୍ଥନୀତିର ବିକାଶ ପାଇଁ ମୋଦୀ ସରକାର ସଦାସର୍ବଦା ପ୍ରତିବଦ୍ଧ। ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଯୋଗାଯୋଗ ଭିତ୍ତିଭୂମି ସୁଦୃଢ଼ ➪ପୃଷ୍ଠା-୬

# ଚଳନ୍ତା ବସ୍ ଉପରେ ଡ୍ରୋନ୍ ମାଡ଼, ୮ ମୃତ

ମସ୍କୋ,୩।୬ଃ ୟୁକ୍ରେନର ଏକ ରୁଷ୍-ଅଧିକୃତ ଅଞ୍ଚଳରେ ଗୋଟିଏ ଯାତ୍ରୀବାହୀ ବସ ଉପରେ ୟୁକ୍ରେନ୍ ଡ୍ରୋନ୍ ମାଡ଼ କରିବା ଫଳରେ ୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ ଜଣ ଆହତ ହୋଇଥିବା ରୁଷ୍ କହିଛି। ୟୁକ୍ରେନର ପୂର୍ବାଞ୍ଚଳ ପ୍ରଦେଶ ଡୋନେସ୍କରେ ରୁଷ୍ ପକ୍ଷରୁ ଅବସ୍ଥାପିତ ଅଧିକାରୀ ଡେନିସ୍ ପୁଶିଲିନ୍ କହିଛନ୍ତି ଯେ, ବୁଧବାର ବଡ଼ି ଭୋରୁ ବସଟି ଯାତ୍ରୀମାନଙ୍କୁ ନେଇ ମସ୍କୋ ଓ ସିମଫରପୁଲ୍ ମଧ୍ୟବର୍ତ୍ତୀ ସ୍ଥାନରେ ଯାତ୍ରା କରୁଥିବା ବେଳେ ଡ୍ରୋନ୍ ମାଡ଼ ହୋଇଥିଲା। ରୁଷ୍‌ର ଏପରି ଦାବି ବାବଦରେ କୌଣସି ଟିପ୍ପଣୀ ଦେବାକୁ ୟୁକ୍ରେନ୍ ମନା କରିଦେଇଛି। ଅପରପକ୍ଷରେ, ୟୁକ୍ରେନ୍ ଅଧିକୃତ ଡୋନେସ୍କ ଅଞ୍ଚଳରେ ରୁଷ୍ ସେନା ଆକ୍ରମଣରେ ୩ ଜଣ ମୃତ୍ୟୁବରଣ କରିଥିବା ୟୁକ୍ରେନର ଅଧିକାରୀମାନେ ଦାବି କରିଛନ୍ତି।

# ଆଦିବାସୀ ଯୁବତୀଙ୍କ ଚାଲାଣ ହସ୍ତକ୍ଷେପ କଲା ଏନଏଚଆରସି

- ଓଡ଼ିଶା ଓ ଉତ୍ତରପ୍ରଦେଶ ପ୍ରଶାସନକୁ ନୋଟିସ
- ଦୁଇ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ
- ତଦନ୍ତ ସ୍ଥିତି ଓ ପୀଡ଼ିତାଙ୍କ ପୁନର୍ବାସ ନେଇ ରିପୋର୍ଟ ତଲବ




ନୂଆଦିଲ୍ଲୀ,୩।୬ଃ ଓଡ଼ିଶାର ଢେଙ୍କାନାଳ ଜିଲ୍ଲାର କଙ୍କଡାହାଡ ଅଞ୍ଚଳର ଜଣେ ୧୭ ବର୍ଷୀୟ ଆଦିବାସୀ ଯୁବତୀଙ୍କୁ ଚାଲାଣ, ବିକ୍ରୟ କରାଯାଇଥିବା ଗଣମାଧ୍ୟମ ରିପୋର୍ଟ ଉପରେ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି), ଭାରତ ସ୍ୱତଃ ତଦନ୍ତ କରିଛି। ଆଦିବାସୀ ଯୁବତୀ ଜଣକ ପ୍ରାୟ ଦୁଇ ବର୍ଷ ଧରି ଉତ୍ତର ପ୍ରଦେଶର ଝାନ୍ସୀରେ ବାରମ୍ବାର ଯୌନ ନିର୍ଯାତନାର ଶିକାର ହୋଇଥିଲେ। ରିପୋର୍ଟ ଅନୁଯାୟୀ, ପୀଡିତା ଏବଂ ଅନ୍ୟ ତିନି ଜଣ ଝିଅଙ୍କୁ ଚାକିରି ଦେବା ବାହାନାରେ ଉତ୍ତର ପ୍ରଦେଶକୁ ଚାଲାଣ କରାଯାଇଥିଲା। ଜଣେ ସ୍ଥାନୀୟ ଓକିଲଙ୍କ ସହାୟତାରେ ଝିଅଟି ଖସି ପଳାଇବାରେ ସଫଳ ହୋଇ ଝାନ୍ସୀ ପୋଲିସର ଦ୍ୱାରସ୍ଥ ହୋଇଥିଲା। ଯଦିଓ ତାଙ୍କ ବୟାନ ରେକର୍ଡ କରାଯାଇଥିଲା, ➪ପୃଷ୍ଠା-୬

# କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ➤ ତନାଘନା ଆରମ୍ଭ କଲା ଏଚଆରପିସି

- ବଦଳିଲେ ଥାନାର ସମସ୍ତ ୨୬ ପୁଲିସ କର୍ମଚାରୀ
- ପୁଲିସ୍ ଏତଲାରେ ନାହିଁ ସୁଶାନ୍ତଙ୍କ ନାଁ
- ବୟାନ ବଦଳାଇବାକୁ ପରିବାରକୁ ଧମକ



କବିସୂର୍ଯ୍ୟନଗର,୩।୬(ସଂଚାର ବ୍ୟୁରୋ)ଃ କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ମାମଲାରେ ଏଚଆରପିସି ନିକଟରେ ହାଜର ହୋଇଛନ୍ତି ମୃତ ସୁଶାନ୍ତଙ୍କ ବାପା, ମା, ପତ୍ନୀ ଓ ଭାଇ। ପରିବାର ସହ ଘଟଣା ସମ୍ପର୍କରେ ପଚରା ଉଚରା କରିଛନ୍ତି ମାନବଧିକାର କମିଶନଙ୍କ ସଦସ୍ୟ। ସେପଟେ କବିସୂର୍ଯ୍ୟନଗର ବାଲିଛାଇ ଫାଣ୍ଡିର ସବୁ କର୍ମଚାରୀଙ୍କ ବଦଳି କରାଯାଇଛି। ସମସ୍ତ ୨୬ ଜଣ ପୋଲିସ କର୍ମଚାରୀଙ୍କୁ ଅନ୍ୟ ଉପଖଣ୍ଡକୁ ବଦଳି କରାଯାଇଛି। ପୂର୍ବରୁ ଆଇପିଏସ ନୀତେଶ ମିଶ୍ରଙ୍କୁ ମୁଖ୍ୟାଳୟ ବଦଳି ହୋଇଥିବା ବେଳେ ଥାନାର ଏସଆଇ, ଏଏସଆଇଙ୍କୁ ନିଲମ୍ବନ ହୋଇଛନ୍ତି।

ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ହାଜତ ମୃତ୍ୟୁ ଘଟଣାକୁ ଚାରି ଦିନ ବିତିଯାଇଥିଲେ ମଧ୍ୟ ଘଟଣାକୁ ନେଇ ଚର୍ଚ୍ଚା ଓ ରାଜନୈତିକ ତତ୍ପରତା ଜାରି ରହିଛି। ଏହାରି ମଧ୍ୟରେ ଏଚଆରପିସିର ଏକ ୪ ଜଣିଆ ସ୍ୱତନ୍ତ୍ର ଟିମ୍ ପୁରୁଷୋତ୍ତମପୁର ଦିଗନ୍ତ ଡାକବଙ୍ଗଳାରେ ସୁଶାନ୍ତଙ୍କ ପରିବାର ଲୋକଙ୍କୁ ପଚରାଉଚରା କରିଛି। ତେବେ ଘଟଣାକୁ ନୂଆ ମୋଡ଼ ଦେଇଛି ସୁଶାନ୍ତଙ୍କ ସାନ ➪ପୃଷ୍ଠା-୬



# ୮ ତାରିଖରେ ଟର୍ଣ୍ଣ ନେବ ନବୀନ ପଲିଟିକ୍ସ

ଭୁବନେଶ୍ୱର,୩।୬(ସଂଚାର ବ୍ୟୁରୋ)ଃ ଆସନ୍ତା ୮ ତାରିଖରେ ନବୀନ ପଟ୍ଟନାୟକଙ୍କ ପଲିଟିକ୍ସ ନୂଆ ଟର୍ଣ୍ଣ ନେବ। ଦିଲ୍ଲୀ ଗସ୍ତରେ ଥିବା ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ୮ ତାରିଖରେ କି ଆଭିମୁଖ୍ୟ ନେବା ତା ଉପରେ ନିର୍ଭର କରୁଛି ରାଜ୍ୟରେ ବିଜେଡି ରାଜନୀତି। ରାଜ୍ୟରେ ବିଜେପିକୁ କାଉଣ୍ଟର କରିବାକୁ ନବୀନ ଇଣ୍ଡିଆ ମେଣ୍ଟ ସହ ରହିବେ ନା ପୂର୍ବ ଭଳି ଦୁଇ ଜାତୀୟ ଦଳ ଠାରୁ ସମଦୂରତା ରଖିବେ ତାହା ସେହି ଦିନ ସ୍ପଷ୍ଟ ହୋଇଯିବ।

ପରିବର୍ତ୍ତିତ ରାଜନୈତିକ ସମୀକରଣରେ ନବୀନଙ୍କ ଏହି ଅନପ୍ରେଡିକ୍ଟିବୁଲ ପଲିଟିକ୍ସ ରାଜ୍ୟରେ ବିଜେଡି ନେତାଙ୍କୁ ନୂଆ ମାର୍ଗଦର୍ଶନ ଦେବ। କାରଣ ୮ ତାରିଖରେ ଦିଲ୍ଲୀରେ ଇଣ୍ଡିଆ ମେଣ୍ଟର ବୈଠକ ଅଛି। ବୈଠକରେ ଏନଡିଏ ବିରୋଧୀ ୧୫ ରାଜନୈତିକ ଦଳ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ନବୀନ ପଟ୍ଟନାୟକ ମଧ୍ୟ ସେହି ଦିନ ଓଡିଶା ଫେରିବାର କାର୍ଯ୍ୟକ୍ରମ ରହିଛି। ➪ପୃଷ୍ଠା-୬

# ଏନ୍‌କାଉଣ୍ଟର ଉପରେ ଭାରି ପଡୁଛି ଥାର୍ଡ ଡିଗ୍ରୀ

- ଥାନା ବାବୁଙ୍କ ପାଇଁ ପୁଲିସ୍ ବଦନାମ
- ଭାବମୂର୍ତ୍ତି ସଜାଡ଼ିବାକୁ ଚାଲିଛି କସରତ



ଭୁବନେଶ୍ୱର,୩।୬(ସଂଚାର ବ୍ୟୁରୋ)ଃ ଅପରାଧିଙ୍କୁ ସାବାଡ କରିବାପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଡା ନିର୍ଦ୍ଦେଶ ଦେବାପରେ ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଆକ୍ସନକୁ ଆସିଥିଲେ । ରାଜ୍ୟର ବିଭିନ୍ନ ସ୍ଥାନରେ ପୁଲିସ୍ ଅପରାଧୀଙ୍କୁ ଏନକାଉଣ୍ଟର କରି ବାହାବା ନେବା ଆରମ୍ଭ କରିଥିବାବେଳେ କିଛି ଥାନା ବାବୁଙ୍କ ଥାର୍ଡ ଡିଗ୍ରୀ କିନ୍ତୁ ଏହା ଉପରେ ଭାରି ପଡିଛି । ଅବସ୍ଥା ଏଭଳି ହୋଇଛି ଯେ ପୁଲିସ୍ ଏନକାଉଣ୍ଟରର ସଫଳତା ଥାର୍ଡ ଡିଗ୍ରୀର ଅପବାଦ ତଳେ ଏକପ୍ରକାର ଲୁଚି ଯାଇଛି ।

ରାଜଧାନୀ ଉପକଣ୍ଠରେ ଜଣେ ପୁଲିସ୍ କର୍ମଚାରୀଙ୍କୁ ଲୋକେ ପିଟି ପିଟି ମାରିଦେବା ପରେ ପୁଲିସ୍‌ର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ଉଠିଥିଲା । ଏହା ପରେ ପରେ ଗଞ୍ଜାମରେ ଏକାଧିକ ଅପରାଧ ଘଟିଥିଲା । ଅପରାଧୀମାନେ ପୁଲିସ୍ ପ୍ରଶାସନ ଉପରେ ଭାରି ପଡୁଥିବା ଦେଖି ମୁଖ୍ୟମନ୍ତ୍ରୀ ଉଚ୍ଚସ୍ତରୀୟ ବୈଠକ ଡାକିବା ସହିତ ଅପରାଧିଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ପୁଲିସ୍ ଡିଜି ଆକ୍ସନକୁ ଆସିବା ସହିତ ବ୍ରହ୍ମପୁର, ସମ୍ବଲପୁର, କଟକ ଓ ପୁରୀରେ ପୁଲିସ୍ ଅପରାଧିଙ୍କୁ ସିଧା ଏନକାଉଣ୍ଟର କରିଥିଲା ।

ଏନକାଉଣ୍ଟର ଜରିଆରେ ପୁଲିସ୍ ଭାବମୂର୍ତ୍ତି ସୁଧାରୁଥିବାବେଳେ ତାଳଚୂଆ, ବାରଙ୍ଗ ଓ କବିସୂର୍ଯ୍ୟନଗର ଥାନାରେ ବିନା ଦୋଷରେ ମହିଳା ଓ ଯୁବକଙ୍କୁ ଥାର୍ଡ ଡିଗ୍ରୀ ଏବେ ପୁଲିସ୍‌ର ଭାବମୂର୍ତ୍ତିକୁ କେବଳ ନଷ୍ଟ କରିନାହିଁ, ଓଡିଶା ପୁଲିସ୍‌କୁ କାଠଗଡାରେ ଛିଡା କରାଇ ଦେଇଛି । ଜାତୀୟ ମାନବ ଅଧିକାର କମିଶନ ଏହାର ତଦନ୍ତ ଚଳାଇଥିବାବେଳେ ପୁଲିସ୍ ବି ନିଜଆଡୁ ତଦନ୍ତ କରୁଛି । ଏହି ସବୁ ଘଟଣାରେ ଜଣେ ଯୁବକ ମୃତ୍ୟୁବରଣ କରିଥିବାବେଳେ ଆଉ ଜଣେ ଡାକ୍ତରଖାନାରେ ।

ତାଳଚୂଆ ସାମୁଦ୍ରିକ ଥାନାର ମହିଳା ଅଧିକାରୀଙ୍କ ବର୍ବରତାକୁ ସବୁ ସୀମା ଟପିଛି । ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଜଣେ ମହିଳା ଓ ତାଙ୍କ ➪ପୃଷ୍ଠା-୬




## ଶଶୁର ଘରେ ଜ୍ୱାଇଁର ସନ୍ଦେହଜନକ ମୃତ୍ୟୁ



ଆଳି,୩।୬(ସଂଚାର ବ୍ୟୁରୋ)ଃ ଶଶୁର ଘରେ ଜ୍ୱାଇଁର ସନ୍ଦେହ ଜନକ ମୃତ୍ୟୁ ଘଟିଥିବା ଦେଖିବାକୁ ମିଳିଛି । ମୃତକଙ୍କ ମାଆ ଓ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଆଳି ଥାନା ଅନ୍ତର୍ଗତ ମାନପୁର- ସେଠୀ ସାହିରେ ଶ୍ୱଶୁର ଘରଲୋକେ ଜ୍ୱାଇଁକୁ ହତ୍ୟା କରିଥିବାର ଅଭିଯୋଗ କରିଛନ୍ତି । ଗତକାଲି ବିଳମ୍ବିତ ରାତିରେ ଶ୍ୱଶୁର ଘର ଠାରୁ କିଛିଦୂରରେ ବିଲ ଭିତରୁ ଜ୍ୱାଇଁଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଉଛନ୍ତି ଏରଡ଼ଙ୍ଗ ଗାଁର ବାବନ ସେଠୀ। ସେ ପ୍ରାୟ ୨ବର୍ଷ ହେବ ମାନପୁର-ସେଠୀସାହିରେ ନିଜ ପରିବାର ସହ ଶ୍ୱଶୁର ଘରେ ରହିଆସୁଥିଲେ। ହେଲେ ସନ୍ଦେହ ଜନକ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ଏହାର କାରଣ ଜଣାପଡ଼ିନାହିଁ । ଏନେଇ ମୃତ ବାବନ ସେଠୀଙ୍କ ମାଆ ଆଳିଥାନାରେ ଅଭିଯୋଗ କରିଛନ୍ତି।ଯେ ତାଙ୍କ ପୁଅକୁ ଶ୍ୱଶୁର ଲୋକେ ହତ୍ୟା କରିଛନ୍ତି। ପୋଲିସ ମୃତଦେହକୁ ଜବତକରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପଟେ ଏ ସମସ୍ତ ଅଭିଯୋଗକୁ ମୃତ ବାବନ ସେଠୀଙ୍କ ପତ୍ନୀ ପ୍ରତିମା ଓ ଶଳା ପ୍ରଶାନ୍ତ ଖଣ୍ଡନ କରିଥିବା ବେଳେ ଏନେଇ ପୋଲିସର କୌଣସି ପତିକ୍ରିୟା ମିଳିପାରିନାହିଁ।

## ବାପା,ମାଆ ଛେଉଣ୍ଡ ନାବାଳିକାର ଆଶାବାଡ଼ି ସାଜିଲା ଦିବ୍ୟ ଚେତନା ଟ୍ରଷ୍ଟ



ଡେରାବିଶ,୩।୬(ସଂଚାର ବ୍ୟୁରୋ)ଃ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଅଢ଼ଙ୍ଗା ଗ୍ରାମର ଗୌତମ ଜେନାଙ୍କ ଦୁରାରୋଗରେ ଗତ ୧୨ଦିନ ତଳେ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ତାଙ୍କର ଦୁଇ ନାବାଳିକା ଝିଅ ୧୩ବର୍ଷର ରୁପାଲୀ ଓ ୧୨ବର୍ଷର ପ୍ରଭାସିନୀ ସମ୍ପୂର୍ଣ୍ଣ ବେସାହାରା ହୋଇଯାଇଛନ୍ତି। ୬ ମାସ ପୂର୍ବରୁ ଗୌତମଙ୍କ ପତ୍ନୀ ପ୍ରତୀମାଙ୍କ କିଡ୍‌ନୀ ରୋଗରେ ମୃତ୍ୟୁ ହୋଇଥିଲା। ଗୌତମଙ୍କ ମୃତ୍ୟୁ ପରେ ବାପ,ମାଆ ଛେଉଣ୍ଡ ହୋଇଯାଇଥିବା ଦୁଇ ନାବାଳିକା ଝିଅ ଗୌତମଙ୍କ ଶୁଦ୍ଧିକ୍ରିୟା ପାଇଁ ଆର୍ଥିକ ସଙ୍କଟ ଭିତରେ ଗତି କରୁଛନ୍ତି । ଏ ଖବର ପାଇ ଦିବ୍ୟ ଚେତନାଟ୍ରଷ୍ଟର ତଳଗାଁ ସମ୍ପାଦକ ନାରାୟଣ ବାରିକ ସଭାପତି କେଦାର ନାଥ ପଟନାୟକ ନିକଟରେ ପହଞ୍ଚି ପାଞ୍ଚ ହଜାର ଟଙ୍କା ଅନୁଦାନ କରିଥିଲେ ଓ ସମବେଦନା ଜଣାଇଥିବାବେଳେ ଡେରାବିଶ ବିଡିଓ ଶ୍ରୀମତା ବାରିକ ଓ ତହସିଲଦାର ସରୋଜ ସାହୁ ଙ୍କୁ ନାବାଳିକାଙ୍କ ପାଇଁ ସମସ୍ତ ପ୍ରକାର ସରକାରୀ ସହଯୋଗ ପାଇବା ପାଇଁ ଆଲୋଚନା କରିଥଲେ । ଏହି ବେସାହାରା ନାବାଳିକାଙ୍କ ପାଇଁ ଅଧିକ ସହାୟତା ଯୋଗାଇ ଦେବାକୁ ବିଡିଓ ଓ ତହସିଲଦାରଙ୍କ ନିକଟରେ ଦାବି ଜଣାଇଛନ୍ତି।

## ପୌରାଧ୍ୟକ୍ଷଙ୍କ ଘରକୁ ବୋତଲ ବୋମା ମାଡ଼ ଘଟଣା

## ୩ ଗିରଫ, ମୁଖ୍ୟ ଷଡ଼ଯନ୍ତ୍ରକାରୀ ଫେରାର



ପାରାଦୀପ,୩।୬ (ସଂଚାର ବ୍ୟୁରୋ)ଃ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳଙ୍କ ଘରକୁ ବୋତଲ ବୋମା ମାଡ ଘଟଣାର ଖୁଲାସା କରିଛନ୍ତି ଜଗତସିଂହପୁର ଏସ୍ପି ଅଙ୍କିତ କୁମାର ବର୍ମା | ପାରାଦୀପ ଆଦର୍ଶ ଥାନାରେ ଅୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍ପି ଏହି ଘଟଣାର ସବିଶେଷ ତଥ୍ୟ ପ୍ରଦାନ କରିଛନ୍ତି | ପୌର ପରିଷଦର ଟେଣ୍ଡର କାର୍ଯ୍ୟକୁ ନେଇ ଏହି ବୋମା ମାଡ କରାଯାଇଥିବା ସେ ପ୍ରକାଶ କରିଛନ୍ତି | ପାରାଦୀପର ଜୋତିକାନ୍ତ ପରିଡା ଓରଫ ବାପୁ ପରିଡା ଏହି ଘଟଣାର ମୁଖ୍ୟ ଷଡଯନ୍ତ୍ରକାରୀ ଓ ତାଙ୍କ ଇଙ୍ଗିତରେ ତିନିଜଣ ଦୁର୍ବୃତ୍ତ ବସନ୍ତଙ୍କୁ ଭୟଭୀତ କରିବା ପାଇଁ ଏଭଳି କରିଥିବା ପୁଲିସ ପ୍ରକାଶ କରିଛି |

ବୋମା ମାଡ କରିଥିବା ତିନି ଦୁର୍ବୃତ୍ତ ହେଲେ ତ୍ରିଲୋଚନ ପ୍ରଧାନ ଓରଫ ଟୁଲୁ , ସୌମ୍ୟ ରଞ୍ଜନ ପଲାଇ ଓରଫ ହାପି ଏବଂ ସିଦ୍ଧାନ୍ତ ବିଶ୍ୱାଳ ଓରଫ ହନୁଆ | ଘଟଣା ଘଟାଇ ସାରିବା ପରେ ଅଭିଯୁକ୍ତ ମାନେ ପୁରୀ ଫେରାର ହୋଇ ଯାଇଥିବା ଏବଂ ପୁଣି ପୁରୀରୁ ନିଜ ସମ୍ପର୍କୀୟ ମାନଙ୍କ ଘରକୁ ଯାଇ ଆତ୍ମଗୋପନ କରିଥିବା ବେଳେ ପୁଲିସ ସେମାନଙ୍କୁ ଗିରଫ କରିଛି। ଜ୍ୟୋତିକାନ୍ତ ପରିଡା ଓରଫ ବାପୁ ଖସି ପଳାଇ ଥିବା ବେଳେ ପୋଲିସ ତାକୁ ଖୁବ ଶୀଘ୍ର ଗିରଫ କରିବ ବୋଲି ଏସ୍ପି ପ୍ରକାଶ କରିଛନ୍ତି । ବାପୁ ଓ ବସନ୍ତ ଗୋଟିଏ ଦଳର ହୋଇଥିବା ବେଳେ ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ଥିଲା। କିନ୍ତୁ ଗତ କିଛି ମାସ ହେବ ବାପୁଙ୍କ ସହ ବସନ୍ତଙ୍କ ଆଉ ପଡୁ ନଥିବା ବେଳେ ବାପୁ ଆଉ ଟେଣ୍ଡର କାର୍ଯ୍ୟରୁ ଫାଇଦା ପାଇବାରେ ଅସୁବିଧା ହେଉଥିଲା। ବସନ୍ତଙ୍କୁ ଭୟଭୀତ କରି ବାପୁ ପାରାଦୀପ ପୌର ପରିଷଦ ଟେଣ୍ଡର ହାତେଇବାକୁ ଏଭଳି କରିଥିବା କୁହାଯାଉଛି |

ଅନ୍ୟପକ୍ଷରେ ପାରାଦୀପ ଓ ଜଗତସିଂହପୁରରେ ଅପରାଧି ମାନଙ୍କ ଲିଷ୍ଟ ପୁଲିସ ପ୍ରସ୍ତୁତ କରୁଥିବା ଓ ଆଗାମୀ ଦିନରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଥିବା ଆଜି ଏସ୍ପି ସୂଚନା ଦେଇଛନ୍ତି।

# କେନାଲ ଓ ରାସ୍ତା କାମରେ ଦୁର୍ନୀତି ଅଭିଯୋଗ

### ତଦନ୍ତ ପ୍ରତିଶ୍ରୁତି ଦେଲା ପ୍ରଶାସନ



କେନ୍ଦ୍ରାପଡ଼ା,୩।୬ (ସଂଚାର ବ୍ୟୁରୋ)ଃ ଗରଦପୁର ବ୍ଲକ ଅଧିକ ପାଇକା ନଦୀ ପାଖଡ଼ ମାଇନରର ଚିତ୍ରୋତ୍ପଳା ଉଦାଳ ଗ୍ରାମ ପର୍ଯ୍ୟନ୍ତ ଚାଲିଥିବା କେନାଲ ଓ ରାସ୍ତା କାମକୁ ନେଇ ଉଠିଛି ସଙ୍ଗୀନ ଅଭିଯୋଗ। ପ୍ରାୟ ଦୁଇ କୋଟି ଟଙ୍କା ବ୍ୟୟରେ ଚାଲୁଥିବା ଏହି ପ୍ରକଳ୍ପରେ ବିନା ସୂଚନା ଫଳକରେ କାମ ଚାଲିଥିବା ବେଳେ ନିମ୍ନମାନର କାର୍ଯ୍ୟ କରାଯାଉଥିବା ଦାବି କରିଛନ୍ତି ସ୍ଥାନୀୟ ଲୋକ। କେନାଲ କଡ଼ରୁ ମାଟି ଉଠାଇ ରାସ୍ତାରେ ପକାଇ କେବଳ ନାଲି ମୋହରମ୍ ବିଛାଯାଉଥିବାରୁ ସରକାରୀ ଅର୍ଥର ଅପବ୍ୟବହାର ହେଉଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଅଭିଯୋଗର ତଦନ୍ତ କରାଯିବ ବୋଲି କହିଛି ପ୍ରଶାସନ।

ପାଟକୁରା ଅଞ୍ଚଳର ପାଇକା ନଦୀ ପାଖଡ଼ ମାଇନରର ଚିତ୍ରୋତ୍ପଳା ଉଦାଳ ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ଦୁଇ କୋଟି ଟଙ୍କା ବ୍ୟୟରେ କେନାଲ ଓ ରାସ୍ତା ଉନ୍ନୟନ କାମ ହେଲେ ପ୍ରକଳ୍ପ ସମ୍ପର୍କିତ କୌଣସି ସୂଚନା ଫଳକ ଲଗାଯାଇ ନଥିବାରୁ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ କାମ ନ କରି କେବଳ ନାଲି ମୋହରମ୍ ବିଛାଯାଉଛି। ଠିକାଦାର ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ମିଳିଭଗତରେ ନିମ୍ନମାନର କାର୍ଯ୍ୟ କରାଯାଉଛି। ବର୍ଷା ଆରମ୍ଭ ହୋଇଥିବାରୁ କେନାଲ ବନ୍ଧରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଥିବା ବେଳେ ଆଗାମୀ ଦିନରେ ରାସ୍ତାର ଅବସ୍ଥା ଆହୁରି ଖରାପ ହେବାର ଆଶଙ୍କା ରହିଛି। ତେଣୁ ଏହି କାମର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଏହି ଅଭିଯୋଗ ସମ୍ପର୍କରେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ନବ କୃଷ୍ଣ ଜେନା କହିଛନ୍ତି ଯେ, ଘଟଣା ତାଙ୍କ ନଜରକୁ ଆସିଛି। ମହାନଦୀ ନର୍ଥ ଡିଭିଜନ ଅଧୀନରେ ଚାଲିଥିବା ଏହି କାମର ତଦାରଖ କରାଯିବ ଏବଂ ଗୁଣାତ୍ମକ କାର୍ଯ୍ୟ ସୁନିଶ୍ଚିତ କରାଯିବ। ଯଦି ତଦନ୍ତରେ କୌଣସି ଅନିୟମିତତା ପ୍ରମାଣିତ ହୁଏ, ତେବେ ନିୟମ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। କିନ୍ତୁ ଜନସାଧାରଣଙ୍କ ଟଙ୍କାରେ ହେଉଥିବା ଉନ୍ନୟନ କାର୍ଯ୍ୟର ଗୁଣବତ୍ତା ନେଇ ପ୍ରଶ୍ନ ଉଠିଥିବାରୁ ପ୍ରଶାସନର ପଦକ୍ଷେପ ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# କେନ୍ଦ୍ରାପଡ଼ାରେ ମାତିଛନ୍ତି ଜମି ମାଫିଆ

### ଠକେଇର ଶିକାର ହେଉଛନ୍ତି ସାଧାରଣ ଲୋକ

କେନ୍ଦ୍ରାପଡ଼ା,୩।୬ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲାରେ ଏବେ ଜମି କିଣାବିକା ନାଁରେ କିଛି ଅସାଧୁ ଜମି ଦଲାଲ ଓ ମାଫିଆଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଏହି ଦଲାଲମାନେ ସକ୍ରିୟ ରହି ଜମି କିଣାଇ ଓ ବିକ୍ରି କରାଇବା ନାଁରେ ସାଧାରଣ ଲୋକଙ୍କୁ ବିଭିନ୍ନ ପ୍ରଲୋଭନ ଦେଉଥିବା ଅଭିଯୋଗ ହେଉଛି।

ଅଭିଯୋଗ ଅନୁସାରେ, କିଛି ଦଲାଲ ଜାଲିଆତି କାଗଜପତ୍ର ପ୍ରସ୍ତୁତ କରିବା ସହ ଜମିର ପ୍ରକୃତ ସ୍ଥିତିକୁ ଲୁଚାଇ ଅଧିକ ଦାମରେ ବିକ୍ରି କରୁଛନ୍ତି। କେତେକ କ୍ଷେତ୍ରରେ ମାତ୍ର ୪୦ ହଜାର ଟଙ୍କା ମୂଲ୍ୟର ଜମିକୁ ୮୦ ହଜାର କିମ୍ବା ତାଠାରୁ ଅଧିକ ଦାମରେ ବିକ୍ରି କରାଯାଉଥିବା ଚର୍ଚ୍ଚା ହେଉଛି। ଏପରି ଠକେଇରେ ପଡ଼ି ଅନେକ ପରିବାର ଆର୍ଥିକ କ୍ଷତି ସହିଥିବା କୁହାଯାଉଛି।

ସାଧାରଣ ଲୋକଙ୍କ ଅଭିଯୋଗ ହେଉଛି ଯେ, ଜମି କିଣିବା ସମୟରେ ଦଲାଲଙ୍କ କଥାକୁ ବିଶ୍ୱାସ କରି ଦଲିଲ ଯାଞ୍ଚ ନକରିବାରୁ ପରେ ସମସ୍ୟାରେ ପଡୁଛନ୍ତି। ଜମିର ମାଲିକାନା, ରେକର୍ଡ, ମାପଚୁପ ଓ ଆଇନଗତ ସ୍ଥିତି ସମ୍ପର୍କରେ ଯାଞ୍ଚ ନକରି ଟଙ୍କା ଦେଇଦେବା ଫଳରେ ଠକେଇର ଶିକାର ହେଉଛନ୍ତି।

ଏଭଳି ଅଭିଯୋଗ ବଢ଼ୁଥିବା ବେଳେ କେନ୍ଦ୍ରାପଡ଼ା ପୋଲିସ ପକ୍ଷରୁ ଜମି ଠକେଇ ଓ ଜାଲିଆତି ଚକ୍ର ବିରୋଧରେ ନଜରଦାରି ବଢ଼ାଯାଇଥିବା ସୂଚନା ମିଳିଛି। ସନ୍ଦେହଜନକ କାରବାର ଉପରେ ନଜର ରଖିବା ସହ ଅଭିଯୋଗ ମିଳିଲେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ପ୍ରସ୍ତୁତ ଥିବା କୁହାଯାଉଛି।

ତେବେ ଜମି କିଣିବା ପୂର୍ବରୁ ସମ୍ପୃକ୍ତ ତହସିଲ କାର୍ଯ୍ୟାଳୟରୁ ଦଲିଲ ଓ ରେକର୍ଡ ଯାଞ୍ଚ କରିବା, ଆଇନଜୀବୀଙ୍କ ପରାମର୍ଶ ନେବା ଏବଂ ଦଲାଲଙ୍କ ପ୍ରଲୋଭନରେ ନପଡ଼ିବା ପାଇଁ ସଚେତନ ମହଲ ପରାମର୍ଶ ଦେଇଛନ୍ତି। ନଚେତ୍ ଜୀବନ ସାରାର ସଞ୍ଚିତ ଅର୍ଥ ହରାଇବାର ଆଶଙ୍କା ରହିଛି।

## ଆଧୁନିକ ଟେରାକୋଟା ଡିଜାଇନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




କେନ୍ଦ୍ରାପଡ଼ା,୩।୬(ସଂଚାର ବ୍ୟୁରୋ)ଃ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରାଇଡ୍ ପକ୍ଷରୁ ନାବାର୍ଡ ସହଯୋଗରେ ୧୫ଦିନ ଧରି ପରକୁଳା ପଞ୍ଚାୟତରେ ଚାଲିଥିବା ଅତ୍ୟାଧୁନିକ ଟେରାକୋଟା ଡିଜାଇନ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ରାଇଡ୍‌ର ସମ୍ପାଦକ କିଶୋର ଚନ୍ଦ୍ର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ତୃଣମୂଳସ୍ତରୀୟ ପ୍ରଶିକ୍ଷଣ ଶିବରର ଉଦଯାପନୀ ଉତ୍ସବରେ ନାବାର୍ଡର ଏଡିଏମ ସ୍ମିତା ବଡଜେନା, ହସ୍ତଶିଳ୍ପର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି, ଓଡିଶା ଗ୍ରାମୀଣ ବ୍ୟାଙ୍କ କଳପଡା ଶାଖାର ଭାରପ୍ରାପ୍ତ ଶାଖା ପରିଚାଳକ ନିହାରରଞ୍ଜନ ବିଶ୍ୱାଳ, ମିଶନଶକ୍ତି ବିପିଏମ ଅଖିଳ କୁମାର ଆଚାର୍ଯ୍ୟ, ସ୍ଥାନୀୟ ସରପଞ୍ଚ ଦିପ୍ତୀରଞ୍ଜନ ମହାପାତ୍ର, ଟେରାକୋଟାର ପ୍ରଶିକ୍ଷକ ମକରକେତନ ସାହୁ, ମହିଳା ମହାସଙ୍ଘର ସଭାପତି ସୁଜାତା ଦାସ ପ୍ରମୁଖ ଯୋଗଦେଇ ଏହି ପ୍ରଶିକ୍ଷଣ କିପରି ପ୍ରଶିକ୍ଷାର୍ଥୀମାନଙ୍କୁ ସ୍ୱାବଲମ୍ବୀ କରିପାରିବ ସେ ସମ୍ପର୍କରେ ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ୫୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷମାନେ ଉପସ୍ଥିତ ରହି ପ୍ରଶିକ୍ଷଣ ଗ୍ରହଣ କରିଥିଲେ ।

## ଅନାଥ ଦୁଇ ନାବାଳିକାଙ୍କୁ ସହାୟତାର ହାତ ବଢ଼ାଇଲେ କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟି



ଡେରାବିଶ,୩।୬ (ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଅଢ଼ଙ୍ଗା ଗ୍ରାମର ଅନାଥ ନାବାଳିକା ପ୍ରଭାସିନୀ ଓ ରୂପାଲିଙ୍କୁ ଆଜି କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟିର ସଭାପତି ପ୍ରମୋଦ କୁମାର ସାହୁ ସହାୟତାର ହାତ ବଢ଼ାଇଛନ୍ତି। ଗୌତମଙ୍କ ଶୁଦ୍ଧିକ୍ରିୟା କର୍ମ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ଦୁଇ ଝିଅଙ୍କ ପାଠପଢ଼ାର ଦାୟିତ୍ୱ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଘଟଣାରୁ ପ୍ରକାଶ ଗୌତମଙ୍କ ପତ୍ନୀ ପ୍ରତିମା ୬ ମାସ ପୂର୍ବେ ମୃତ୍ୟୁବରଣ କରିଥିବା ବେଳେ ଗତ ଦଶଦିନ ତଳେ କିଡ଼ିନୀ ରୋଗରେ ଆକ୍ରାନ୍ତ ଗୌତମ ମୃତ୍ୟୁବରଣ କରିବା ପରେ ତାଙ୍କର ଦୁଇ ଝିଅ ପ୍ରଭାସିନୀ ଓ ରୂପାଲି ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ଏପରିକି ବାପାଙ୍କ କ୍ରିୟା କର୍ମ ପାଇଁ ଅର୍ଥ ଯୋଗାଡ଼ କରିବାକୁ ପଡୁଛି। ଏହି ଭଳି ଏକ ହୃଦୟ ବିଦାରକ ଖବର ଜାଣିବା ପରେ କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟିର ସଭାପତି ଶ୍ରୀ ସାହୁ ଆଜି ତାଙ୍କ ବାସଭବନରେ ପହଞ୍ଚି ନଗଦ ଅର୍ଥରାଶି ପ୍ରଦାନ କରି ଦୁଇ ଝିଅ ନବମରେ ପଢୁଥିବା ପ୍ରଭାସିନୀ ଓ ସପ୍ତମରେ ପଢୁଥିବା ରୂପାଲିଙ୍କ ପଢ଼ା ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀ ସାହୁଙ୍କ ସହ କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟିର ଗରଦପୁର ଶାଖା ପରିଚାଳକ ଅନୋଜ ସିଂ, ଦୈନିକ ଜମା ସଂଗ୍ରହକାରୀ ଗୟାଚାନ୍ଦ ଭୂୟାଁ, ସମାଜସେବୀ ଧିରେନ୍ଦ୍ର ଜେନା, ଶୁଭଙ୍କର ସାମନ୍ତରାୟ ଉପସ୍ଥିତ ରହିଥିବା ବେଳେ ଇନ୍ଦାଲୋ ସରପଞ୍ଚ ଜ୍ୟୋସ୍ନାରାଣୀ ବେହେରା, ପୂର୍ବତନ ସରପଞ୍ଚ ଅଶ୍ୱିନୀ ମହାନ୍ତି, ପୂର୍ବତନ ସମିତିସଭ୍ୟ ସୁଜିତ ସାମନ୍ତରାୟ, ମଣିନାଥ ଜେନା ଓ ଗ୍ରାମବାସୀମାନେ ଉପସ୍ଥିତ ରହିଥିଲେ।

## ଶିକ୍ଷକ ନିଯୁକ୍ତିକୁ ସ୍କୁଲ କମିଟିର ବିରୋଧ

## ସ୍କୁଲ ଗେଟ୍‌ରେ ଝୁଲିଲା ତାଲା

ବାଲିଆପାଳ,୩।୬ (ସଂଚାର ବ୍ୟୁରୋ)ଃ ବସ୍ତା ଶମ୍ଭୁନାଥ ହାଇସ୍କୁଲ ରେ ପ୍ରଧାନ ଶିକ୍ଷୟତ୍ରୀ ନିଯୁକ୍ତି କୁ ନେଇ ବଢୁଛି ଅସନ୍ତୋଷ. ନୂତନ ପ୍ରଧାନ ଶିକ୍ଷୟତ୍ରୀ ଙ୍କୁ ସ୍କୁଲ ରେ ପୁରାଇ ନ ଦେବାକୁ ଦାବି କରି ସ୍କୁଲ ସମ୍ମୁଖରେ ଧାରଣା ରେ ବସିଲେ ଅବିଭାବକ, ସହ କମିଟି.ସୂଚନା ଅନୁସାରେ ଦୀର୍ଘ କୋଡିଏ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସହକାରୀ ଶିକ୍ଷୟତ୍ରୀ ଏବଂ ତିନି ବର୍ଷ ପ୍ରଧାନ ଶିକ୍ଷୟତ୍ରୀ ଦାୟିତ୍ୱ ରେ ଥିବା ଶ୍ରୀମତୀ ଅଳକା ବିନ୍ଧାଣୀ, ସ୍କୁଲ ର ବିଭିନ୍ନ ଯୋଜନାକୁ ହରିଲୁଟ କରିବା ସହିତ ମାଧ୍ୟାନ୍ନ ଭୋଜନ, ଖେଳ ସାମଗ୍ରୀ, ଘର ନିର୍ମାଣର ଅର୍ଥ ହଡପ ଘଟଣା ରେ ପ୍ରଶାସନିକ ସ୍ତରରେ ତଦନ୍ତ କରାଯାଇ ପ୍ରଧାନ ଶିକ୍ଷୟିତ୍ରୀରୁ ସହକାରୀ ଶିକ୍ଷୟତ୍ରୀ କରାଯାଇଥିଲା। ତେବେ ସରକାରୀ ସ୍ତର ରେ ପୁଣି ତାଙ୍କୁ ଶମ୍ଭୁନାଥ ହାଇସ୍କୁଲ ରେ ପ୍ରଧାନ ଶିକ୍ଷୟତ୍ରୀ ନିଯୁକ୍ତି କୁ ବିରୋଧ କରି ସ୍କୁଲ ଗେଟ ରେ ତାଲା ପକାଇ ପ୍ରତିବାଦ କରାଯାଇଛି, ତତ ସହିତ ସରକାର ଏହା ଉପରେ ପଦକ୍ଷେପ ନ ନେଲେ ଆସନ୍ତା ୧୭ ତାରିଖ ଠାରୁ ଅବିଭାବକ ମାନଙ୍କ ଦ୍ୱାରା ଅନିର୍ଦ୍ଦିଷ୍ଟ କାଳ ଧାରଣା ଦିଆଯିବାର ଚେତାବନୀ ଦିଆଯାଇଛି।



## ସମାଜସେବୀଙ୍କ ପରଲୋକ



ଡେରାବିଶ, ୩।୬ (ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳ ଗ୍ରାମର ସମାଜସେବୀ ପ୍ରମୋଦ କୁମାର ସ୍ୱାଇଁ (୬୮)ଙ୍କ ଆଜି ସକାଳୁ ପରଲୋକ ହୋଇଯାଇଛି। ଶ୍ରୀ ସ୍ୱାଇଁ ଆଜି ସକାଳୁ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା। ସେଠାରେ ଅବସ୍ଥା ଅଧିକ ଗୁରୁତର ହେବାରୁ କଟକ ମେଡ଼ିକାଲ୍ ନିଆଯାଉଥିବା ବାଟରେ ନିଶ୍ଚିନ୍ତ କୋଇଲି ନିକଟରେ ତାଙ୍କର ପରଲୋକ ହୋଇଯାଇଥିଲା। ଫଳରେ ତାଙ୍କୁ ସେଠାରୁ ଘରକୁ ଫେରାଇ ଅଣାଯାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ଚିତରଞ୍ଜନ ମୁଖାଗ୍ନି ଦେଇଥିଲେ। ପ୍ରମୋଦ ରାଜସ୍ୱ ବିଭାଗରେ ଚାକିରୀ କରି ଅବସର ନେବା ପରେ ଜଣେ ସମବାୟବିତ୍ ଓ ଗ୍ରାମର ବିଭିନ୍ନ ଅନୁଷ୍ଠନରେ ସେ ସକ୍ରିୟ ଅଂଶଗ୍ରହଣ କରିଆସୁଥିଲେ। ତାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଚାନ୍ଦୋଳ ମେଳନ ସହିତ ଗ୍ରାମର ଆରାଧ୍ୟ ପ୍ରଭୁ ନୃସିଂହନାଙ୍କ ବିଭିନ୍ନ ପର୍ବପର୍ବାଣୀ ପାଳିତ ହେଉଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ୧୭ବର୍ଷରୁ କମ୍ ଓପନ୍ ରାଙ୍କିଙ୍ଗ୍ କୁସ୍ତି ପ୍ରତିଯୋଗିତାରେ ଢେଙ୍କାନାଳରୁ ୪ ପ୍ରତିଯୋଗୀ



ଢେଙ୍କାନାଳ,୩।୬ (ସଂଚାର ବ୍ୟୁରୋ)ଃ ୧୭ ବର୍ଷରୁ କମ୍ ଓପନ ରାଙ୍କିଙ୍ଗକୁସ୍ତି ପ୍ରତିଯୋଗୀତା। ଜୁନ୍ ମାସ ୬, ୭, ୮ ତିନି ଦିନ ଧରି ଉତରପ୍ରଦେଶର ଗୋଣ୍ଡରେ ଅବସ୍ଥିତ ନନ୍ଦିନୀ ନଗର ମହାବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରତିଯୋଗୀତାରେ ଢେଙ୍କାନାଳ ଜିଲ୍ଲା ନାଠୁଆ ଗ୍ରାମରୁ ୪ ଜଣ ପ୍ରତିଯୋଗୀ, ପୁରୀ ଜିଲ୍ଲାରୁ ୨ ଜଣ ଅଂଶ ଗ୍ରହଣ କରିବା ପାଇଁ କୁସ୍ତି କୋଚ୍ ଆର୍ଯ୍ୟ ପଟ୍ଟନାୟକ ସୂଚନା ଦେଉଛନ୍ତି । ୯୫ କେଜି ବର୍ଗରେ ରଞ୍ଜିତ୍ ନାୟକ, ୪୮ କେଜି ବର୍ଗରେ ବିଶ୍ୱଜିତ୍ ନାୟକ, ୪୩ କେଜି ବର୍ଗରେ ମାନସୀ ଦେହୁରୀ, ୫୭ କେଜି ବର୍ଗରେ ସୁନିତା ବେହେରା, ପୁରୀ ଜିଲ୍ଲାର ବିଶ୍ୱନାଥ ପଣ୍ଡା ୭୧ କେଜୀ, ଇନ୍ଦ୍ରଶ୍ୱର୍ ମହାପାତ୍ର ୫୧ କେଜି ବର୍ଗରେ ଖେଳିବେ ବୋଲି ଗସ୍ତ କରିଛନ୍ତି । ଆଗରୁ ସମସ୍ତ କୁଷିବିତ୍ ଅନେକ ଥର ଓଡ଼ିଶା କୁସ୍ତିରେ ଗୋଲ୍ଡ ମେଡାଲ ହାସଲ କରିଛନ୍ତି ।

# ମୂର୍ଚ୍ଛନା ଓ ଓକା ପକ୍ଷରୁ ରାଜ୍ୟସ୍ତରୀୟ ଝଙ୍କଡ଼ ଓ ରଜ ମହୋତ୍ସବ



କେନ୍ଦ୍ରାପଡ଼ା,୩।୬ (ସଂଚାର ବ୍ୟୁରୋ)ଃ ଓଡିଶାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମୂର୍ଚ୍ଛନା ଓ ଓଡ଼ିଶା କଲଚର ଆର୍ଟ ଏକାଡେମୀ ପକ୍ଷରୁ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓ ଓପିଜିସିଏଲର ମିଳିତ ସହଭାଗିତାରେ ଜିଲ୍ଲା ସଂସ୍କୃତି ଭବନରେ ରାଜ୍ୟ ସ୍ତରୀୟ ଝଙ୍କଡ଼ ମହୋତ୍ସବ ଓ ରଜ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଜଗସିଂହପୁରର ବିଧାୟକ ଅମରେନ୍ଦ୍ର ଦାସ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ ।

ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ବସନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓପିଜିସିଏଲ୍‌ର ଅର୍ଥ ନିର୍ଦ୍ଦେଶକ ଗଗନ ବିହାରୀ ସ୍ୱାଇଁ । ଉତ୍ସବରେ ମୁଖ୍ୟବକ୍ତା ଭାବେ ସଂସ୍କୃତି ଗବେଷକ ତଥା ବାଗ୍ମୀ ପ୍ରଶାନ୍ତ କୁମାର ଶତପଥୀ,ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ କବୟିତ୍ରୀ ଓ ସମାଜସେବୀ ଡ. ସଂଗୀତା ମିଶ୍ର , ଶିକ୍ଷାବିତ ପ୍ରଫେସର ଅକ୍ଷୟ କୁମାର ସାସମଲ,ବିଶିଷ୍ଟ ଶିକ୍ଷାବିତ ସମାଜସେବୀ ପ୍ରଶନ୍ନ କୁମାର ବାରିକ, ଆଡଭୋକେଟ ବୀରନାରାୟଣ ପାତ୍ର, ବିଶ୍ୱଦେବ ସମାଜ ସଭାପତି ସୁଶାନ୍ତ କୁମାର ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ । ବରଗଡର କଂସ ମହାରାଜ ଦେବରାଜ ଛତ୍ରିଆ ଅନ୍ୟତମ ଅତିଥି ଭାବେ ଯୋଗଦେଇ କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ବଂଶୀଧର ସ୍ୱାଇଁ ।

ଏହି ଉତ୍ସବରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ୯୦ ଜଣ କଳାକାର, କବି ଓ ସମାଜସେବୀଙ୍କୁ ମା ଶାରଳା ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ୬୦ ଜଣଙ୍କୁ ବାଣୀକ୍ଷେତ୍ର ସମ୍ମାନ ପ୍ରଦାନ କରାଯାଇଥିଲା । ୫୦ଜଣ ପ୍ରତିଭାଙ୍କୁ ରଜକୁଇନ ଓ ରଜକିଙ୍ଗ ଆୱାର୍ଡ଼ ସ୍ୱରୂପ ରଜ ମୁକୁଟ ପିନ୍ଧା ଯାଇଥିଲା । ପ୍ରାରମ୍ଭରେ ମୋନାଲିସା ମୁଦୁଲିଙ୍କ ସହଯୋଗରେ ଗଙ୍ଗ ଶିଉଳିର ବାସ୍ନା ପକ୍ଷରୁ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

### ଜିଲ୍ଲାପାଳଙ୍କ ଦାମୀ ଗାଡ଼ିକୁ ନେଇ ବଢୁଛି ପ୍ରଶ୍ନ

# ଟେଣ୍ଡର ବିନା କୋଟି କୋଟିର ସରକାରୀ ଖର୍ଚ୍ଚର ରହସ୍ୟ କଣ ?




ଯାଜପୁର,୩।୬ (ସଂଚାର ବ୍ୟୁରୋ)ଃ ଯାଜପୁର ଜିଲ୍ଲା ପ୍ରଶାସନର କାର୍ଯ୍ୟଧାରାକୁ ନେଇ ଏବେ ଉଠିଛି ଗୁରୁତର ପ୍ରଶ୍ନ। ଜିଲ୍ଲାପାଳଙ୍କ ବ୍ୟବହାର ପାଇଁ ଭଡ଼ା ସୂତ୍ରରେ ନିଆଯାଇଥିବା ଏକ ଦାମୀ ଇନୋଭା ହାଇକ୍ରସ୍ ଜେଡଏକ୍ସ (OD34Z-2026) ଗାଡ଼ିକୁ କେନ୍ଦ୍ର କରି ଚର୍ଚ୍ଚା ଜୋର ଧରିଛି। ଯଦି ଗୋଟିଏ ଗାଡ଼ି ନିଯୁକ୍ତି ପ୍ରକ୍ରିୟାରେ ଏତେ ସବୁ ପ୍ରଶ୍ନ ଉଠୁଛି, ତେବେ ଅନ୍ୟ କ୍ଷେତ୍ରରେ ସରକାରୀ ନିୟମ କେତେ ପରିମାଣରେ ପାଳନ ହେଉଛି ବୋଲି ସାଧାରଣ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ, ପ୍ରାୟ ୩୬ରୁ ୩୮ ଲକ୍ଷ ଟଙ୍କା ମୂଲ୍ୟର ଏହି ଗାଡ଼ିଟିକୁ ଜିଲ୍ଲା ପ୍ରଶାସନ ଭଡ଼ାରେ ନେଇଛି। ହେଲେ ପ୍ରଶ୍ନ ଉଠୁଛି— ଏହି ଗାଡ଼ି ନିଯୁକ୍ତି ପାଇଁ କୌଣସି ଉନ୍ମୁକ୍ତ ଟେଣ୍ଡର ପ୍ରକ୍ରିୟା ଅନୁସରଣ କରାଯାଇଥିଲା କି? ଯଦି ଟେଣ୍ଡର ହୋଇନଥିଲା, ତେବେ କେଉଁ ଆଧାରରେ ଏହାକୁ ସରକାରୀ କାର୍ଯ୍ୟରେ ନିୟୋଜିତ କରାଗଲା ?ଆହୁରି ଆଶ୍ଚର୍ଯ୍ୟର ବିଷୟ, ଗାଡ଼ିଟି ଜଣେ ବ୍ୟକ୍ତିଗତ କମ୍ପାନୀ ମାଲିକଙ୍କ ନାମରେ ଥିବା ଅଭିଯୋଗ ହେଉଛି। ସେ ଜଣେ ପଞ୍ଜୀକୃତ ଟ୍ରାଭେଲ ଏଜେନ୍ସି ପରିଚାଳକ ନୁହଁନ୍ତି ବୋଲି କୁହାଯାଉଥିବାବେଳେ, କେଉଁ ନିୟମ ଅନୁସାରେ ତାଙ୍କ ଗାଡ଼ିକୁ ଜିଲ୍ଲା ପ୍ରଶାସନ ଭଡ଼ାରେ ନେଇ ପ୍ରତିମାସ ସରକାରୀ ଅର୍ଥ ବ୍ୟୟ କରୁଛି, ତାହା ସ୍ପଷ୍ଟ ହେଉନାହିଁ।

କେବଳ ସେତିକି ନୁହେଁ, ସାଧାରଣତଃ ଗାଡ଼ି ଯୋଗାଇଥିବା ସଂସ୍ଥା ଡ୍ରାଇଭର ମଧ୍ୟ ପ୍ରଦାନ କରିଥାଏ। କିନ୍ତୁ ଏହି ମାମଲାରେ ସେହି ପ୍ରଥାର ବ୍ୟତିକ୍ରମ ଦେଖାଯାଇଛି। ଜିଲ୍ଲା ପ୍ରଶାସନ ଅଧୀନରେ ଅନେକ ସରକାରୀ ଡ୍ରାଇଭର ଥିବା ସତ୍ତ୍ୱେ, କାହିଁକି ଜମି ଅଧିଗ୍ରହଣ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ଦୈନିକ ମଜୁରିଆ କର୍ମଚାରୀଙ୍କୁ ସେଠାରୁ ହଟାଇ ଏହି ଗାଡ଼ି ଚଳାଇବାକୁ ନିୟୋଜିତ କରାଗଲା? ଏହା କେବଳ ପ୍ରଶାସନିକ ଆବଶ୍ୟକତା ନା ଏହା ପଛରେ ଆଉ କୌଣସି କାରଣ ରହିଛି, ତାହା ନେଇ ପ୍ରଶ୍ନ ଉଠୁଛି।

ଏହା ସହିତ, ଗତ ମେ' ୩୦ ତାରିଖରେ ରାଜ୍ୟ ସରକାର ଜାରି କରିଥିବା ଏକ ନିର୍ଦ୍ଦେଶନାମା ଅନୁଯାୟୀ, ଜିଲ୍ଲାପାଳ ଓ ଏସପିମାନେ ଭଡ଼ା ସୂତ୍ରରେ ସର୍ବାଧିକ ୨୦ ଲକ୍ଷ ଟଙ୍କା ମୂଲ୍ୟର ଗାଡ଼ି ବ୍ୟବହାର କରିପାରିବେ ବୋଲି କୁହାଯାଇଥିବା ଚର୍ଚ୍ଚା ହେଉଛି। ଯଦି ଏହା ସତ୍ୟ, ତେବେ ୩୮ ଲକ୍ଷ ଟଙ୍କା ମୂଲ୍ୟର ଗାଡ଼ି ବ୍ୟବହାର ଜାରି ରହିଥିବା କାରଣ କଣ ଏବଂ ନିୟମ ପାଳନ କାହିଁକି ହୋଇନାହିଁ, ସେନେଇ ମଧ୍ୟ ପ୍ରଶ୍ନ ଉଠୁଛି।

## ରାସ୍ତାରେ ଶବ ରଖି ଧାରଣାରେ ବସିଲେ ପରିବାର ଓ ଗ୍ରାମବାସୀ



ମାହାଙ୍ଗା,୩।୬ (ସଂଚାର ବ୍ୟୁରୋ)ଃ ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଅଧିନ ପୋଡାମରାଇ ଗ୍ରାମର ଫକୀର ସେଠୀଙ୍କ ପୁଅ ଦୀପକ ସେଠୀ(୨୦) ପରିବାରର ଆର୍ଥିକ ସଂକଟ ଥିବାରୁ ସେ ମାସକ ତଳେ ପୋଡାମରାଇ ଗ୍ରାମର ଇନ୍ଦ୍ରଜିତ ସେଠୀ, ସିନ୍ଧୁପୁର ଗ୍ରାମର ବିକାଶ ସେଠୀ, ଦେବରିଓ ଗ୍ରାମର ଠିକାଦାର ଜ୍ୟୋତିରଞ୍ଜନ ଖଟୁଆ, ସୌମ୍ୟରଞ୍ଜନ ଖଟୁଆ ପ୍ରମୁଖ ଦୀପକଙ୍କୁ ମାସକୁ ୨୦ ହଜାର ଟଙ୍କା ଲୋଭ ଦେଖାଇ କାମ କରିବା ନିମନ୍ତେ ଆନ୍ଧ୍ରର ବିକାଶପାଟଣାକୁ ସଙ୍ଗରେ ନେଇଥିଲେ। ସେଠାରେ ରୋଷେଇ କରିବାକୁ ନେଇ ସାଙ୍ଗମାନଙ୍କ ସହ ଯୁକ୍ତି ତର୍କ ହେବାରୁ ତାଙ୍କୁ ବାଲକୋନି ତଳକୁ ଟେକି ଫୋପାଡି ଦେଇ ଥିବା ଦେଇଥିଲେ।

ଚିକିତ୍ସାଧିନ ସମୟରେ ଡାକ୍ତର ଦୀପକଙ୍କୁ ମାଡ ମରାଯାଇଥିବା ନେଇ ପରିବାର ଲୋକଙ୍କୁ ଜଣାଇଥିଲେ। ଯାହା ଫଳରେ ପରିବାର ପକ୍ଷରୁ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ୨୦ ଦିନ ପରେ ଅର୍ଥାତ୍ ଗତ ସୋମବାର ଅପରାହ୍ନ ୪ଟାରେ ଦୀପକଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଆଜି ଦୀପକଙ୍କ ଶବ ବ୍ୟବଚ୍ଛେଦ ପରେ ଗ୍ରାମକୁ ଅଣାଯାଇଥିଲା। ପରିବାର ଏବଂ ଶତାଧିକ ଗ୍ରାମବାସୀ ଦୀପକଙ୍କ ଶବକୁ ନେଇ ନ୍ୟାୟ ପାଇଁ ଭଦ୍ରେଶ୍ୱର ଥାନା ସମ୍ମୁଖରେ ରଖି ଧାରଣାରେ ବସିବେ ବୋଲି ଯାଉଥିବା ସମୟରେ ପୋଲିସ ସେମାନଙ୍କୁ ଅଧା ବାଟ ଭଦ୍ରେଶ୍ୱର ମେଡିକାଲ ସମ୍ମୁଖରେ ଅଟକାଇ ରଖିଥିଲେ। ଯାହାକୁ ନେଇ ରାସ୍ତା ମଝିରେ ପୁଲିସ ଓ ଲୋକଙ୍କ ମଧ୍ୟରେ ଧସ୍ତାଧସ୍ତି ହେବା ସହ ଦୀପକଙ୍କ ଶବକୁ ରାସ୍ତା ମଝିରେ ରଖି ଲୋକମାନେ ଧାରଣାରେ ବସିଥିଲେ।

# କାର୍ଯ୍ୟକାରୀ ହେବ ଶ୍ରୀଜଗନ୍ନାଥ ମନ୍ଦିର ଇ-ହୁଣ୍ଡି ବ୍ୟବସ୍ଥା

## ମଠଗୁଡ଼ିକୁ ଭୂସମ୍ପତ୍ତିଗତ ଅଧିକାର ଦେବା ପାଇଁ ଆଲୋଚନା



ଭୁବନେଶ୍ୱର, ୩।୬ (ସଂଚାର ବ୍ୟୁରୋ): ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଇ-ହୁଣ୍ଡି ବ୍ୟବସ୍ଥା କାର୍ଯ୍ୟକାରୀ ନିମନ୍ତେ ଉଚ୍ଚସ୍ତରୀୟ ବୈଠକ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଆଇନ ବିଭାଗ ସମ୍ମିଳନୀ କକ୍ଷରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଇ-ହୁଣ୍ଡି ବ୍ୟବସ୍ଥାର ସଫଳ କାର୍ଯ୍ୟକାରୀ ନିମନ୍ତେ ଆଲୋଚନା ହୋଇଥିଲା। ଯେଉଁଥିରେ ଭକ୍ତ ତଥା ଶ୍ରଦ୍ଧାଳୁ ନିଜ ଜନ୍ମଦିନ, ବିବାହ ବାର୍ଷିକୀ ତଥା ନିଜର ମନସ୍କାମନା ପୂରଣ ଖୁସିରେ କିଭଳି ଭାବେ ଅନଲାଇନ ମାଧ୍ୟମରେ ଶ୍ରୀମନ୍ଦିର ହୁଣ୍ଡିରେ ଅର୍ଥରାଶି ଦାନ କରିପାରିବେ ସେଥିନେଇ ଆଲୋଚନା ହୋଇଥିଲା। ଦାନ ଅର୍ଥରାଶି ପାଇଁ ଆୟକର ଛାଡ଼ ବ୍ୟବସ୍ଥା ରହିବାକୁ ଥିବା ବେଳେ ଭକ୍ତଙ୍କଠାରୁ ଦାନ ସୂତ୍ରରେ ଆସିବାକୁ ଥିବା ଅର୍ଥ କେବଳ ଶ୍ରୀମନ୍ଦିର ବିକାଶ ଦିଗରେ ଖର୍ଚ୍ଚ ହେବ।

ରାଜ୍ୟ ବାହାରେ ତଥା ବିଦେଶରେ ରହୁଥିବା ଶ୍ରଦ୍ଧାଳୁଙ୍କ ଲାଗି ଅନଲାଇନ ମାଧ୍ୟମରେ ହୁଣ୍ଡିରେ ଦାନ ଦେବା ବ୍ୟବସ୍ଥା ପାଇଁ ଅନେକ ଭକ୍ତ ଇଛା କରି ଆସୁଥିଲେ। ଏହି ଇ-ହୁଣ୍ଡି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ସାଇବର ଅପରାଧୀ ଯେପରି ଫାଇଦା ଉଠାଇ ନ ପାରିବେ ସେଥିଲାଗି ବିହିତ ପଦକ୍ଷେପ ନେବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଛନ୍ତି।

ସେହିପରି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ଜମିରେ ବର୍ଷ ବର୍ଷ ଧରି ବସତି ସ୍ଥାପନ କରି ଆସୁଥିବା ସେବକ, ନିଯୋଗ ଏପରିକି ମଠଗୁଡ଼ିକୁ ଭୂସମ୍ପତ୍ତିଗତ ଅଧିକାର ଦେବା ପାଇଁ ମଧ୍ୟ ବୈଠକ ହୋଇଥିଲା। ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ଜମିରେ ଦୀର୍ଘଦିନ ହେବ ବସବାସ କରୁଥିବା ସେବକ, ନିଯୋଗ ଏବଂ ମଠଗୁଡ଼ିକୁ କିପରି ସଠିକ ବନ୍ଦୋବସ୍ତ କରାଯାଇପାରିବ ସେଥିନେଇ ଆଲୋଚନା ହୋଇଥିଲା। ଏହି ପ୍ରକ୍ରିୟା ଫଳରେ ଦୀର୍ଘଦିନ ଧରି ବସବାସ କରୁଥିବା ସେବକ-ନିଯୋଗମାନେ ବସବାସ କରୁଥିବା ଜମିରେ ନିଜର ଅଧିକାର ସାବ୍ୟସ୍ତ କରିପାରିବେ। ଏହି ବ୍ୟବସ୍ଥା କାର୍ଯ୍ୟକାରି ହେଲେ ଶ୍ରୀଜଗନ୍ନାଥ ଜମି ବନ୍ଦୋବସ୍ତ ବ୍ୟବସ୍ଥାରେ ସଂସ୍କାର ଆସିବା ସହିତ ଅନେକ ସେବାୟତ, ନିଯୋଗ ଏବଂ ମଠ ଆଦି ଉପକୃତ ହୋଇ ପାରିବେ।

## ଦିଲ୍ଲୀରେ ପୁଣିଥରେ ଚମକିଲା ଗଞ୍ଜାମ

# ଗଞ୍ଜାମ ଜିଲ୍ଲାକୁ ତିନି ପ୍ରତିଷ୍ଠିତ ଜାତୀୟ ପୁରସ୍କାର



ଛତ୍ରପୁର,୩।୬ (ସଂଚାର ବ୍ୟୁରୋ) : ପୁଣିଥରେ ଦିଲ୍ଲୀରେ ଚମକିଛି ଗଞ୍ଜାମ ଜିଲ୍ଲା। ଜିଲ୍ଲାକୁ ମିଳିଛି ୩ଟି ପ୍ରତିଷ୍ଠିତ ଜାତୀୟ ପୁରସ୍କାର। ଜିଲ୍ଲାର ୨ଟି ପଞ୍ଚାୟତ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ପାଇଥିବା ବେଳେ ଗଞ୍ଜାମ ଜିଲ୍ଲା ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ପାଇବାର ଗୌରବ ହାସଲ କରିଛି।

ସମଗ୍ର ରାଜ୍ୟରୁ ୪ଟି ପଞ୍ଚାୟତ ଏବଂ ଗୋଟିଏ ଜିଲ୍ଲା ଏହି ଜାତୀୟ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ସେଥିରୁ ୩ଟି ପୁରସ୍କାର ଏକାକୀ ଗଞ୍ଜାମ ଜିଲ୍ଲା ପାଇବାକୁ ସକ୍ଷମ ହୋଇଛି। ପୋଲସରା ବ୍ଲକର ମନ୍ଦାର ପଞ୍ଚାୟତକୁ ଦେଶର ଦ୍ୱିତୀୟ ସର୍ବଶ୍ରେଷ୍ଠ 'ସାମାଜିକ ଭାବେ ନ୍ୟାୟପୂର୍ଣ୍ଣ ଓ ସୁରକ୍ଷିତ' ପଞ୍ଚାୟତ ଭାବେ ସ୍ୱୀକୃତି ମିଳିଥିବା ବେଳେ ଛତ୍ରପୁର ବ୍ଲକର ପୋଟଲାମପୁର ପଞ୍ଚାୟତ ଦେଶର ତୃତୀୟ ସର୍ବଶ୍ରେଷ୍ଠ ସୁସ୍ଥ ପଞ୍ଚାୟତ ପୁରସ୍କାର ପାଇପାରିଛି ସେହିପରି ଗଞ୍ଜାମ ଜିଲ୍ଲାକୁ ଦେଶର ଦ୍ୱିତୀୟ ସର୍ବଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ଭାବେ ପୁରସ୍କୃତ କରାଯାଇଛି। ରାଜଧାନୀ ଦିଲ୍ଲୀରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଠାରୁ ଗଞ୍ଜାମ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଗଞ୍ଜାମ ଜିଲ୍ଲାପାଳ ଶ୍ରୀ କୀର୍ତ୍ତିବାସନ, ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଏପିଡି ବିଜୟ ବେହେରାଙ୍କ ସମେତ ମନ୍ଦାର ସରପଞ୍ଚ ସୁନିତା ଜେନା ପ୍ରମୁଖ ଜିଲ୍ଲାବାସୀଙ୍କ ତରଫରୁ ଟ୍ରଫି, ମାନପତ୍ର ଓ ଅର୍ଥରାଶି ଗ୍ରହଣ କରିଛନ୍ତି।

ପୁରସ୍କାର ବାବଦରେ ଗଞ୍ଜାମ ଜିଲ୍ଲାକୁ ୩ କୋଟି ଟଙ୍କା, ମନ୍ଦାର ପଞ୍ଚାୟତକୁ ୩୭.୫୦ ଲକ୍ଷ ଟଙ୍କା ଓ ପୋଟଲାମପୁର ପଞ୍ଚାୟତକୁ ୨୫ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ମିଳିଛି।

# ଓଡ଼ିଶା ତୁଳନାରେ ଆନ୍ଧ୍ରର ଏସି ଉପଭୋକ୍ତା ଅଧିକ

ଭୁବନେଶ୍ୱର,୩।୬(ସଂଚାର ବ୍ୟୁରୋ): ଚଳିତ ବର୍ଷ ମେ' ୨୧ ତାରିଖରେ ଭାରତରେ ଏସି ଚଳାଇବା ପାଇଁ ସର୍ବାଧିକ ବିଦ୍ୟୁତ ଚାହିଦା ୨ ଲକ୍ଷ ୭୦ ହଜାର ୮୦୦ ମେଗାୱାଟ ଥିବା ବେଳେ ସେହିଦିନ କେବଳ ଆନ୍ଧ୍ରର ବିଦ୍ୟୁତ ଚାହିଦା ଥିଲା ୧୫୦୧୬ ମେଗାୱାଟ। ସେହିତୁଳନାରେ ଓଡ଼ିଶାର ସର୍ବାଧିକ ବିଦ୍ୟୁତ ଚାହିଦା ଥିଲା ମାତ୍ର ୮୮୮ ମେଗାୱାଟ। ଏଥିରୁ ଏସି ବ୍ୟବହାର କରିବାରେ ଓଡ଼ିଶା ଆନ୍ଧ୍ରଠାରୁ ପଛରେ ରହିଛି ବୋଲି ସ୍ପଷ୍ଟ ହୋଇଛି। ପୁଣି ଆନ୍ଧ୍ର ଓ ଜାତୀୟ ହାର ତୁଳନାରେ ଓଡ଼ିଶାର ମୁଣ୍ଡପିଛା ବିଦ୍ୟୁତ ବ୍ୟବହାର ମଧ୍ୟ ଅଧା ରହିଥିବା ଏକ ତଥ୍ୟରୁ ଜଣାପଡ଼ିଛି। ଅର୍ଥାତ୍ ଆନ୍ଧ୍ର ଓ ଜାତୀୟ ହାର ତୁଳନାରେ ଓଡ଼ିଶା ଉପଭୋକ୍ତା ବହୁତ କମ୍, ପ୍ରାୟ ଅଧା ଶୀତତାପ ନିୟନ୍ତ୍ରିତ ଯନ୍ତ୍ର (ଏସି) ବ୍ୟବହାର କରୁଛନ୍ତି। ଏଭଳି ପରିପ୍ରେକ୍ଷୀରେ ଅତ୍ୟଧିକ ବିଦ୍ୟୁତ ବିଭ୍ରାଟ କାରଣ ଦର୍ଶାଇ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଶୀତତାପ ନିୟନ୍ତ୍ରଣ ଯନ୍ତ୍ରର ବହୁଳ ବ୍ୟବହାରକୁ ଦାୟୀ କରିବା ଚର୍ଚ୍ଚା ସୃଷ୍ଟି କରିଛି। ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ, ରାଜ୍ୟରେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ରର ବ୍ୟବହାର ବୃଦ୍ଧି ଘଟିବା ଗୋଟିଏ ପ୍ରଗତିଶୀଳ ଅର୍ଥନୀତିକୁ ସ୍ପଷ୍ଟ କରିଥାଏ। ଏଭଳି ପରିପ୍ରେକ୍ଷୀରେ ମନ୍ତ୍ରୀଙ୍କ ବିବୃତି ରାଜ୍ୟ ଅର୍ଥନୀତି ପାଇଁ ବିକାଶରେ ବାଧକ ସମ୍ଭାବନା ସୃଷ୍ଟି କରିଛି।

# ପଦୋନ୍ନତି ଓ ବଦଳି ପ୍ରକ୍ରିୟାରେ ଦୁର୍ନୀତି ଅଭିଯୋଗ



ଭୁବନେଶ୍ୱର,୩।୬(ସଂଚାର ବ୍ୟୁରୋ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମ୍ପ୍ରତି କରାଯାଇଥିବା ଶିକ୍ଷକ ପଦୋନ୍ନତି ଓ ବଦଳି ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ବୁଧବାର ବିଜେଡି ଅଭିଯୋଗ କରିଛି। ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ଓ ମିଡିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି ଯେ, ଜୁନିଅର ସେକେଣ୍ଡାରୀ ଏଜୁକେସନ୍ ସର୍ଭିସରୁ ସିନିଅର ସେକେଣ୍ଡାରୀ ଏଜୁକେସନ୍ ସର୍ଭିସକୁ ପଦୋନ୍ନତି ହୋଇଥିଲା। ଏଥିରେ ଡିସେମ୍ବର ୨୫ ତାରିଖରେ ପ୍ରକାଶିତ ମେରିଟ୍ ଓ ଗ୍ରେଡେସନ୍ ତାଲିକାକୁ ଉଲ୍ଲଂଘନ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ଅନେକ ମହିଳା ଶିକ୍ଷୟିତ୍ରୀଙ୍କୁ ସେମାନଙ୍କର ବରିଷ୍ଠତା, ପାରିବାରିକ ଦାୟିତ୍ୱ ଓ ଲିଙ୍ଗଗତ ସମ୍ବେଦନଶୀଳତାକୁ ଅବହେଳା କରି ଦୂରବର୍ତ୍ତୀ ଅଞ୍ଚଳକୁ ବଦଳି କରାଯାଇଥିବା ସେ କହିଛନ୍ତି। ଏହା ସରକାରଙ୍କ ପ୍ରଚଳିତ ବଦଳି ନୀତିର ସ୍ୱଚ୍ଛତା ପ୍ରତି ଆଙ୍ଗୁଳି ଉଠାଉଥିବା ସେ ଅଭିଯୋଗ କରିଛନ୍ତି।

# ଲାଞ୍ଜିଗଡ଼ରେ ଦାଦନ ମୃତ୍ୟୁ, ୩ଦିନ ପରେ ଗାଁକୁ ଫେରିଲା ଶବ

ଲାଞ୍ଜିଗଡ,୩।୬(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ଦିନକୁଦିନ ଦାଦନ ସମସ୍ୟା ବଢ଼ିବାରେ ଲାଗିଥିବା ବେଳେ ଅନେକ ସମୟରେ ରାଜ୍ୟ ବାହାରେ ଦାଦନଙ୍କ ମୃତ୍ୟୁ ହେଉଛି। ମଙ୍ଗଳବାର ସନ୍ଧ୍ୟାରେ କେରଳରୁ ଜଣେ ଶ୍ରମିକଙ୍କ ଶବ ନିଜ ଭିଟାମାଟିକୁ ପହଞ୍ଚିଛି। ମୃତ ଦାଦନ ଶ୍ରମିକ ଜଣକ ଲାଞ୍ଜିଗଡ ବ୍ଲକ ପାହାଡ଼ ପଦର ପଞ୍ଚାୟତ ଅନ୍ତର୍ଗତ ପୁଞ୍ଜାମ ଗାଁର ସନାଙ୍ଗ ମାଝୀଙ୍କ ପୁଅ ବିସ୍ନୁ ମାଝୀ (୨୯)। ସୂଚନାନୁସାରେ, ମୃତ ବିସ୍ନୁ କିଛି ମାସ ପୂର୍ବେ ଗାଁର କିଛି ଲୋକଙ୍କ ସହିତ ମିଶି ପରିବାର ପ୍ରତିପୋଷଣ କରିବା ପାଇଁ କେରଳକୁ ଯାଇଥିଲେ। କେରଳର ତ୍ରିଶୂରଠାରେ ଏକ କ୍ରସରରେ କାମ କରୁଥିଲେ। ହେଲେ ଗତ ୩୧ ତାରିଖ ରବିବାର ଦିନ କୌଣସି କାରଣରୁ ତାଙ୍କର ମୃତ୍ୟୁ ହୋଇଥିଲା। କେରଳରୁ ଆମ୍ବୁଲାନ୍ସ ଯୋଗେ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ମୃତଦେହ ପୁଞ୍ଜାମ ଗାଁକୁ ପହଞ୍ଚିଥିବା ବେଳେ କାନ୍ଦ ବୋବାଳୀରେ ଗାଁ ଦାଣ୍ଡ ଫାଟିପଡିଥିଲା। ମୃତ ବିସ୍ନୁ ପରିବାରର ଏକ ମାତ୍ର ରୋଜଗାରକ୍ଷମ ହୋଇଥିବା ବେଳେ ତାଙ୍କର ଏକ ୩ବର୍ଷର ସନ୍ତାନ ଶହ ସ୍ତ୍ରୀ ଏବଂ ବୃଦ୍ଧ ପିତାମତା ରହିଛନ୍ତି। ରୋଜଗାରିଆ ପୁଅକୁ ହରାଇ ପରିବାର ଭାଙ୍ଗି ପଡ଼ିଥିବା ବେଳେ ବୁଧବାର ଶୋକାକୁଳ ପରିବେଶରେ ଗାଁ ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ରାଜ୍ୟରେ ଗ୍ରୀନ୍ ହାଇଡ୍ରୋଜେନ୍ ପରିବହନ ବ୍ୟବସ୍ଥା



ସମୀକ୍ଷା କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୩।୬(ସଂଚାର ବ୍ୟୁରୋ): ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ରାଜ୍ୟର ପ୍ରଥମ ଗ୍ରୀନ୍ ହାଇଡ୍ରୋଜେନ୍ ସାଧାରଣ ପରିବହନ ବ୍ୟବସ୍ଥାର ପ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଶ୍ରୀମତି ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏନ୍‌ଟିପିସି, ଗ୍ରୀଡ୍‌କୋ ଏବଂ କ୍ରୁଟ୍ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ତ୍ରିପାକ୍ଷିକ ବୁଝାମଣାପତ୍ର ପରଠାରୁ ଏ ପର୍ଯ୍ୟନ୍ତ ହୋଇଥିବା ଅଗ୍ରଗତିର ସମୀକ୍ଷା କରାଯାଇଛି। ଏହି ପ୍ରସ୍ତାବିତ ପ୍ରକଳ୍ପ ଅଧୀନରେ ଭୁବନେଶ୍ୱରର ପୋଖରୀପୁଟସ୍ଥିତ 'କ୍ରୁଟ୍' ଡିପୋରେ ଏକ 'ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ ଏବଂ ରିଫୁଏଲିଂ କେନ୍ଦ୍ର' ପ୍ରତିଷ୍ଠା କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ଏକ ପାଇଲଟ୍ ପ୍ରକଳ୍ପ ଭାବେ ତିନୋଟି ହାଇଡ୍ରୋଜେନ୍ ଫ୍ୟୁଏଲ୍ ସେଲ୍ ଇଲେକ୍ଟ୍ରିକ୍ ବସ୍ ପ୍ରଚଳନ କରାଯିବାର ଯୋଜନା ରହିଛି।

ଏହି ପ୍ରକଳ୍ପ ମାଧ୍ୟମରେ ଦୈନିକ ପ୍ରାୟ ୨୬୦ କିଲୋଗ୍ରାମ ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ କରାଯିବା ସହ ବସ୍‌ଗୁଡ଼ିକୁ ଦୈନିକ ୬୦୦ କିଲୋମିଟର ପର୍ଯ୍ୟନ୍ତ ଚଳାଇବାକୁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ବାର୍ଷିକ ପ୍ରାୟ ୯୦୦ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ପାଇବ।

ଏହି ପ୍ରକଳ୍ପ ପାଇଁ ମୋଟ୍ ୫୩.୫୫ କୋଟି ଟଙ୍କା ପୁଞ୍ଜି ବିନିଯୋଗ ହେବା ଆକଳନ କରାଯାଇଛି। ନୂତନ ଏବଂ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ମାଧ୍ୟମରେ ଜାତୀୟ ଗ୍ରୀନ୍ ହାଇଡ୍ରୋଜେନ୍ ମିଶନ ଅଧୀନରେ ୧୯.୫୨ କୋଟି ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରାଯାଇଛି। ବାକି ଅର୍ଥ ଷ୍ଟେକହୋଲ୍ଡରଙ୍କ ଅଂଶଧନ ଏବଂ ରାଜ୍ୟ ସରକାରଙ୍କ ସହାୟତା ମାଧ୍ୟମରେ ଭରଣା କରାଯିବାକୁ ପ୍ରସ୍ତାବ ରହିଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ଏହି ଗ୍ରୀନ୍ ହାଇଡ୍ରୋଜେନ୍ ଗତିଶୀଳତା ପ୍ରକଳ୍ପ ଓଡ଼ିଶାକୁ ଆଗାମୀ ପିଢ଼ିର ସ୍ୱଚ୍ଛ ପରିବହନ ସେବା କ୍ଷେତ୍ରରେ ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠିତ କରିବାର କ୍ଷମତା ରଖିଛି। ଏହି ଅବସରରେ ସେ ଏକ ସୁଦୃଢ଼ ଏବଂ ପ୍ରସାରଣଯୋଗ୍ୟ ହାଇଡ୍ରୋଜେନ୍ ବ୍ୟବସ୍ଥା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି, ଯାହା ସାରା ଦେଶ ପାଇଁ ସ୍ଥାୟୀ ସାଧାରଣ ପରିବହନର ଏକ ମଡେଲ୍ ହୋଇପାରିବ।

# ପଦ୍ମଶ୍ରୀ ମହେନ୍ଦ୍ର ମିଶ୍ର ଓଡ଼ିଆ ଭର୍ଚୁଆଲ ଏକାଡେମୀର ବ୍ରାଣ୍ଡ ଆମ୍ବାସାଡର



ଭୁବନେଶ୍ୱର, ୩।୬ (ସଂଚାର ବ୍ୟୁରୋ): ମାତୃଭାଷା, ଲୋକସାହିତ୍ୟ ଓ ଲୋକସଂସ୍କୃତି କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପଦ୍ମଶ୍ରୀ ମହେନ୍ଦ୍ର କୁମାର ମିଶ୍ରଙ୍କୁ ଓଡ଼ିଆ ଭର୍ଚୁଆଲ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହ ତାଙ୍କୁ ଏକାଡେମୀର "ବ୍ରାଣ୍ଡ ଆମ୍ବାସାଡର" ଘୋଷଣା କରାଯାଇଛି। ସିଓ୍ୱାଇଏସଡି ସଭାଗୃହରେ ଆୟୋଜିତ ଏକ ଭବ୍ୟ ସମାରୋହରେ ପ୍ରସିଦ୍ଧ ପୋଥିବିଜ୍ଞାନୀ ପ୍ରଫୁଲ୍ଲ କୁମାର ମିଶ୍ର, ଶାନ୍ତିନିକେତନର ହରେକୃଷ୍ଣ ମିଶ୍ର ପ୍ରମୁଖ ତାଙ୍କୁ ଅଙ୍ଗବସ୍ତ୍ର ପ୍ରଦାନପୂର୍ବକ ସମ୍ମାନିତ କରିଛନ୍ତି। ସମ୍ବର୍ଦ୍ଧନାର ଉତ୍ତର ଦେଇ ଡ଼. ମିଶ୍ର ପ୍ରତ୍ୟେକ ଓଡ଼ିଆ ସ୍ୱାର୍ଥ, ପୁରୁଷାର୍ଥ ଓ ପରମାର୍ଥ ଲକ୍ଷ୍ୟରେ ଜାତି ତଥା ମାତୃଭାଷାର ସମୃଦ୍ଧି କ୍ଷେତ୍ରରେ ମନୋନିବେଶ କରିବା ଉଚିତ ବୋଲି ମତ ଦେଇଛନ୍ତି। କାର୍ଯ୍ୟକ୍ରମରେ ପୋଥି ବିଜ୍ଞାନୀ ବିଭୂତି ଭୂଷଣ ମହାପାତ୍ର, ସ୍ମୃତି ରଞ୍ଜନ ମିଶ୍ର, ବିଶେଷଜ୍ଞ ଦେବାନନ୍ଦ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

# ସମାଜବାଦୀ ଚିନ୍ତା ଓ ସାମାଜିକ ନ୍ୟାୟ ପାଇଁ ସ୍ମରଣୀୟ ଭାଗବତ



ଭୁବନେଶ୍ୱର,୩।୬ (ସଂଚାର ବ୍ୟୁରୋ): ବିଶିଷ୍ଟ ସମାଜବାଦୀ ନେତା ତଥା ପୂର୍ବତନ ମନ୍ତ୍ରୀ ଦିବଂଗତ ଭାଗବତ ବେହେରାଙ୍କ ୨୪ତମ ବାର୍ଷିକୀ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଆଜି ପୂର୍ବାହ୍ନରେ ଗୀତଗୋବିନ୍ଦ ଭବନରେ ଅନୁଷ୍ଠିତ ହୋଇଯାଇଛି। ଦେଶର ଅଧା ଜନସଂଖ୍ୟାର ବିକାଶ ବିନା ଦୁନିଆରେ ପ୍ରକୃତ ସାମାଜିକ ନ୍ୟାୟ ହାସଲ ହୋଇପାରିବ ନାହିଁ। ବିଜ୍ଞାନ ସମ୍ମତ ଭାବେ ଯେଉଁ ରାଜ୍ୟ ମାନବ ସମ୍ବଳକୁ ସଂରକ୍ଷଣ ପ୍ରଦାନ କରିଛନ୍ତି, ସେ ରାଜ୍ୟ ସେତିକି ପରିମାଣରେ ଉନ୍ନତି କରିଛି। ଏହାର ପ୍ରକୃଷ୍ଟ ଉଦାହରଣ ହେଉଛି ମହାରାଷ୍ଟ୍ର, ତାମିଲନାଡୁ, କେରଳ, କର୍ଣ୍ଣାଟକ, ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶ। ଓଡ଼ିଶାର ପଛୁଆବର୍ଗ ସଂଖ୍ୟାନୁପାତିକ ସଂରକ୍ଷଣରୁ ବଞ୍ଚିତ। ସମ୍ବିଧାନ ପ୍ରଦତ୍ତ ୨୭% ସୀମା ମଧ୍ୟ ଶିକ୍ଷା ଓ ନିଯୁକ୍ତିରେ ଛୁଇଁ ନାହିଁ। ସରକାରୀ ଚାକିରି ସଙ୍କୁଚିତ ହେଉଛି। ସମୟ ଆସିଛି ବଞ୍ଚିତ ବର୍ଗଙ୍କୁ ବେସରକାରୀ କ୍ଷେତ୍ରରେ ସଂରକ୍ଷଣ ଓ ଉଦ୍ୟୋଗ ବିକାଶ ପାଇଁ ଆର୍ଥିକ ପ୍ରୋତ୍ସାହନ। ଆଜିର ସ୍ମୃତି ସଭାରେ ବହୁ ବକ୍ତା ଏଭଳି ମତ ଦେଇଥିଲେ।

ବିଶିଷ୍ଟ ସମାଜସେବୀ, ବର୍ଷୀୟ ଯାଦବ ମହାସଭାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ସଭାପତିତ୍ୱ କରିଥିଲେ । ଆଲୋଚକମାନେ ସମତାଭିତ୍ତିକ ସମାଜ ପ୍ରତିଷ୍ଠା ପାଇଁ ସମାଜବାଦ ହିଁ ହିଁ ରାସ୍ତା ରାସ୍ତା ଉନ୍ମୁକ୍ତ କରିଥାଏ ବୋଲି କହିଥିଲେ। ସାଂପ୍ରତିକ ସମୟରେ ସାମାଜିକ ନ୍ୟାୟ ଆନ୍ଦୋଳନ ମାଧ୍ୟମରେ ପଛୁଆ ବର୍ଗ ନିଜର ଅଧିକାର ସାବ୍ୟସ୍ତ କରିପାରିବେ।

# ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଷଡ଼ଯନ୍ତ୍ରର ଚକ୍ରବ୍ୟୁହ

## ବର୍ଷିଲା ନବ ନିର୍ମାଣ କୃଷକ ସଂଗଠନ



ଜଗତସିଂହପୁର,୩।୬ (ସଂଚାର ବ୍ୟୁରୋ) : ଜଗତସିଂହପୁର ଜିଲ୍ଲାରେ ମିଲର ଓ ଯୋଗାଣ ବିଭାଗ ମଧ୍ୟରେ ଥିବା ମଧୁଚନ୍ଦ୍ରିକାକୁ ପଦାରେ ପକାଉଥିବାରୁ ନବନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତାଙ୍କ ବିରୋଧରେ ମିଛ ଅଭିଯୋଗ କରାଯାଉଛି। ଗତ ୧୯ ତାରିଖରେ ଧାନବିକ୍ରି ସମସ୍ୟାକୁ ନେଇ ସଂଗଠନର ରାଜ୍ୟ ସହସଂଯୋଜକ ରଶ୍ମୀରଞ୍ଜନ ସ୍ୱାଇଁ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା ପାଇଁ ଯାଇଥିଲେ। ସେ ସମୟରେ ଯୋଗାଣ ଅଧିକାରୀ କିଛି କର୍ମଚାରୀଙ୍କ ଜରିଆରେ ରଶ୍ମୀରଞ୍ଜନଙ୍କୁ ମାଡ ମାରିବା ସହ ଗାଳିଗୁଲଜ କରିଥିଲେ। ହେଲେ ଓଲଟା ରଶ୍ମୀରଞ୍ଜନ ତାଙ୍କୁ ମାଡ଼ ମାରିବା ଓ ଜାତିଆଣ ମନ୍ତବ୍ୟ ଦେଇ ଗାଳିଗୁଲଜ କରିଥିବା ପାଲଟା ଅଭିଯୋଗ କରିଛନ୍ତି ଯୋଗାଣ ଅଧିକାରୀ। ଯୋଗାଣ ଅଧିକାରୀଙ୍କ ଏଭଳି କାର୍ଯ୍ୟକୁ ଆଜି ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଏକ ସାମ୍ବାଦିକ ସମ୍ମିଳନୀରେ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ, ଜଗତସିଂହପୁରରୁ ଆରମ୍ଭ ହୋଇଥିବା ନବ ନିର୍ମାଣ କୃଷକ ସଂଗଠନ କେବେ ବି ଅଶ୍ଳୀଳ ଭାଷା ବ୍ୟବହାର କରିବାର ନଜିର ନାହିଁ। ସଂଗଠନ ସବୁବେଳେ ଧାନ ସଂଗ୍ରହ କେନ୍ଦ୍ର, ମିଲର ଓ ପ୍ରଶାସନ ଭିତରେ ଥିବା ଅସାଧୁ ମେଣ୍ଟକୁ ପଦାରେ ପକାଇଛି। ଏହି ଆକ୍ରୋଶ ରଖି ଜଗତସଂହପୁର ଜିଲ୍ଲା ଯୋଗାଣ ଅଧିକାରୀ ଜିତ୍ରାୟ ଟୁଡୁ ତାଙ୍କ ଜନ୍ମଜାତିର ସୁଯୋଗ ନେଇ ମିଲର ଗୁଣ୍ଡାଙ୍କ ସହାୟତରେ ରଶ୍ମୀରଞ୍ଜନ ସ୍ୱାଇଁଙ୍କ ସମେତ ଚାଷୀ ଅନ୍ୟାନ୍ୟ ମହାନ୍ତିଙ୍କୁ ହୀନ ଉଦ୍ଦେଶ୍ୟ ରଖି ମିଛ ମାମଲାରେ ଫସାଇବାର ଷଡଯନ୍ତ୍ର କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ମାର୍ଚ୍ଚ ୧୮ ତାରିଖରେ ଚାଷୀ ଅନ୍ୟାନ୍ୟ ମାହାନ୍ତିଙ୍କର ଧାନ ବିକ୍ରି ପାଇଁ ୪୮କୁଇଣ୍ଟାଲ ଟୋକନ ଆସିବା ସ୍ଥାନରେ ମାତ୍ର ୬ କୁଇଣ୍ଟାଲ ୧୨କେଜିର ଟୋକନ ଆସିଥିବାରୁ ଏଥିରେ ସଂଶୋଧନ ପୂର୍ବକ ୪୨କୁଇଣ୍ଟାଲ ୫୩ କିଲୋ ଧାନ ଶିବ ଶକ୍ତି ସଂଘ ସହାୟିକା ଗୋଷ୍ଠି ଦ୍ୱାରା ପରିଚାଳିତ ତାରାପୁର ଧାନ ସଂଗ୍ରହ କେନ୍ଦ୍ରରେ ଗ୍ରହଣ କରାଯାଇଥିଲା। ଜିଲ୍ଲା ଯୋଗାଣ ଅଧିକାରୀ ମୋଖିକ ଭାବେ ଏହି ଧାନ ବିକ୍ରର ପାପ୍ୟ ଅର୍ଥ ଦେବାପାଇଁ ପ୍ରତିଶୃତିବଦ୍ଧ ହୋଇଥିଲେ। ମାତ୍ର ୨ ମାସ ବିତି ଯାଇଥିଲେ ମଧ୍ୟ ଏହି ଅର୍ଥ ନମିଳିବାରୁ ଜିଲ୍ଲା ଯୋଗାଣ ଅଧିକାରୀ ଚାଷୀ ଅନ୍ୟାନ୍ୟ ମହାନ୍ତିଙ୍କ ସହିତ ରଶ୍ମି ରଞ୍ଜନଙ୍କୁ କାର୍ଯ୍ୟାଳୟକୁ ଆଲୋଚନା ପାଇଁ ଡାକିଥିଲେ ବୋଲି ସେ କହିଥିଲେ।

## ପରକୀୟା ସନ୍ଦେହ

# ପତ୍ନୀଙ୍କୁ ମାରି ନଦୀରେ ଭସାଇ ଦେଲା ସ୍ୱାମୀ



ଭଦ୍ରକ,୩।୬ (ସଂଚାର ବ୍ୟୁରୋ): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ରେବ ନଦୀ କୂଳରୁ ମେ' ୨୯ ତାରିଖରେ ଜଣେ ମହିଳାଙ୍କ ମୃତଦେହ ମିଳିବା ଘଟଣାର ପର୍ଦ୍ଦାଫାସ ହୋଇଛି। ତାଙ୍କୁ ହତ୍ୟା କରି ଫୋପାଡ଼ି ଦେଇଥିବା ଅଭିଯୋଗରେ ତିହିଡ଼ି ପୁଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇ ପୁଲିସ ପକ୍ଷରୁ କୁହାଯାଇଛି, ରେବ ନଦୀ କୂଳରୁ ମିଳିଥିବା ମୃତଦେହଟି କବିତା ବେହେରାଙ୍କର। ତାଙ୍କୁ ୩୫ ବର୍ଷ ହୋଇଥିଲା। ତାଙ୍କ ଘର ବିହାରରେ। ସେ ଭଦ୍ରକ ଜିଲ୍ଲା ଧୁଷୁରୀ ଥାନା କଟସାହି ପଥରଡିହ ଗ୍ରାମର ପ୍ରଫୁଲ୍ଲ ବେହେରାଙ୍କୁ ବିବାହ କରିଥିଲେ। ତାଙ୍କର ଦୁଇଟି ସନ୍ତାନ ଅଛନ୍ତି।

କବିତାଙ୍କର ଅନ୍ୟ କୌଣସି ପୁରୁଷଙ୍କ ସହିତ ସମ୍ପର୍କ ଥିବା ନେଇ ସବୁବେଳେ ସନ୍ଦେହ କରୁଥିଲେ ପ୍ରଫୁଲ୍ଲ। ତାଙ୍କର ଏହି ସନ୍ଦେହ ମେ' ୨୮ ତାରିଖ ରାତିରେ ନେଇଥିଲା ଭୟଙ୍କର ରୂପ। ଏକ ହେମଦସ୍ତାରେ ସେ କବିତାଙ୍କ ମୁଣ୍ଡକୁ ପିଟି ମାରି ଦେଇଥିଲେ। ଘରେ ପଡ଼ିଥିବା ରକ୍ତ ଛିଟା ସଫା କରିବା ପରେ ପ୍ରଫୁଲ୍ଲ ନିଜ ଭାଇ ମାୟାଧରଙ୍କ ସାହାଯ୍ୟ ନେଇଥିଲେ। ସେମାନେ ଏକ ମୋଟର ସାଇକେଲରେ କବିତାଙ୍କ ମୃତଦେହକୁ ବସାଇ ୧୦ କିମି ଦୂର ତିହିଡ଼ି ଥାନା ରେବ ନଦୀ କୂଳକୁ ନେଇଥିଲେ। ସେମାନେ କବିତାଙ୍କ ମୃତଦେହକୁ ନଦୀରେ ଭସାଇଥିଲେ। ସେମାନେ ଭାବିଥିଲେ ନଦୀରେ ମୃତଦେହଟି ଭାସିଯିବ ଓ ସମୁଦ୍ରକୁ ପଳାଇବ ନହେଲେ କୁମ୍ଭୀର ଖାଇଦେବେ। କିନ୍ତୁ ଜୁଆର ଛାଡ଼ିଗଲା ଓ କୂଳରେ ଶବ ପଡ଼ିରହିଲା। ପଚରାଉଚରା ପରେ ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ମଦ ଦୋକାନ ଲଟେରୀ ଆବେଦନକାରୀଙ୍କ ଟଙ୍କା ବରବାଦ୍



ଭୁବନେଶ୍ୱର, ୩।୬: ମଦ ଦୋକାନ ଲାଇସେନ୍ସ ପାଇଁ ଲଟେରୀରେ ବାଜି ଲଗାଇ ହଜାର ହଜାର ଆଶାୟୀ କୋଟି କୋଟି ଟଙ୍କା ହରାଉଛନ୍ତି। ଏହି ଅର୍ଥ ସେମାନେ କେଉଁଠୁ ଓ କିପରି ଭରଣା କରିବେ ଏ ଚିନ୍ତା ଏବେ ମଦ ଲଟେରୀ ହାରିଥିବା ଲୋକଙ୍କର। ପୂର୍ବରୁ ମଦ ଦୋକାନ ସବୁ ନିଲାମ ହେଉଥିଲା। ଆଉ ଗୋଟିଏ ସମୟରେ ନିଲାମ ନକରି ମଦ ଦୋକାନୀଙ୍କଠାରୁ ପ୍ରତିବର୍ଷ କିଛି କିଛି ଅଧିକ ଲାଇସେନ୍ସ ଫି' ଆଦାୟ କରାଗଲା। ଏଥର ନୂଆ ଅବକାରୀ ନୀତି ଅନୁଯାୟୀ ସରକାର ଲଟେରୀ ମାଧ୍ୟମରେ ଉଭୟ ଦେଶୀ ଓ ବିଦେଶୀ ମଦଦୋକାନଗୁଡ଼ିକର ଲାଇସେନ୍ସ ପ୍ରଦାନ କରିବାକୁ ଯାଉଛନ୍ତି। ଏବେ ସାରା ରାଜ୍ୟରେ ଲଟେରୀ ମାଧ୍ୟମରେ ମଦ ଦୋକାନ ଆବଣ୍ଟନ ପ୍ରକ୍ରିୟା ଜାରି ରହିଛି। ଜିଲ୍ଲାପାଳମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାମ ଚାଲିଛି। ଏ ବାବଦରେ ସରକାର ପୂର୍ବ ବର୍ଷ ତୁଳନାରେ ଢେର ଅଧିକ ଆୟ କରିବେ ବୋଲି ଆଶା କରାଯାଉଛି। ଲଟେରୀ ମାଧ୍ୟମରେ ମଦ ଦୋକାନ ଲାଇସେନ୍ସ ଆବଣ୍ଟନ କରାଯିବ ବୋଲି ଜଣାପଡ଼ିବା ପରେ ଉଭୟ ଦେଶୀ ଓ ବିଦେଶୀ ମଦ ଦୋକାନୀମାନଙ୍କ ଚିନ୍ତା ବଢ଼ିଯାଇଥିଲା। ମଦ ବ୍ୟବସାୟରୁ କୋଟି କୋଟି ଟଙ୍କାର ମୁନାଫା ଯେଉଁମାନେ ବର୍ଷବର୍ଷ ଧରି ଉଠାଇଛନ୍ତି ସେମାନେ ଯେ କୌଣସି ପ୍ରକାରେ ଲଟେରୀ ଜିଣି ନିଜନିଜ ମଦ ଦୋକାନ ଲାଇସେନ୍ସକ ନିରାପଦ ରଖିବା ଲାଗି ଆପ୍ରାଣ ଉଦ୍ୟମ କରୁଥିବାବେଳେ ମଦ ବ୍ୟବସାୟରୁ ପ୍ରଚୁର ଲାଭ ଉଠାଇବା ଆଶା ରଖି ରାଜ୍ୟ ଭିତର ଓ ବାହାରରେ ବହୁ ବ୍ୟକ୍ତି ଏହି ଲଟେରୀ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଏବେ ଜଣାପଡୁଛି ଗୋଟିଏ ଗୋଟିଏ ମଦ ଦୋକାନ ପାଇଁ ଆବେଦନକାରୀଙ୍କ ସଂଖ୍ୟା ଢେର ଅଧିକ ରହିବାର କାରଣ। ଯେଉଁମାନେ ମଦ ଦୋକାନ ଲାଇସେନ୍ସ ପାଇଛନ୍ତି ସେମାନଙ୍କ ଭିତରୁ ଅନେକ ନିଜ ପରିବାର, ଜ୍ଞାତି ପରିଜନ ଓ ଅନ୍ୟମାନଙ୍କ ନାମରେ ବି ଆବେଦନ କରିଛନ୍ତି। ସେହିଭଳି ନୂଆ ଲାଇସେନ୍ସ ପାଇବାକୁ ଇଚ୍ଛା କରିଥିବା ବ୍ୟକ୍ତିମାନେ ମଧ୍ୟ ଭିନ୍ନଭିନ୍ନ ନାମରେ ଏକାଧିକ ଆବେଦନ କରିଛନ୍ତି। ସରକାରଙ୍କ ଲଟେରୀ ବ୍ୟବସ୍ଥା ଅନୁଯାୟୀ ଦେଶୀ ମଦ ଦୋକାନ ଲାଗି ପ୍ରତ୍ୟେକ ଆବେଦନକାରୀ ଆବେଦନ ପତ୍ର ସହ ୨ଲକ୍ଷ ଟଙ୍କା ଓ ଭାରତ ତିଆରି ବିଦେଶୀ ମଦ ଦୋକାନ ପାଇଁ ୩ଲକ୍ଷ ଟଙ୍କା କରି ଜମା ଦେଉଛନ୍ତି। ଏହି ଅର୍ଥ ଜମା କଲେ ଯାଇ ସେମାନଙ୍କ ଆବେଦନ ଲଟେରୀ ପାଇଁ ଯୋଗ୍ୟ ବିବେଚିତ ହେଉଛି। ତେବେ ଗୋଟିଏ ମଦ ଦୋକାନ ପାଇଁ ହେଉଥିବା ଲଟେରୀ ଉଠାଣ ଜଣେ ଜିଣୁଥିବାବେଳେ ସ୍ଥଳ ବିଶେଷରେ ଏଥିପାଇଁ ହୋଇଥିବା ଆଉ ୧୫ରୁ ୩୦ ପର୍ଯ୍ୟନ୍ତ ଆବେଦନକାରୀଙ୍କ ନାମ ଲଟେରୀରେ ଆସୁନାହିଁ। ସର୍ତ୍ତ ମୁତାବକ ଲଟେରୀରେ ନାମ ଉଠୁ କି ନଉଠୁ ଏହି ୨ଲକ୍ଷ ଓ ୩ଲକ୍ଷ ଟଙ୍କାର ଆବେଦନ ଫିସ୍ ଫେରସ୍ତ ଦିଆଯିବ ନାହିଁ ଓ ତାହା ସରକାରୀ ତହବିଲରେ ହିଁ ରହିଯିବ। ଫଳରେ ଯେଉଁମାନଙ୍କର ଲଟେରୀ ଉଠିଛି ସେମାନଙ୍କର ଆଉ ୫/୧୦ଟି କା'ଆବେଦନ ନାମଞ୍ଜୁର ହେଲେ ବି ଦୁଃଖ ନାହିଁ।(ତଥ୍ୟ)

# ନାମଲେଖା ପ୍ରମାଣପତ୍ର ତୁରନ୍ତ ପ୍ରଦାନ ପାଇଁ ନିର୍ଦ୍ଦେଶ



ବିଳମ୍ବ କଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୩।୬(ସଂଚାର ବ୍ୟୁରୋ): ଶିକ୍ଷାନୁଷ୍ଠାନରେ ନାମଲେଖା ଉଦ୍ଦେଶ୍ୟରେ ଆବେଦନ କରାଯାଇଥିବା ବିବିଧ ଜାତି ପ୍ରମାଣପତ୍ରର ତ୍ୱରିତ ପ୍ରଦାନ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି। ବର୍ତ୍ତମାନ ବିଭିନ୍ନ ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବାସିନ୍ଦା, ଆୟ ଏବଂ ଜାତି ପ୍ରମାଣପତ୍ର ସମେତ ବିଭିନ୍ନ ପ୍ରକାରର ପ୍ରମାଣପତ୍ର ପାଇଁ ବହୁସଂଖ୍ୟକ ଆବେଦନ କରାଯାଉଛି। ଏହି ଆବେଦନଗୁଡ଼ିକର ନିଷ୍ପତ୍ତି ପ୍ରକ୍ରିୟା ଓଡ଼ିଶା ଜନସେବା ଅଧିକାର ଆଇନ,୨୦୧୨ ଅଧୀନରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରଦାନ କରାଯିବା ଆବଶ୍ୟକ। ଏହାଦ୍ୱାରା ନାମଲେଖା ସମୟରେ ଛାତ୍ରଛାତ୍ରୀ ଓ ସେମାନଙ୍କର ଅଭିଭାବକଙ୍କ ପାଇଁ କୌଣସି ସମସ୍ୟା ସୃଷ୍ଟିହେବ ନାହିଁ। ଆବେଦନକାରୀଙ୍କ ଇ-ଡିଷ୍ଟ୍ରିକ୍ଟ ପୋର୍ଟାଲ୍‌ରେ ଥିବା ତଥ୍ୟ ସହିତ ଦରଖାସ୍ତ ଉପରେ ଅଧିକାରୀମାନେ ତୁରନ୍ତ ନିଷ୍ପତ୍ତି ଗ୍ରହଣ କରିବାକୁ କୁହାଯାଇଛି।

ଏଥିସହିତ ନାମଲେଖା ପାଇଁ ଉଦ୍ଦିଷ୍ଟ ପ୍ରମାଣପତ୍ରଗୁଡ଼ିକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରଦାନ ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ନିର୍ଦ୍ଦେଶରେ କୁହାଯାଇଛି ଯେ, ଉପଜିଲ୍ଲାପାଳ ଏହାକୁ ନିଜେ ତଦାରଖ କରିବେ। ଯଦି କୌଣସି ସ୍ତରରେ ବିଳମ୍ବ ଘଟୁଥାଏ ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବେ। ଅତିରିକ୍ତ ଜିଲ୍ଲାପାଳ ପ୍ରତି ୭ ଦିନରେ ଓ ଜିଲ୍ଲାପାଳ ପ୍ରତି ୧୫ ଦିନରେ ଏବଂ ରାଜସ୍ୱ ଆୟୁକ୍ତ ପ୍ରତି ମାସରେ ତହସିଲସ୍ତରୀୟ ସମୀକ୍ଷା କରିବେ।

# କୁଏତ୍ ଉପରେ ଇରାନର ମିସାଇଲ୍ ମାଡ଼

## କେସମ୍ ଦ୍ୱୀପକୁ ଟାର୍ଗେଟ୍ କଲା ଆମେରିକା



ତେହେରାନ/ୱାଶିଂଟନ,୩।୬: ମଧ୍ୟପ୍ରାଚ୍ୟ ପୁଣି ଅଶାନ୍ତ। ଆରମ୍ଭ ହେଲେ ଘମାଘୋଟ ଲଢ଼େଇ। ଆମେରିକା ଓ ଇରାନ ମଧ୍ୟରେ ଲଢ଼େଇ। ଉଭୟ ପରସ୍ପର ଉପରେ ଆକ୍ରମଣ କରିଛନ୍ତି। ଆମେରିକା ଉପରେ ପ୍ରତିଶୋଧ ନେବାକୁ ଯାଇ ଇରାନ କୁଏତ ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ମାଡ଼ କରିଛି। ସେପଟେ କୁଏତ ଏ ଆକ୍ରମଣକୁ ନିନ୍ଦା କରିବା ସହିତ ଏୟାର ଡିଫେନ୍ସ ସିଷ୍ଟମ ସାହାଯ୍ୟରେ ଶତ୍ରୁପକ୍ଷର ମିସାଇଲ୍ ଏବଂ ଡ୍ରୋନକୁ ନଷ୍ଟ କରିଦେଇଛି। ଆମେରିକା ଉପରେ ପ୍ରତିଶୋଧ ନେବାକୁ ଯାଇ ଇରାନ ଏହି ଆକ୍ରମଣ କରିଛି। କୁଏତ ଯେଉଁ ଅଞ୍ଚଳରେ ଇରାନ ମିସାଇଲ୍ ମାଡ଼ କରିଛି, ସେହି ସ୍ଥାନରେ ଜୋରଦାର ବିସ୍ଫୋରଣ ହୋଇଥିଲା। ବ୍ଲାଷ୍ଟ ପରେ ଭୟଭୀତ ହୋଇଯାଇଛନ୍ତି ସ୍ଥାନୀୟ ଲୋକ। ଇରାନ ଗଣମାଧ୍ୟମ ଏକ ରିପୋର୍ଟ ଅନୁଯାୟୀ, କୁଏତର ଏକ ଦ୍ୱୀପ ଅଞ୍ଚଳରେ ବିସ୍ଫୋରଣ ଶୁଣାବାକୁ ମିଳିବାକୁ।

ଇରାନର ସରକାରୀ ଟିଭି ଚ୍ୟାନେଲ୍ ଆଇଆରଆଇବି ଦାବି କରିଛି ଯେ କୁଏତରେ ଥିବା ଆମେରିକୀୟ ଘାଟିଗୁଡ଼ିକୁ ଟାର୍ଗେଟ କରାଯାଇଛି। ଇରାନ ପ୍ରତିଶୋଧ ପରାୟଣ ହୋଇ କୁଏତରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ଘନଘନ ମିସାଇଲ୍ ମାଡ଼ କରିଛି। ଆମେରିକୀୟ ସେନା ଇରାନର ଅନେକ ଡ୍ରୋନକୁ ଖସାଇ ଦେଇଛନ୍ତି। ଏହି ଡ୍ରୋନ୍ ସମୁଦ୍ରରେ ସାଧାରଣ ପରିବହନ କରୁଥିବା ଜାହାଜକୁ ଟାର୍ଗେଟ୍ କରିଥାନ୍ତା। ଏପରିକି ଇରାନ ଉପରେ ପ୍ରତି ଜବାବ ଦେବାକୁ ଯାଇ ଇରାନର କେସମ୍ ଦ୍ୱୀପରେ ଥିବା ଇରାନ୍ କଣ୍ଟ୍ରୋଲ୍ ଷ୍ଟେସନ ଉପରେ ୟୁଏସ ପକ୍ଷରୁ ଆକ୍ରମଣ କରାଯାଇଛି। ଆମେରିକାର କେନ୍ଦ୍ରୀୟ କମାଣ୍ଡ କହିଛି ଯେ ଇରାନର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣକୁ ଆକାଶମାର୍ଗରେ ହିଁ ପଣ୍ଡ କରାଯାଇଛି। ଅନ୍ୟପଟେ ବାହାରିନର ଗୃହ ମନ୍ତ୍ରଣାଳୟ ମଧ୍ୟ ଏକ ସତର୍କତା ସାଇରନ୍ ବାଜିବା ବିଷୟରେ ରିପୋର୍ଟ କରିଛି। ଜବାବରେ ଆମେରିକା ହର୍ମୁଜ ପ୍ରଣାଳୀରେ ଇରାନର ଆଇଲ୍ୟାଣ୍ଡକୁ ଟାର୍ଗେଟ୍ କରିଛି।

ଆମେରିକା ସେନା ଏହି ଆକ୍ରମଣକୁ ଆତ୍ମରକ୍ଷା ବୋଲି ବର୍ଣ୍ଣନା କରିଛି। ଏହା ସହିତ ଆମେରିକା ହର୍ମୁଜ୍ ପ୍ରଣାଳୀ ନିକଟରେ ଏକ ତୈଳ ଟ୍ୟାଙ୍କରକୁ ଟାର୍ଗେଟ୍ କରି ଆକ୍ରମଣ କରିଛି। ଏଥିରେ ତୈଳ ଜାହାଜ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଥିଲା ସୂଚନା ରହିଛି। ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ଆଲୋଚନା ଫେଲ୍ ମାରିବା ପରେ ପୁଣି ଥରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଯାଇଛି। ଇରାନ ଆକ୍ରମଣ ପ୍ରତି ଜବାବ ଦେଉଛି ଆମେରିକୀୟ ସେନା।

### ୨୪ ଘଣ୍ଟା ଖୋଲା ରହିବ ହର୍ମୁଜ୍

ତେହେରାନ, ୩।୬: ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ସଂଘର୍ଷ ମଧ୍ୟରେ ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ନେଇ ବିଶ୍ୱକୁ ଏକ ଆଶ୍ୱସ୍ତିକର ଖବର ଆସୁଛି, ଯାହା ବିଶ୍ୱର ତୈଳ ସଙ୍କଟ କମିବାର ସୂଚାଉଛି। ଇରାନର ସରକାରୀ ଟିଭି ଘୋଷଣା କରିଛି ଯେ, ହର୍ମୁଜରେ ପରିବହନ ବୃଦ୍ଧି ପାଇଁ ୨୪ ଘଣ୍ଟିଆ ଗମନାଗମନ ସେବା ଯୋଗାଇ ଦିଆଯିବ। ଇରାନର ନିଷ୍ପତ୍ତି ପରେ ବର୍ତ୍ତମାନ ଏହି ସମୁଦ୍ର ପଥ ଦେଇ ତୈଳ ଏବଂ ଅନ୍ୟ ଜାହାଜ ଗୁଡ଼ିକର ଗତିବିଧି ଦିନରାତି କୌଣସି ଅଟକ ବିନା ଯାତାୟାତ କରିବ। ଏହି କାରଣରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଯୋଗାଣରେ ଉନ୍ନତି ହେବ ଏବଂ ମୂଲ୍ୟ ସ୍ଥିର ହୋଇଯିବ ବୋଲି ଆଶା କରାଯାଉଛି। ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଆଲୋଚନାକୁ ନେଇ ଅନିଶ୍ଚିତତା ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ବୁଝାମଣାରେ ଇରାନ ଅତ୍ୟଧିକ ସମୟ ନେଇଛି ଏବଂ ପରମାଣୁ ଅସ୍ତ୍ର ହାସଲ ନକରିବା ପାଇଁ ଟ୍ରମ୍ପ ପ୍ରଶାସନର ସବୁଠାରୁ ବଡ ପ୍ରାଥମିକତା।

# ‘କାଲା ହିରନ୍’ ବିବାଦ
## ପ୍ରଯୋଜକଙ୍କୁ ସଲମାନଙ୍କ ନୋଟିସ୍




ନୂଆଦିଲ୍ଲୀ, ୨।୬: ହରିଣ ମୃତ୍ୟୁକୁ ନେଇ ଏକ ବଲିଉଡ୍ ଫିଲ୍ମ ନିର୍ମାଣ ହେବାକୁ ଯାଉଥିବା ବେଳେ ଏହାକୁ ନେଇ ବିବାଦ ଆରମ୍ଭ ହୋଇଛି। ପ୍ରଯୋଜକ ଅମିତ ଜାନି ‘କାଲା ହିରନ୍’ ଟାଇଟଲରେ ଏକ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି। ସେ ଏହାର ପୋଷ୍ଟର ରିଲିଜ୍ କରିଥିବା ବେଳେ ଜୁନ୍ ୨୦ ତାରିଖରେ ଫିଲ୍ମର ଟିଜର ଲଞ୍ଚ୍ କରିବେ। ତେବେ ଟାଇଟଲ ଶୁଣି ଚିହିଁକି ଉଠିଛନ୍ତି ବଲିଉଡର ଦବଙ୍ଗ ଷ୍ଟାର ସଲମାନ ଖାନ। ଫିଲ୍ମକୁ ନେଇ ପ୍ରଯୋଜକଙ୍କୁ ଆଇନଗତ ନୋଟିସ୍ ପଠାଇଛନ୍ତି ସଲମାନ। ଏଥିସହିତ ସେ ଫିଲ୍ମ ନିର୍ମାତାଙ୍କୁ ୨୪ ଘଣ୍ଟା ମଧ୍ୟରେ ଫିଲ୍ମ ସହିତ ଜଡିତ ସମସ୍ତ କଣ୍ଟେଣ୍ଟ ହଟାଇବାକୁ ଧମକ ଦେଇଛନ୍ତି। ଏପରି ନ କଲେ ସେ ତାଙ୍କ ବିରୁଦ୍ଧରେ ସେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ୍ୟ ହେବେ ବୋଲି ସଲମାନଙ୍କ ପକ୍ଷରୁ ଏକ ନୋଟିସ ପଠାଯାଇଛି। ଏହି ନୋଟିସକୁ ଅମିତ ଜାନି ନିଜ ସୋସିଆଲ ମିଡିଆରେ ସେୟାର କରିଛନ୍ତି। ନୋଟିସରେ ଫିଲ୍ମ ନିର୍ମାଣ ପଛର ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠାଯାଇଛି। ନୋଟିସ ଅନୁଯାୟୀ ସଲମାନ ଓ କୃଷ୍ଣସାର ମୃଗ ଶିକାର ଘଟଣା ସହ ଜଡିତ ଏହି ମାମଲା ବର୍ତ୍ତମାନ ରାଜସ୍ଥାନ ହାଇକୋର୍ଟରେ ବିଚାରାଧୀନ ରହିଛି। ଫଳସ୍ୱରୂପ ଏହି ପ୍ରକାରର ଏକ ଫିଲ୍ମ ମାମଲାକୁ ଆହୁରି ଚାଞ୍ଚଲ୍ୟକର କରିପାରେ ଏବଂ ନିରପେକ୍ଷ ନ୍ୟାୟ ପ୍ରକ୍ରିୟାକୁ ପ୍ରଭାବିତ କରିପାରେ। ଏଭଳି ଫିଲ୍ମ ସଲମାନଙ୍କ କେସକୁ ଦୁର୍ବଳ କରିବା ନେଇ ଆଶଙ୍କା ସୃଷ୍ଟି କରୁଛି। ଫିଲ୍ମ ନିର୍ମାତାମାନେ ସଲମାନଙ୍କ ପରିଚୟକୁ କାହିଁକି ତାଙ୍କ ଅନୁମତି ବିନା ବ୍ୟବହାର କଲେ ବୋଲି ନୋଟିସରେ ପ୍ରଶ୍ନ କରାଯାଇଛି। ଏହି ଫିଲ୍ମଟି ସଲମାନ ଏବଂ କଳା ମୃଗ ଶିକାର ମାମଲା ଉପରେ ଆଧାରିତ। ତେଣୁ ଫିଲ୍ମ ବିରୁଦ୍ଧରେ ଗୋପନୀୟତା ଉଲ୍ଲଂଘନର ଅଭିଯୋଗ ଆସିଛି। ଫିଲ୍ମ ନିର୍ମାତା କେବଳ ନିଜ ଲାଭ ପାଇଁ ସଲମାନଙ୍କ ନାମକୁ ବ୍ୟବହାର କରୁଥିବା ନୋଟିସରେ ଉଲ୍ଲେଖ କରାଯାଇଛି। ଏହାଦ୍ୱାରା ଜଣେ ଷ୍ଟାରଙ୍କ ଭାବମୂର୍ତ୍ତୀ ନଷ୍ଟ ହେବାର ଆଶଙ୍କା ରହିଛି। ସୂଚନାଯୋଗ୍ୟ ଯେ, ୧୯୯୮ ମସିହା କୃଷ୍ଣସାର ମୃଗ ଶିକାର ମାମଲାରେ ଛନ୍ଦି ହୋଇଯାଇଥିଲେ ବଲିଉଡ ଅଭିନେତା ସଲମାନ ଖାନ। ହମ ସାଥ-ସାଥ ହେ ଫିଲ୍ମ ସୁଟିଂ ସମୟରେ ରାଜସ୍ଥାନର ଯୋଧପୁର ନିକଟବର୍ତ୍ତୀ କଙ୍କାଣି ଗାଁରେ ଦୁଇଟି କୃଷ୍ଣସାର ମୃଗ ଶିକାର କରିବାର ସଲମାନଙ୍କ ବିରୁଦ୍ଧରେ ଅଭିଯୋଗ ରହିଛି।

## ୧୦ ହଜାର ଫୁଟ ଉଚ୍ଚରୁ ତଳକୁ ଡେଇଁ ପଡ଼ିଲେ ସ୍ପେନ୍‌ର ରାଜକୁମାରୀ



ମାଦ୍ରିଦ୍, ୩।୬: ସେନା ହେବାକୁ ପ୍ରସ୍ତୁତ ରାଜକୁମାରୀ ! ପାରାଚ୍ୟୁଟ ଧରି ଜମ୍ପ ମାରି ବୀରତ୍ୱର ପରିଚୟ ଦେଲେ ସ୍ପେନର ଭାବି ରାଣୀ ଲିଓନୋର। ଦାୟିତ୍ୱ ନେବା ପୂର୍ବରୁ ସାମରିକ ଶୃଙ୍ଖଳାର ଉଦାହରଣ ପାଳଟିଛନ୍ତି। ସେ ଏପରି କରିବାରେ ସ୍ପାନିଶ ରାଜ ପରିବାରର ପ୍ରଥମ ସଦସ୍ୟ ହୋଇଛନ୍ତି। ସ୍ପାନିସ୍ ସିଂହାସନର ଉତ୍ତରାଧିକାରୀ ରାଜକୁମାରୀ ଲିଓନର୍ ଦକ୍ଷିଣ-ପୂର୍ବ ସ୍ପେନର ମୁର୍ସିଆର ସାମରିକ ପାରାଚୁଟିଂ ସ୍କୁଲରେ ପାରାଟ୍ରୁପର୍ ତାଲିମ ସମାପ୍ତ କରିଛନ୍ତି। ଏନେଇ ମାଦ୍ରିଦ୍‌ରେ ଘୋଷଣା କରିଛି ରୟାଲ୍ ହାଉସହୋଲ୍ଡ। ୨୦ ବର୍ଷୀୟା ଲିଓନର୍ ୫୦ ଜଣ ଅନ୍ୟ କ୍ୟାଡେଟଙ୍କ ସହିତ “କାଜାଡୋର ପାରାକାଇଡିଷ୍ଟା” ବ୍ୟାଜ୍ ଏବଂ ଡିପ୍ଲୋମା ଅର୍ଜନ କରିବା ପାଇଁ ବିଭିନ୍ନ ଦୁଃସାହାସିକ ତାଲିମ ସଫଳତାର ସହ ସମାପ୍ତ କରିଛନ୍ତି ପାରାଚୁଟିଂ ପାଠ୍ୟକ୍ରମ ଜେନେରାଲ ଏକାଡେମୀ ଅଫ୍ ଏରୋନଟିକ୍ସ ଆଣ୍ଡ ଆଷ୍ଟ୍ରୋନାଟିକ୍ସରେ ଲିଓନରଙ୍କ ସାମରିକ ତାଲିମର ଏକ ଅଂଶ ଥିଲା। ଯେଉଁଠାରେ ସେ ବର୍ତ୍ତମାନ ତାଙ୍କର ତୃତୀୟ ଏବଂ ଶେଷ ବର୍ଷରେ ଅଫିସର ତାଲିମ ନେଉଛନ୍ତି।

## ୩ ମାସ ପରେ ଖାମେନିଙ୍କ ଅନ୍ତିମ ସଂସ୍କାର



ତେହେରାନ, ୩।୬: ଦୀର୍ଘ ୩ ମାସ ପରେ ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନିଙ୍କ ଅନ୍ତିମ ସଂସ୍କାର ଇରାନରେ ହେବାକୁ ଯାଉଛି। ସରକାର ତିନି ଦିନିଆ ରାଷ୍ଟ୍ରିୟ ଶୋକ ଘୋଷଣା କରିଛନ୍ତି। ଏହି ସୂଚନା ଇରାନର ସରକାରୀ ଗଣମାଧ୍ୟମ ଦ୍ୱାରା ପ୍ରକାଶିତ ହୋଇଛି। ତେହେରାନର ଡେପୁଟି ମେୟର ମହମ୍ମଦ ଅମିନ ତାଭାକୋଲି-ଜାଦେହ ଏହି ଖବରକୁ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ ଅନେକ ପ୍ରମୁଖ ସହରରେ ଶୋକ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଆମେରିକା-ଇସ୍ରାଏଲ ଯୁଦ୍ଧର ପ୍ରଥମ ଦିନରେ ଖାମେନିଙ୍କ ମୃତ୍ୟୁ ହୋଇଥିଲା। ଇରାନୀ ଗଣମାଧ୍ୟମ ଅନୁଯାୟୀ, ଏହି ଶୋଭାଯାତ୍ରା ରାଜଧାନୀ ତେହେରାନ ସହିତ କୋମ ଏବଂ ମାଶହାଦରେ ଅନୁଷ୍ଠିତ ହେବ। ତିନୋଟି ସ୍ଥାନରେ ବଡ଼ ଧରଣର ସାର୍ବଜନୀନ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। କେବଳ ତେହେରାନରେ ସମାରୋହ ୨୪ ଘଣ୍ଟାରୁ ଅଧିକ ସମୟ ଧରି ଚାଲିବ ବୋଲି ଆଶା କରାଯାଉଛି। ତେହେରାନ ପ୍ରଶାସନ ବର୍ତ୍ତମାନ ପ୍ରସ୍ତୁତିରେ ନିୟୋଜିତ ଅଛି। ଅଧିକାରୀମାନେ ଆକଳନ କରୁଛନ୍ତି ଯେ ତେହେରାନରେ ପ୍ରାୟ ୨୦ ମିଲିୟନ ଲୋକ ଏକାଠି ହୋଇପାରିବେ।

## ଜାପାନରେ ମସଜିଦ ତିଆରି କଲା ପାକିସ୍ତାନ



ଟୋକିଓ, ୩।୬: ପାକିସ୍ତାନ ଜାପାନର ସୈତାମା ରାଜ୍ୟର କାବାଗୋଏ ସହରରେ ଏକ ମସଜିଦ ନିର୍ମାଣ କରି ବିବାଦରେ ଫସିଛି। ଏଠାରେ କିଛି ପାକିସ୍ତାନୀ ମସଜିଦ ନିର୍ମାଣ ଆରମ୍ଭ କରିଥିଲେ। ନିର୍ମାଣ ବେଳେ ଜାପାନରେ ଅବସ୍ଥାପିତ ପାକ୍ ରାଷ୍ଟ୍ରଦୂତ ଅବ୍ଦୁଲ ହମିଦ ମଧ୍ୟ ଉପସ୍ଥିତ ଥିଲେ। କିନ୍ତୁ ଏବେ ଏହି ମସଜିଦକୁ ଜାପାନ ସରକାର ଭାଙ୍ଗିବାକୁ ଯାଉଛନ୍ତି। ଏହାକୁ ବିନା ଅନୁମତିରେ ତିଆରି କରାଯାଇଥିବା ସ୍ଥାନୀୟ ପ୍ରଶାସନ କହିଛି।

କୋବାଗୋଏ ପ୍ରଶାସନ କହିଛି ଯେ, ଯେଉଁଠି ମସଜିଦ ନିର୍ମାଣ କରାଯାଇଛି ତାହା ସହର ବିକାଶ ନିୟନ୍ତ୍ରଣ ପରିସୀମା ମଧ୍ୟରେ ଆସୁଛି। ଏସବୁ ଅଞ୍ଚଳରେ କୌଣସି ନିର୍ମାଣ ପାଇଁ ସ୍ୱତନ୍ତ୍ର ଅନୁମତିର ଆବଶ୍ୟକତା ରହିଛି । ବିନା ଅନୁମତିରେ କୌଣସି ପ୍ରକାର ନିର୍ମାଣ କାର୍ଯ୍ୟ ବେଆଇନ ଅଟେ। ପ୍ରଶାସନ ଆହୁରି କହିଛି ଯେ, ପାକିସ୍ତାନୀମାନେ ନିୟମ କାନୁନ ମାନି ନାହାଁନ୍ତି। ମନଇଚ୍ଛା ଅନୁମତି ନନେଇ ନିର୍ମାଣ କରିଛନ୍ତି। ଯାହା ଆଦୌ ଠିକ୍ ନୁହେଁ। ଯେଉଁମାନେ ଏହି ନିର୍ମାଣ କାର୍ଯ୍ୟରେ ସାମିଲ ହୋଇଛନ୍ତି ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି ମସଜିଦକୁ ଭାଙ୍ଗିବା ପାଇଁ ଦାବି ହେଉଛି। ଯାହା ଉପରେ ବିଚାର କରାଯାଉଛି।

ଏହି ବିବାଦ ପାକିସ୍ତାନ ଦୂତାବାସ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି। ମାମଲା ସାମ୍ନାକୁ ଆସିବା ପରେ ମସଜିଦ ନିର୍ମାଣରେ କୌଣସି ଭୂମିକା ନଥିବା ଦୂତାବାସ ପକ୍ଷରୁ କୁହାଯାଇଛି। ଏପରିକି ଏବାବଦରେ ସେମାନେ କିଛି ଜାଣି ନଥିବା ପ୍ରକାଶ କରିଛନ୍ତି।

## ନୀତିନ୍ ନବୀନଙ୍କୁ ୫ ପୃଷ୍ଠାର ଇସ୍ତଫା ପତ୍ର ଦେଲେ ଆନ୍ନାମଲାଇ



ଥିରୁଅନନ୍ତପୁରମ୍, ୩।୬: ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ କେ. ଆନ୍ନାମଲାଇ ବିଜେପିରୁ ଇସ୍ତଫା ଦେଇଛନ୍ତି। ଏପରିକି ସେ ତାମିଲନାଡୁରେ ଏକ ନୂଆ ଦଳ ଗଠନ କରିବାକୁ ଯାଉଛନ୍ତି ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା। ତାମିଲନାଡୁ ବିଜେପିର ପୂର୍ବତନ ସଭାପତି ଏବଂ ପୂର୍ବତନ ଆଇପିଏସ୍ ଅଧିକାରୀ ଆନ୍ନାମଲାଇ ଦିଲ୍ଲୀରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନଙ୍କୁ ୫ ପୃଷ୍ଠା ସମ୍ବଳିତ ଏକ ଇସ୍ତଫା ପତ୍ର ଦେଇଛନ୍ତି। ଏହି ସମୟରେ ବିଜେପିର ରାଷ୍ଟ୍ରୀୟ ସାଧାରଣ ସଂପାଦକ (ସଂଗଠନ) ବି.ଏଲ୍. ସନ୍ତୋଷ ମଧ୍ୟ ଉପସ୍ଥିତ ଥିଲେ।

ସୂଚନା ଅନୁସାରେ, ଆନ୍ନାମଲାଇ ତାମିଲନାଡୁରେ ଏକ ନୂଆ ରାଜନୈତିକ ଦଳ ଗଠନ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଧର୍ମନିରପେକ୍ଷ ଏବଂ ତାମିଲ୍-ପ୍ରଥମ ସମ୍ଭାବ୍ୟ ଦଳର ଆଭିମୁଖ୍ୟ ରହିବ । ଆସନ୍ତା ୬ ରୁ ୮ ମାସ ମଧ୍ୟରେ ନୂଆ ଦଳ ସଂପର୍କରେ ଘୋଷଣା କରିପାରନ୍ତି ଆନ୍ନାମଲାଇ। ଏହି ଦଳ ତାମିଲନାଡୁରେ ବିଜେପି ଏବଂ ଦୁଇ ପ୍ରମୁଖ ଦ୍ରାବିଡ଼ ଦଳର ଏକ ବିକଳ୍ପ ଭାବେ ନିଜକୁ ପ୍ରତିଷ୍ଠିତ କରିବାକୁ ଚେଷ୍ଟା କରିବ। ଆନ୍ନାମଲାଇ ଏପରି ଏକ ମଞ୍ଚ ଚାହୁଁଛନ୍ତି ଯାହା ତାମିଲ ଅସ୍ମିତାକୁ ସୁରକ୍ଷା ଦେବା ସହ ଏକ ଜାତୀୟ ଦୃଷ୍ଟିକୋଣ ରଖିବ। ଏହାସହ ବିରୋଧୀ ଦଳଗୁଡ଼ିକୁ କେବଳ ପ୍ରସଙ୍ଗଭିତ୍ତିରେ ବିରୋଧ କରିବ। ବିଗତ କିଛି ମାସ ହେବ ତାମିଲନାଡୁରେ ବିଜେପିର ରଣନୀତିକୁ ନେଇ ଆନ୍ନାମଲାଇ ଏବଂ କେନ୍ଦ୍ରୀୟ ନେତୃତ୍ୱଙ୍କ ମଧ୍ୟରେ ତୀବ୍ର ମତଭେଦ ଦେଖାଦେଇଥିଲା। ବିଜେପି ପୁଣିଥରେ ଏଆଇଏଡିଏମକେ ସହ ମେଣ୍ଟ କରିବାକୁ ନେଇଥିବା ନିଷ୍ପତ୍ତି ଏବଂ ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ପ୍ରାର୍ଥୀ ଚୟନ ପ୍ରକ୍ରିୟାକୁ ନେଇ ଆନ୍ନାମଲାଇ ଅସନ୍ତୁଷ୍ଟ ଥିଲେ। ଆନ୍ନାମଲାଇଙ୍କ ଯୁକ୍ତି ଥିଲା ଯେ, ବିଜେପି ଅନ୍ୟ ଦଳ ଉପରେ ନିର୍ଭର ନକରି ତାମିଲନାଡୁରେ ନିଜର ଏକ ସ୍ୱତନ୍ତ୍ର ସଂଗଠନ ତିଆରି କରିବା ଉଚିତ୍।

# ଆଜିଠୁ କର୍ଣ୍ଣାଟକରେ ଶିବକୁମାର ରାଜ୍



ବେଙ୍ଗାଲୁରୁ,୩।୬: କର୍ଣ୍ଣାଟକରେ ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଡିକେ ଶିବକୁମାର। ବେଙ୍ଗାଲୁରୁ ଲୋକସେବା ଭବନରେ ତାଙ୍କୁ ପଦ ଗୋପନୀୟତାର ଶପଥ ପାଠ କରାଇଲେ ରାଜ୍ୟପାଳ ଥାୱାରଚାନ୍ଦ ଗେହଲଟ୍। ସେହିପରି କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଭାବେ ଜି ପରମେଶ୍ୱର ଶପଥ ନେଇଛନ୍ତି। ଏହି ଶପଥ ସମାରୋହରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଏବଂ ବିରୋଧୀ ଦଳ ନେତା ରାହୁ ଗାନ୍ଧିଙ୍କ ସହିତ କଂଗ୍ରେସ ବହୁ ବରିଷ୍ଠ ନେତା ସାମିଲ୍ ହୋଇଛନ୍ତି।

କର୍ଣ୍ଣାଟକରେ ଆଜିଠୁ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। କଂଗ୍ରେସ କ୍ରାଇସିସ୍ ମ୍ୟାନେଜର ତଥା ରାଜ୍ୟ ଅଧ୍ୟକ୍ଷ ଡି.କେ ଶିବକୁମାର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ବୁଧବାର ଅପରାହ୍ଣ ୪ଟା ୫ମିନିଟରେ ବେଙ୍ଗାଲୁରୁ ଲୋକସେବା ଭବନର ‘ଗ୍ଲାସ୍ ହାଉସ’ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଛି। ଶିବକୁମାରଙ୍କ ସହିତ ଜି ପରମେଶ୍ୱର ଉପମୁଖ୍ୟମନ୍ତ୍ରୀଙ୍କ ପଦ ଓ ଗୋପନୀୟତାର ଶପଥ ପାଠ କରିଛନ୍ତି। ଗତ ତିନି ବର୍ଷ ଧରି କର୍ଣ୍ଣାଟକେ କଂଗ୍ରେସରେ ବିବାଦ ଲାଗି ରହିଥିଲା। ଏହାକୁ ସମାଧାନ କରିବାରେ ବିଫଳ ହୋଇଥିଲେ ସିଦ୍ଧରମୈୟା। ଯାହାଫଳରେ ତାଙ୍କୁ ଦାୟିତ୍ୱରୁ ହଟିବାକୁ ପଡ଼ିଛି। କଂଗ୍ରେସ ହାଇକମାଣ୍ଡଙ୍କ ନିର୍ଦ୍ଦେଶକ୍ରମେ ସିଦ୍ଧାରାମୈୟା ନିଜ ପଦରୁ ଇସ୍ତଫା ଦେବା ପରେ ଶିବକୁମାର ମୁଖ୍ୟମନ୍ତ୍ରୀ ପଦ ମିଳିଥିଲା। ଗତ ଶନିବାର ଦିନ ତାଙ୍କୁ ଆନୁଷ୍ଠାନିକ ଭାବେ କର୍ଣ୍ଣାଟକ କଂଗ୍ରେସ ବିଧାୟକ ଦଳର ନେତା ନିର୍ବାଚିତ କରାଯାଇଥିଲା। ତେବେ ଡି.କେଙ୍କ ମନ୍ତ୍ରିମଣ୍ଡଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ପୁତ୍ର ଯତୀନ୍ଦ୍ରଙ୍କ ସହିତ ଅନ୍ୟ ୧୨ ଜଣ ବିଧାୟକ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ଓ ଉପ-ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ଯେଉଁ ୧୩ ଜଣ ବିଧାୟକ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ସେମାନେ ହେଲେ: ଉପମୁଖ୍ୟମନ୍ତ୍ରୀ ଜି. ପରମେଶ୍ୱର, ସିଦ୍ଧରମୈୟାଙ୍କ ପୁଅ ଯତୀନ୍ଦ୍ର, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନଙ୍କ ପୁତ୍ର ପ୍ରିୟଙ୍କ ଖଡଗେ, କେ.ଏଚ୍ ମୁନିୟାପ୍ପା, କେ.ଜେ ଜର୍ଜ, ରାମଲିଙ୍ଗା ରେଡ୍ଡି, ଏମ୍.ବି ପାଟିଲ, ସତୀଶ ଜାରକିହୋଲି, କ୍ରିଷ୍ଣା ବାଇରେଗୌଡା, ୟୁ.ଟି ଖାଦର, ଈଶ୍ୱର ଖଣ୍ଡ୍ରେ, ବାଇରତି ସୁରେଶ, ଶରଣ ପ୍ରକାଶ ପାଟିଲ ଆଦି ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି।

## ଶୁଭେନ୍ଦୁ ଅଧିକାରୀଙ୍କୁ ଗୋମାଂସ ଖାଇବାକୁ ନିମନ୍ତ୍ରଣ କରି ମହିଳା ଗିରଫ



ଗୁରୁଗ୍ରାମ, ୩।୬: ହରିଆଣାର ଗୁରୁଗ୍ରାମରୁ ଏକ ବିବାଦୀୟ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ ତତ୍ପରତା ପ୍ରକାଶ କରି ସମ୍ପୃକ୍ତ ମହିଳାଙ୍କୁ ଗିରଫ କରିଛି। ଭାଇରାଲ ଭିଡିଓରେ ମହିଳା ଜଣକ ରୋଷେଇ ଘରେ ରୋଷେଇ କରୁଥିବା ସମୟରେ ପଶ୍ଚିମବଙ୍ଗର ରାଜନୀତି ଏବଂ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ନେଇ ଆପତ୍ତିଜନକ ମନ୍ତବ୍ୟ ଦେଉଥିବା ଦେଖିବାକୁ ମିଳିଛି। ପୋଲିସ ସୂଚନା ଅନୁଯାୟୀ, ଭିଡିଓ ଭାଇରାଲ ହେବା ପରେ ଏକ ଅଭିଯୋଗ ହୋଇଥିଲା। ତଦନ୍ତ ସମୟରେ ଭିଡିଓରେ ଥିବା ମହିଳା ଜଣକ ଗୁରୁଗ୍ରାମର ଚକରପୁର ଅଞ୍ଚଳରେ ଭଡ଼ାରେ ରହୁଥିବା ଜୋସନା ବିବି ବୋଲି ଚିହ୍ନଟ କରାଯାଇଛି। ଚିହ୍ନଟ ହେବା ପରେ ପୋଲିସ ତାଙ୍କୁ ହେପାଜତକୁ ନେଇ ଆଗାମୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ଭିଡିଓରେ ମହିଳା ଜଣକ ବଙ୍ଗାଳୀରେ କଥା ହେଉଛନ୍ତି ଏବଂ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନାଁ ନେଉଛନ୍ତି। ସେ ଇଦ୍-ଉଲ୍-ଅଜହା, ଗୋମାଂସ ଏବଂ ରାଜନୈତିକ ପ୍ରସଙ୍ଗକୁ ନେଇ ନିଜର ଅସନ୍ତୋଷ ପ୍ରକାଶ କରୁଥିବା ନଜର ଆସିଛନ୍ତି। ଭିଡିଓରେ ସେ ମାଂସ ରୋଷେଇ କରୁଥିବା ଦାବି କରି ମୁଖ୍ୟମନ୍ତ୍ରୀଙ୍କୁ ରାତ୍ରି ଭୋଜନ ପାଇଁ ଡାକୁଥିବା ଭଳି ବୟାନ ଦେଇଛନ୍ତି। ଏହା ସହିତ ସେ କିଛି ରାଜନୈତିକ ଏବଂ ଧାର୍ମିକ ବିଷୟ ଉପରେ ମଧ୍ୟ ମନ୍ତବ୍ୟ ଦେଇଛନ୍ତି, ଯାହା ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି।

ତେବେ ଏହି ମାମଲା ଗୁରୁଗ୍ରାମର ସେକ୍ଟର-୨୯ ଥାନା ଅନ୍ତର୍ଗତ ଅଟେ। ପୋଲିସ ଅଧିକାରୀଙ୍କ ସୂଚନା ଅନୁସାରେ, ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଭିଡିଓର ସତ୍ୟାସତ୍ୟ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି।

## ଶିଶୁ କନ୍ୟା ଦେହରେ ୫୧ଟି କ୍ଷତ ଚିହ୍ନ



ଥିରୁଅନନ୍ତପୁରମ୍, ୩।୬: କେରଳର ନେଦୁମନଗଡ଼ରୁ ସାମ୍ନାକୁ ଆସିଛି ଅମାନୁଷିକ ଘଟଣା। ଜଣେ ୧୭ ମାସର ନିଷ୍ପାପ ଶିଶୁ କନ୍ୟାକୁ ଶାରୀରିକ ନିର୍ଯାତନା ଦେଇ ହତ୍ୟା କରାଯାଇଛି। ଶିଶୁଟିର ମାଆ ଅଖିଳା ଏବଂ ତାଙ୍କ ଲିଭ୍-ଇନ୍ ପାର୍ଟନର ଅସ୍କର ମିଶି ଏହି ପୈଶାଚିକ କାଣ୍ଡ ଭିଆଇଥିବା ଅଭିଯୋଗ ହୋଇଛି। ପୁଲିସ ଏହି ମାମଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉଭୟ ଅଖିଳା ଓ ଅସ୍କରକୁ ଗିରଫ କରିଛି। ଶିଶୁଟିର ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହି ହତ୍ୟାକାଣ୍ଡର ଭୟାବହତା ସାମ୍ନାକୁ ଆସିଛି। ମୃତ ଶିଶୁ କନ୍ୟାର ଶରୀରରେ ୫୧ଟି ଗଭୀର କ୍ଷତ ଚିହ୍ନ ରହିଛି। ଶିଶୁଟିର ମୁଣ୍ଡ, ଛାତି, ପେଟ ଏବଂ ହାତଗୋଡ଼ରେ ଗଭୀର ଆଘାତ ଲାଗିଥିବା ବେଳେ ତାର ଦୁଇଟି ଯାକ ଗୋଡ଼ ଏବଂ ପଞ୍ଜରା ହାଡ଼ ଭାଙ୍ଗି ଯାଇଛି। ଏହା ସହିତ ଚେଙ୍କ ଦିଆଯାଇଥିବା ଭଳି ପୋଡ଼ା ଦାଗ ମଧ୍ୟ ମୃତଦେହରୁ ମିଳିଛି। ଡାକ୍ତରଙ୍କ କହିବା ଅନୁଯାୟୀ, ଶିଶୁଟିକୁ ଦୀର୍ଘ ଦିନ ଧରି ନିୟମିତ ଭାବେ ଅତି ନିର୍ଦ୍ଦୟ ଭାବେ ପିଟାଯାଉଥିଲା। ମୁଣ୍ଡରେ ଶକ୍ତ ଆଘାତ ଲାଗିବା ଯୋଗୁଁ ମସ୍ତିଷ୍କ ଭିତରେ ରକ୍ତସ୍ରାବ ହୋଇ ଶେଷରେ ଶିଶୁଟିର ମୃତ୍ୟୁ ଘଟିଛି।

## ନେପାଳ ସୀମା ବିବାଦ
## ତୃତୀୟ ପକ୍ଷ ହସ୍ତକ୍ଷେପ ପ୍ରସ୍ତାବକୁ ଭାରତର ବିରୋଧ



ନୂଆଦିଲ୍ଲୀ,୩।୬: ଭାରତ ଏବଂ ନେପାଳ ମଧ୍ୟରେ ଥିବା ସୀମା ବିବାଦକୁ ନେଇ ନେପାଳ ପ୍ରଧାନମନ୍ତ୍ରୀଙ୍କର ତୃତୀୟ ପକ୍ଷ ମଧ୍ୟସ୍ଥତା ପ୍ରସ୍ତାବକୁ ଭାରତ ତୀବ୍ର ବିରୋଧ କରିଛି। ଦୁଇ ଦେଶର ସୀମା ବିବାଦରେ କୌଣସି ତୃତୀୟ ପକ୍ଷର ହସ୍ତକ୍ଷେପ ହୋଇପାରିବ ନାହିଁ ବୋଲି ଭାରତ କହିଛି। ବାଲେନ୍ଦ୍ର ସାହଙ୍କ ଏହି ଆଭିମୁଖ୍ୟକୁ ଭାରତ ସରକାର ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛନ୍ତି। ନେପାଳର ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର (ବାଲେନ) ଶାହା ନିକଟରେ ସୀମା ବିବାଦ ସମାଧାନ ପାଇଁ ଚୀନ୍ ଏବଂ ବ୍ରିଟେନର ସହଯୋଗ ଲୋଡିବା କଥା କହିଥିଲେ। ଏହାର ଦୁଇ ଦିନ ପରେ ଭାରତ ପକ୍ଷରୁ ଏହି ପ୍ରତିକ୍ରିୟା ଆସିଛି। ନେପାଳ ପ୍ରଧାନମନ୍ତ୍ରୀ ସଂସଦରେ କହିଥିଲେ ଯେ କାଠମାଣ୍ଡୁ କେବଳ ସୀମା ବିବାଦ ବିଷୟରେ ଭାରତ ସହିତ କଥାବାର୍ତ୍ତା କରୁନାହିଁ ବରଂ ବେଜିଂ ଏବଂ ଲଣ୍ଡନ ସହିତ ମଧ୍ୟ ଯୋଗାଯୋଗରେ ଅଛି।

ଏହାର ଦୁଇ ଦିନ ପରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ସାପ୍ତାହିକ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିଛନ୍ତି ଯେ, ଭାରତ ଏବଂ ନେପାଳ ମଧ୍ୟରେ ସୀମା ସମ୍ବନ୍ଧୀୟ ସମସ୍ତ ବିଷୟ ସମାଧାନ ପାଇଁ ଦ୍ୱିପାକ୍ଷିକ ବ୍ୟବସ୍ଥା ରହିଛି। ସେ କହିଛନ୍ତି ଯେ, ଉଭୟ ଦେଶ ମଧ୍ୟରେ ପ୍ରାୟ ୯୮ ପ୍ରତିଶତ ସୀମା ଚିହ୍ନଟ କାର୍ଯ୍ୟ ଶେଷ ହୋଇସାରିଛି। ଗଣ୍ଡକୀ ନଦୀର ଗତିପଥ ପରିବର୍ତ୍ତନ ହେତୁ କିଛି ଅଞ୍ଚଳରେ ସମସ୍ୟା ରହିଛି ଏବଂ ସେଠାରେ ‘ନୋ ମ୍ୟାନ୍ସ ଲ୍ୟାଣ୍ଡ’ ସହ ଜଡିତ ସୀମା ଅତିକ୍ରମ ତଥା ଅନୁପ୍ରବେଶର ମାମଲା ମଧ୍ୟ ରହିଛି, ଯାହାର ମ୍ୟାପିଂ କାର୍ଯ୍ୟ ଉଭୟ ଦେଶ ମିଳିତ ଭାବେ କରୁଛନ୍ତି। ଜୟସ୍ୱାଲ ଦୋହରାଇଛନ୍ତି ଯେ, ଭାରତ ଓ ନେପାଳର ଏହି ଦ୍ୱିପାକ୍ଷିକ ପ୍ରସଙ୍ଗରେ କୌଣସି ତୃତୀୟ ପକ୍ଷର ଭୂମିକା ନାହିଁ।

ଉଲ୍ଲେଖଯୋଗ୍ୟ ଯେ, ନେପାଳ ପ୍ରଧାନମନ୍ତ୍ରୀ ବାଲେନ ଶାହା ନିକଟରେ ସଂସଦରେ ବୟାନ ଦେଇ କହିଥିଲେ ଯେ କେବଳ ଭାରତ ନୁହେଁ, ନେପାଳ ମଧ୍ୟ ଅନେକ ସ୍ଥାନରେ ଭାରତୀୟ ଭୂମିରେ ଅନୁପ୍ରବେଶ କରିଛି। ଏହାକୁ ନେଇ ନେପାଳରେ ରାଜନୈତିକ ହଟଚମଟ ସୃଷ୍ଟି ହୋଇଥିଲା ଏବଂ ବିରୋଧୀ ଦଳଗୁଡ଼ିକ ପ୍ରଧାନମନ୍ତ୍ରୀଙ୍କୁ ଏହାର ପ୍ରମାଣ ଦେବା କିମ୍ବା କ୍ଷମା ମାଗିବାକୁ ଦାବି କରିଥିଲେ।

# ଏଆଇ ଦୌଡ଼ରେ ପ୍ରଥମେ ୟୁଏଇ, ପଛରେ ଆମେରିକା




ନୂଆଦିଲ୍ଲୀ, ୩।୬: ବିଶ୍ୱର ପଞ୍ଚମ ବୃହତ୍ ଡିଜିଟାଲ ଅର୍ଥନୀତି ହେଉଛି ଭାରତ। ଏହି ତାଲିକାରେ ଶୀର୍ଷ ୫ ରାଷ୍ଟ୍ର ମଧ୍ୟରେ ଏକମାତ୍ର ବିକାଶମୁଖୀ ରାଷ୍ଟ୍ର ଭାବେ ଆମ ଦେଶ ସ୍ଥାନିତ ହୋଇଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ପ୍ରଦର୍ଶନକୁ ନେଇ ପ୍ରସ୍ତୁତ ଏକ ସୂଚକାଙ୍କରେ ଜର୍ମାନୀ, ଫ୍ରାନ୍ସ, ଜାପାନ, କାନାଡା ଏବଂ ଦକ୍ଷିଣ କୋରିଆ ଭଳି ଅର୍ଥନୀତିଗୁଡ଼ିକୁ ପଛରେ ପକାଇ ଭାରତ ହାସଲ କରିଛି ଚତୁର୍ଥ ସ୍ଥାନ। ବିଶ୍ୱ ଏଆଇ ୟୁଜର ସଂଖ୍ୟାରେ ଏହାର ଅଂଶ ୨୬%। କିନ୍ତୁ ଦୁଃଖର ବିଷୟ ହେଉଛି ବିଶ୍ୱରେ ମୋଟ ଘରୋଇ ଏଆଇ ନିବେଶରେ ଭାରତର ଯୋଗଦାନ ରହିଛି ମାତ୍ର ୧%।

ଏଆଇ ପ୍ରତିଭା କ୍ଷେତ୍ରରେ ଭାରତ ଆଗରେ ରହିଛି। ଯୁକ୍ତରାଷ୍ଟ୍ର ଆମେରିକା ପରେ ଭାରତ ଏଆଇ ପ୍ରତିଭା କ୍ଷେତ୍ରରେ ଦ୍ୱିତୀୟ ବୃହତ୍ ଭଣ୍ଡାର। ଏଆଇ ସମ୍ବନ୍ଧୀୟ ଦକ୍ଷତା କ୍ଷେତ୍ରରେ ଭାରତ ୨୦୨୬ ମାର୍ଚ୍ଚ ସୁଦ୍ଧା ସମଗ୍ର ବିଶ୍ୱରେ ପ୍ରଥମ ରହିଥିଲା। ବିଭିନ୍ନ ପେସାରେ ଏଆଇ କ୍ଷମତାର ବ୍ୟାପକ ବିସ୍ତାର କରାଯାଉଛି। ଏଆଇ ଉପରେ ସାର୍ବଜନିକ ଭରସା କ୍ଷେତ୍ରରେ ଭାରତର ସ୍କୋର ରହିଛି ୮୩.୪%। ଶ୍ରେଷ୍ଠ ୪ ଏଆଇ ରାଷ୍ଟ୍ର ମଧ୍ୟରେ ଏହା ସର୍ବୋଚ୍ଚ। ସିଙ୍ଗାପୁରର ସ୍କୋର ରହିଛି ୫୫.୬% ଏବଂ ଚୀନ୍‌ର ୩୩%।

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତାର ବିକାଶରେ ହୁଏତ ଆମେରିକୀୟ କମ୍ପାନିଗୁଡ଼ିକର ଦବ୍‌ଦବା ରହିଥାଇପାରେ। କିନ୍ତୁ ଯେଉଁ ଦେଶଗୁଡ଼ିକ ଏଆଇକୁ ବ୍ୟବହାର କରୁଛନ୍ତି ସେମାନେ ହେଲେ ଅତି କ୍ଷୁଦ୍ର ଅର୍ଥନୀତି। ଏଆଇ ଟୁଲ୍ ବ୍ୟବହାରରେ ସବୁଠୁ ଆଗରେ ରହିଛି ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)। ଏଠାରେ କାର୍ଯ୍ୟ ବୟସରେ ଥିବା ୭୦%ରୁ ଅଧିକ ଲୋକ ଏଆଇର ବ୍ୟବହାର କରୁଛନ୍ତି।

ଏଆଇ ବିକାଶରେ ଅଗ୍ରଣୀ ଆମେରିକୀୟ କମ୍ପାନିଗୁଡ଼ିକ ଜଡ଼ିତ। ଏହାସତ୍ତ୍ୱେ ଏଆଇ ଟୁଲ୍‌ଗୁଡ଼ିକର ବ୍ୟବହାରରେ ଆମେରିକା ବହୁ ପଛରେ। ଏଠାରେ କାର୍ଯ୍ୟ ବୟସରେ ଥିବା ମାତ୍ର ୩୧.୩% ଲୋକ ଏଆଇ ଟୁଲ୍‌ଗୁଡ଼ିକର ବ୍ୟବହାର କରୁଛନ୍ତି। ଏଆଇ ନିବେଶ ଏବଂ ଭିତ୍ତିଭୂମିରେ ବିଶ୍ୱର ନେତୃତ୍ୱ ନେଉଥିବା ଆମେରିକା ଏହି ଆଧୁନିକ ପ୍ରଯୁକ୍ତିର ବ୍ୟବହାରରେ ୨୦ଟି ରାଷ୍ଟ୍ରଙ୍କ ପଛରେ ରହିଛି। ଏଆଇ ଦୌଡ଼ ବା ଏହି ପ୍ରଯୁକ୍ତିର ବ୍ୟବହାରରେ ଆଗରେ ରହିଛନ୍ତି କ୍ଷୁଦ୍ର ଅର୍ଥନୀତି। ୟୁଏଇ ଏବଂ ସିଙ୍ଗାପୁର ଭଳି କ୍ଷୁଦ୍ର ରାଷ୍ଟ୍ର ବ୍ୟବସାୟ, ଶିକ୍ଷା ଏବଂ ସରକାରୀ ସେବା ଆଦି କ୍ଷେତ୍ରକୁ ଦ୍ରୁତ ବେଗରେ ଏଆଇ ସହ ଯୋଡୁଛନ୍ତି। ସେଣ୍ଟ୍ରାଲାଇଜ୍‌ଡ ଡିଜିଟାଲ ରଣନୀତି ଏବଂ ବଡ଼ ଆକାରରେ ଭିତ୍ତିଭୂମି ନିବେଶ ଜରିଆରେ ଏହି ଛୋଟ ଛୋଟ ଅର୍ଥନୀତି ଏଆଇ ଦୌଡ଼ରେ ଆଗରେ ରହିଛନ୍ତି। ଉଦ୍ୟୋଗୁଡ଼ିକର ବ୍ୟାପକ ଡିଜିଟାଲିକରଣ, ଅତ୍ୟାଧୁନିକ ବ୍ରଡ୍‌ବ୍ୟାଣ୍ଡ୍ ଭିତ୍ତିଭୂମି ଏବଂ ଦକ୍ଷ ଡିଜିଟାଲ କାର୍ଯ୍ୟବଳ ମାଧ୍ୟମରେ ୟୁରୋପ ମଧ୍ୟ ଏଆଇ କ୍ଷେତ୍ରରେ ମଜଭୁତ ପ୍ରଦର୍ଶନ କରୁଛି।

## ପୁରୀରେ ଆରମ୍ଭହେଲା ବ୍ରିକ୍ସ ରାଷ୍ଟ୍ରସମୂହ ବୈଠକ

# ଓଡ଼ିଶାର ସଫଳ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାର ମଡେଲ୍ ପ୍ରଦର୍ଶିତ

**ଭୁବନେଶ୍ୱର, ୩।୬ (ସଂଚାର ବ୍ୟୁରୋ):** ଭାରତ ୨୦୨୬ ବ୍ରିକ୍ସ ରାଷ୍ଟ୍ରଗୋଷ୍ଠୀ ବୈଠକର ଅଧ୍ୟକ୍ଷତା କରୁଥିବା ବେଳେ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନ୍‌ଡିଏମ୍‌ଏ) ପକ୍ଷରୁ ବୁଧବାର ପୁରୀଠାରେ ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ ଗୋଷ୍ଠୀର ଦ୍ୱିତୀୟ ବୈଠକ ଆୟୋଜିତ ହୋଇଛି। ଏହା ଆସନ୍ତା ୫ ତାରିଖଯାଏ ଚାଲିବ। ଆଜି ପ୍ରଥମ ଦିନର ବୈଠକରେ ଓଡ଼ିଶାର ସଫଳ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ପ୍ରଦର୍ଶନ କରାଯାଇଛି।




"ଦୀର୍ଘସ୍ଥାୟୀତ୍ୱ, ନବସୃଜନ, ସହଯୋଗ ଏବଂ ସ୍ଥିରତା ଲାଗି ନିର୍ମାଣ" ଶୀର୍ଷକ ଏହି ବୈଠକରେ ବିପର୍ଯ୍ୟୟ ବିପଦ ହ୍ରାସ (ଡିଆରଆରଜି) କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ପାଇଁ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ବ୍ରାଜିଲ, ଚୀନ୍, ଇଜିପ୍ଟ, ଇଥିଓପିଆ, ଭାରତ, ଇଣ୍ଡୋନେସିଆ, ଇରାନ, ରୁଷ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ଆଦି ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ବରିଷ୍ଠ ଅଧିକାରୀ ଏବଂ ବୈଷୟିକ ବିଶେଷଜ୍ଞମାନେ ଯୋଗ ଦେଇଛନ୍ତି। ମୁଖ୍ୟତଃ ଗୋଷ୍ଠୀ-ଭିତ୍ତିକ ବିପର୍ଯ୍ୟୟ ବିପଦ ହ୍ରାସ, ବିପର୍ଯ୍ୟୟ ବିପଦ ପରିଚାଳନା ପାଇଁ ଆର୍ଥିକ ସହାୟତା, ବହୁମୁଖୀ ବିପଦର ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା, ଦୃଢ଼ ଭିତ୍ତିଭୂମି, ପ୍ରକୃତି-ଭିତ୍ତିକ ସମାଧାନ ଏବଂ ବିପର୍ଯ୍ୟୟ ସହନଶୀଳତାକୁ ମଜଭୁତ କରିବା ପାଇଁ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ନବସୃଜନର ବ୍ୟବହାର ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ବୈଠକରେ ବିଚାରବିମର୍ଶ କରାଯିବ।

ଓଡ଼ିଶାରେ ବିଶ୍ୱସ୍ତରରେ ସ୍ୱୀକୃତିପ୍ରାପ୍ତ ବିପର୍ଯ୍ୟୟ ପ୍ରସ୍ତୁତି ବ୍ୟବସ୍ଥା ରହିଛି। ଏହା ବିଶେଷକରି ବାତ୍ୟା ପରିଚାଳନା, ପ୍ରାରମ୍ଭିକ ସତର୍କତା ପ୍ରସାରଣ, ସ୍ଥାନାନ୍ତର ଯୋଜନା ଏବଂ ଗୋଷ୍ଠୀ-ଭିତ୍ତିକ ପ୍ରତିକ୍ରିୟା ବ୍ୟବସ୍ଥାରେ ମୃତକଙ୍କ ସଂଖ୍ୟା ଶୂନ ସ୍ତରରେ ରଖିବାରେ ରାଜ୍ୟ ସଫଳ ହୋଇଛି। ଏହି ଉପଲବ୍ଧିକୁ ସ୍ୱୀକୃତି ଦେଇ ଓଡ଼ିଶାକୁ ଆୟୋଜକ ରାଜ୍ୟ ଭାବରେ ମନୋନୀତ କରାଯାଇଛି।

ଏହି କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ପ୍ରତିନିଧିମାନେ ରାମଚଣ୍ଡୀଠାରେ ପାଣିରୁ ଉଦ୍ଧାର କାର୍ଯ୍ୟ ପ୍ରସ୍ତୁତି ଏବଂ ପ୍ରତିକ୍ରିୟା ଉପରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଓଡ୍ରାଫ) ଦ୍ୱାରା ଏକ କାର୍ଯ୍ୟକ୍ରମର ପ୍ରଦର୍ଶନ ଦେଖିବେ। ପ୍ରତିନିଧିମାନେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସଡମା) ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ତାଲିମପ୍ରାପ୍ତ ଗୋଷ୍ଠୀ ସ୍ୱେଚ୍ଛାସେବୀଙ୍କ ସହ ମଧ୍ୟ ଆଲୋଚନା କରିବେ। ଏହାଦ୍ୱାରା ଉପକୂଳ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଦୃଢ଼ତା ଏବଂ ଗୋଷ୍ଠୀ ଭିତ୍ତିକ ପ୍ରସ୍ତୁତିରେ ଓଡ଼ିଶାର ସର୍ବୋତ୍ତମ ଅଭ୍ୟାସଗୁଡ଼ିକ ବିଷୟରେ ଜାଣିବା ଲାଗି ସୁଯୋଗ ମିଳିବ।

## ପ୍ରଧାନମନ୍ତ୍ରୀ ଚା' ଶ୍ରମିକ ପ୍ରୋତ୍ସାହନ ଯୋଜନା ସମ୍ପର୍କରେ ପ୍ରଶାସନିକ ବୈଠକ



**କୋଲକାତା,୩।୬(ସଂଚାର ବ୍ୟୁରୋ):** ୨୦୨୪-୨୫ ଏବଂ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ଚା' ଶ୍ରମିକ ପ୍ରୋତ୍ସାହନ ଯୋଜନାର ଢାଞ୍ଚା ସମୀକ୍ଷା କରିବା ପାଇଁ ଏକ ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ସମୟରେ, ଯୋଜନାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ଏବଂ ଶ୍ରମିକ କଲ୍ୟାଣ ପଦକ୍ଷେପଗୁଡ଼ିକୁ ଆହୁରି ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯାଇଥିଲା। ଏହା ସହିତ, ସରକାରୀ ସଂସ୍ଥା, ଶିଳ୍ପ ପ୍ରତିନିଧି ଏବଂ ଅନ୍ୟାନ୍ୟ ପ୍ରମୁଖ ଅଂଶୀଦାରମାନଙ୍କ ସହଯୋଗ ପ୍ରୟାସ ମାଧ୍ୟମରେ ଚା' ଶ୍ରମିକ ସମ୍ପ୍ରଦାୟକୁ ବର୍ଦ୍ଧିତ ସହାୟତା ପ୍ରଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆଶା କରାଯାଉଛି ଯେ ଏପରି ପଦକ୍ଷେପଗୁଡ଼ିକ ଚା' ଶ୍ରମିକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବ ଏବଂ ଚା' ଶିଳ୍ପର ଦୀର୍ଘକାଳୀନ ଅଭିବୃଦ୍ଧି ଏବଂ ସ୍ଥିରତା ସୁନିଶ୍ଚିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

## କଲେଜ ଅଧ୍ୟକ୍ଷଙ୍କୁ ଫୋନ୍‌ରେ ଧମକ ଦେଲେ ଗ୍ରୁପ୍ ଡି କର୍ମୀ!

**କୋଲକାତା,୩।୬(ସଂଚାର ବ୍ୟୁରୋ):** ଆଲିପୁରଦୁଆର ବିବେକାନନ୍ଦ କଲେଜର ଚୁକ୍ତିଭିତ୍ତିକ ଗ୍ରୁପ୍ ଡି କର୍ମଚାରୀ ରାଜୁ ରାୟଙ୍କ ବିରୋଧରେ କଲେଜ ଅଧ୍ୟକ୍ଷ ଶ୍ରୀଜିତ ଦାସଙ୍କୁ ଧମକପୂର୍ଣ୍ଣ ଫୋନ୍ କଲ୍ କରିବାର ଅଭିଯୋଗ ଆସିଛି। ଅଭିଯୁକ୍ତ ରାଜୁ ରାୟ ପୂର୍ବରୁ କଲେଜରେ ତୃଣମୂଳ ଛାତ୍ର ପରିଷଦର ସାଧାରଣ ସମ୍ପାଦକ ଥିଲେ। ତାଙ୍କ ପିତା ଚକ୍ରଧର ରାୟ ଜଣେ ତୃଣମୂଳ ନେତା ଯିଏ ବର୍ତ୍ତମାନ ଆଲିପୁରଦୁଆର-୧ ପଞ୍ଚାୟତ ସମିତି ମଧ୍ୟରେ ବିଦ୍ୟୁତ୍ ବିଭାଗର 'କର୍ମାଧ୍ୟକ୍ଷ' ଭାବରେ ମଧ୍ୟ କାର୍ଯ୍ୟ କରନ୍ତି। ରାଜୁ ରାୟଙ୍କ ବିରୋଧରେ ଅଭିଯୋଗ ହେଉଛି ଯେ, ପୂର୍ବ ସରକାରଙ୍କ କାର୍ଯ୍ୟକାଳ ମଧ୍ୟରେ, ସେ ପ୍ରାୟତଃ ଦିନ ଦିନ କଲେଜରେ ଉପସ୍ଥିତ ହେଉନଥିଲେ।

## କଙ୍କଡ଼ା ଧରିବାକୁ ଯାଇ ବାଘ ସହିତ ମୁକାବିଲା ମତ୍ସ୍ୟଜୀବୀ ଗୁରୁତର ଆହତ



**କୋଲକାତା,୩।୬(ସଂଚାର ବ୍ୟୁରୋ):** କଙ୍କଡ଼ା ଧରିବାକୁ ଯାଇ ବାଘ ଆକ୍ରମଣରେ ଜଣେ ମତ୍ସ୍ୟଜୀବୀ ଗୁରୁତର ଆହତ ହୋଇଛନ୍ତି। ମଙ୍ଗଳବାର କୁଲତଲିର ବେନିଫେଲି ବ୍ଲକରେ ଏହି ଘଟଣା ଘଟିଛି। ଆହତ ମତ୍ସ୍ୟଜୀବୀଙ୍କ ନାମ ଗୋପାଳ ନସ୍କର। ସେ କୁଲତଲି ବ୍ଲକର ଦେଉଳବାଡି ଅଞ୍ଚଳର ବାସିନ୍ଦା। ପରିବାର ସୂତ୍ରରୁ ଜଣାପଡ଼ିଛି ଯେ, ପ୍ରାୟ ଚାରି ଦିନ ପୂର୍ବେ ଗୋପାଳ କିଛି ସାଥୀଙ୍କ ସହିତ ମାଛ ଏବଂ କଙ୍କଡ଼ା ଧରିବାକୁ ବାହାରକୁ ଯାଇଥିଲେ। ମଙ୍ଗଳବାର ଯେତେବେଳେ ସେ ବେନିଫେଲି ଜଙ୍ଗଲରେ ଜାଲ ପକାଉଥିଲେ, ସେତେବେଳେ ଏକ ବାଘ ଗୋପାଳଙ୍କ ଉପରେ ଆକ୍ରମଣ କରିଥିଲା। ତାଙ୍କ ସାଥୀମାନେ ବାଡ଼ି ଏବଂ ଡଙ୍ଗା ଆହୁଲା ବ୍ୟବହାର କରି ବାଘକୁ ଘଉଡ଼ାଇ ଦେଇଥିଲେ। କିନ୍ତୁ, ସେତେବେଳକୁ ଗୋପାଳର ପ୍ରଚୁର ରକ୍ତସ୍ରାବ ହୋଇସାରିଥିଲା। ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ଜୟନଗର-କୁଲତଲି ଗ୍ରାମୀଣ ଡାକ୍ତରଖାନାକୁ ନିଆଯାଇଥିଲା। ଗୁରୁତର ଅବସ୍ଥା ଯୋଗୁଁ, ଗୋପାଳଙ୍କ ପ୍ରାଥମିକ ଚିକିତ୍ସା ପରେ ମଙ୍ଗଳବାର ରାତିରେ ତାଙ୍କୁ କୋଲକାତା ସ୍ଥାନାନ୍ତର କରାଯାଇଥିଲା। ସେ ବର୍ତ୍ତମାନ ସେଠାରେ ଚିକିତ୍ସାଧୀନ ଅଛନ୍ତି ଏବଂ ତାଙ୍କର ଅବସ୍ଥା ସଙ୍କଟାପନ୍ନ ରହିଛି। ବାସିନ୍ଦାମାନେ ଅଭିଯୋଗ କରିଛନ୍ତି ଯେ ଅଞ୍ଚଳର କୌଣସି ଡାକ୍ତରଖାନାରେ ପର୍ଯ୍ୟାପ୍ତ ସେବା ଉପଲବ୍ଧ ନାହିଁ। ସେମାନେ ଜୀବିକା ନିର୍ବାହ ପାଇଁ ଜଙ୍ଗଲ ଭିତରକୁ ଯିବାକୁ ବାଧ୍ୟ ହେଉଛନ୍ତି, ତଥାପି ସେମାନଙ୍କୁ କୌଣସି ସୁରକ୍ଷା ମିଳୁନାହିଁ।

## ଖୁବଶୀଘ୍ର ଭୁବନେଶ୍ୱର-ଜୟପୁର ବିମାନସେବା: ଅପରାଜିତା

### ବିମାନବନ୍ଦର ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ

**ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉପରେ ମୋହର**




**ଭୁବନେଶ୍ୱର,୩।୬(ସଂଚାର ବ୍ୟୁରୋ):** ଖୁବଶୀଘ୍ର ଭୁବନେଶ୍ୱର-ଜୟପୁର ବିମାନସେବା ଆରମ୍ଭ ହେବ। ଏଥିସହିତ ଭୁବନେଶ୍ୱର ବିମାନ ବନ୍ଦରର ତୃତୀୟ ଏୟାର ଟର୍ମିନାଲକୁ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ କରାଯିବା ସହ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରର ସର୍ବାଙ୍ଗୀନ ଉନ୍ନତି ନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କ ସହିତ ବିମାନବନ୍ଦରର ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକ ଲୋକସଭା ସାଂସଦ ତଥା ବିମାନ ବନ୍ଦର ପରାମର୍ଶଦାତା କମିଟି ଅଧ୍ୟକ୍ଷା ଅପରାଜିତା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ନିୟମିତ ଭାବରେ ବିମାନବନ୍ଦର ପରିଚୟ କାର୍ଯ୍ୟକ୍ରମର ବ୍ୟବସ୍ଥା କରିବା ନେଇ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କୁ ଗୁରୁତ୍ୱ ଦେବାକୁ ପ୍ରସ୍ତାବ ଦିଆଯାଇଥିଲା। ଏଥିସହିତ ଏରୋବ୍ରିଜ୍ ଗୁଡ଼ିକର ସଂଖ୍ୟା ବୃଦ୍ଧି ଏବଂ ସେଗୁଡ଼ିକର ଦକ୍ଷ ଓ ପ୍ରଭାବଶାଳୀ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏୟାର ହୋଷ୍ଟେସ୍ ହେବାକୁ ଇଚ୍ଛୁକ ପ୍ରାର୍ଥୀମାନଙ୍କ ପାଇଁ ପରିଚୟ ଓ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହିତ ଜୟପୁର, ସୁରତ, ଶିରିଡ଼ି, ତିରୁପତି ଏବଂ ଭୋପାଳକୁ ନୂତନ ବିମାନ ସଂଯୋଗ ଆରମ୍ଭ କରିବା ନେଇ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ୬ମାସରେ ବିମାନ ବନ୍ଦର ପରାମର୍ଶଦାତା ବୈଠକ ଅନୁଷ୍ଠିତ କରାଇବାକୁ ସାଂସଦ ପରାମର୍ଶ ଦେଇଥିଲେ। ବୈଠକରେ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ, ଭୁବନେଶ୍ୱର ଡିସିପି ଜଗମୋହନ ମୀନା, ଇପିକଲର ନିର୍ଦ୍ଦେଶିକା ଅବୋଲି ସୁନିଲ ନରଭାଣେ, ବିଏମସିର ଅତିରିକ୍ତ ଉପ-କମିଶନର, ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବଙ୍କ ସମେତ ସିଆଇଏସଏଫ୍‌ର ବରିଷ୍ଠ ଅଧିକାରୀ ଏବଂ ବିମାନବନ୍ଦରର ସମସ୍ତ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମନ୍ଦିରକୁ ଚୋରି କରିବାକୁ ଯାଇ ଚୋର ହଟହଟା, କବାଟ ଫାଙ୍କରେ ପଶି ରହିଲା

**କାମାକ୍ଷାନଗର,୩।୬(ସଂଚାର ବ୍ୟୁରୋ):** ମନ୍ଦିର ଭିତରକୁ ଚୋରି କରିବାକୁ ଯାଇ ଫସିଗଲା ଚୋର। କବାଟ ଫାଙ୍କରେ ପଶିଲା, ଆଉ ବାହାରି ପାରିଲା ନାହିଁ । ପରେ ଗ୍ରାମବାସୀଙ୍କ ସୂଚନା ପାଇ ପୁଲିସ୍ ପହଞ୍ଚି ଉଦ୍ଧାର କରିଥିଲା । ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା କନ୍ତୋର ପଞ୍ଚାୟତ ଚାନ୍ଦପୁର ଗାଁର ବାବା ସ୍ୱପ୍ନେଶ୍ୱର ଶିବ ମନ୍ଦିରରେ



ଘଟିଛି ଏହି ଅଭାବନୀୟ ଘଟଣା। ଗାଁରେ ଥିବା ଶିବ ମନ୍ଦିରକୁ ଚୋରି କରିବାକୁ ଯାଇଥିଲା ଚୋର । ହେଲେ କବାଟ ଫାଙ୍କାରେ ପଶିଗଲା କିନ୍ତୁ ବାହାରି ପାରିଲା ନାହିଁ । ମନ୍ଦିର ପୂଜକ ଭଗବାନ ରଣା ପୂଜା କରିବାକୁ ଯାଇଥିବା ବେଳେ ଚୋରକୁ ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ । ଖବର ପାଇ ଗାଁ ଲୋକେ ମନ୍ଦିରରେ ଭିଡ଼ ଜମାଇଥିଲେ । ପରେ ସୂଚନା ପାଇ ପରଜଙ୍ଗ ପୁଲିସ ଘଟଣାସ୍ଥଳରେ ପହଞ୍ଚି କବାଟରେ ଫସିଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରିଥିଲା। ପ୍ରାୟ ଦୁଇ ମାସ ତଳେ ଏହି ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିଲା ।

## ସ୍କୁଟିକୁ ଧକ୍କା ଦେଲା ବୋରୱେଲ୍ ଗାଡ଼ି, ପୁଅ ଆଗରେ ଚାଲିଗଲା ମା'ର ଜୀବନ



**ବରଗଡ଼,୩।୬(ସଂଚାର ବ୍ୟୁରୋ):** ପୁଅ ଆଗରେ ଚାଲିଗଲା ମାଆର ଜୀବନ । ବରଗଡ଼ ଜିଲ୍ଲା ସୋହେଲା ଥାନା ଲେଖାପଥର ଛକରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ମାଆ-ପୁଅ ସ୍କୁଟିରେ ଯାଉଥିବାବେଳେ ଏକ ବୋରୱେଲ୍ ଗାଡ଼ି ଧକ୍କା ଦେଇଥିଲା । ଘଟଣାସ୍ଥଳରେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ପଦ୍ମପୁର ସହରର ରିନୁ ମହାପାତ୍ର ବୋଲି ଜଣାପଡିଛି। ମୃତଦେହ ଜବତ କରି ତଦନ୍ତ କରୁଛି ପୁଲିସ। ସେହିପରି ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା କରଞ୍ଜକଟା ହାଟପଦା ଛକ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ବିହାରର ଉପେନ୍ଦ୍ର ପାଲ ଓ ଅନ୍ୟ ଜଣେ ଅନୁଗୁଳ ଠାକୁରଗଡ଼ର ଦୁଷ୍ମନ୍ତ ଦେହୁରୀ । ଗତକାଲି ରାତିରେ ଦୁଇ ଜଣ ବାଇକରେ ଚାରିଛକରୁ କରଞ୍ଜକଟା ରେଲୱେ କ୍ୟାମ୍ପକୁ ଫେରୁଥିଲେ । ଏହି ସମୟରେ କରଞ୍ଜକଟା ହାଟପଦା ନିକଟରେ ଠିଆ ହୋଇଥିବା ହାଇୱାକୁ ବାଇକଟି ପଛପଟୁ ଧକ୍କା ଦେଇଥିଲା । ଏଥିରେ ଦୁଇଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି ।

# ଖାସି ମାଂସ - ନିର୍ବାଚନ ପରେ ସଙ୍କଟ

**ଭୁବନେଶ୍ୱର, ୩।୬:** ରାଜଧାନୀରେ ଏବେ ଖାସି ମାଂସ ସଙ୍କଟ। ପଡୋଶୀ ପଶ୍ଚିମବଙ୍ଗ ସମେତ ସୀମାନ୍ତ ଜିଲ୍ଲାରୁ ଖାସି ଆସୁନଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଅଭାବ ଜାରି ରହିଲେ ଆଗାମୀ ଦିନରେ ରାଜଧାନୀରେ ମାଂସ ଦର ବଢ଼ିବ ବୋଲି ବ୍ୟବସାୟୀମାନେ ସୂଚନା ଦେଉଛନ୍ତି। ରାଜଧାନୀରେ ଏବେ ଖାସି ମାଂସ କିଲୋ ୮୦୦ ରୁ ୯୦୦ ଟଙ୍କାରେ ବିକ୍ରି ହେଉଛି। ତେବେ ପଶ୍ଚିମବଙ୍ଗ ନିର୍ବାଚନ ପରଠାରୁ ଧିରେ ଧିରେ ମାଂସ ପାଇଁ ଖାସିମାନଙ୍କର ଅଭାବ ପରିଲକ୍ଷିତ ହୋଇଛି। ବ୍ୟବସାୟୀମାନଙ୍କର କହିବାକଥା ଯେ ରାଜଧାନୀର ମାଂସ ବଜାର ପାଇଁ ନିୟମିତ ଭାବେ ପଶ୍ଚିମବଙ୍ଗରୁ ଖାସିଗୁଡ଼ିକ ଟ୍ରକ ଯୋଗେ ଆସିଥାନ୍ତି। ଏହା ଏବେ ବନ୍ଦହୋଇ ଯାଇଛି। ନିର୍ବାଚନ ପରେ ଉଭୟ ପଶ୍ଚିମବଙ୍ଗ ଓ ଆସାମ ସରକାର ଗୋହତ୍ୟା ଉପରେ କଡ଼ା କଟକଣା ଲଗାଇଥିବାରୁ ସେହିସବୁ ରାଜ୍ୟରେ ଖାସିମାଂସର ଚାହିଦା ହଠାତ୍ ବଢ଼ିଯାଇଛି। ଫଳରେ ସେମାନେ ଅନ୍ୟ ରାଜ୍ୟକୁ ଖାସି ରପ୍ତାନି କରିବା ବଦଳରେ ଓଡ଼ିଶାରୁ ପଡୋଶୀ ଜିଲ୍ଲାରୁ ଖାସି ଆମଦାନୀ କରିବାରେ ଲାଗିଛନ୍ତି। ସେହଭଳି ପଶ୍ଚିମବଙ୍ଗର ଯେଉଁ ବ୍ୟବସାୟୀମାନେ ଓଡ଼ିଶାକୁ ଖାସି ରପ୍ତାନି କରୁଥିଲେ ସେମାନେ ଏବେ ଅଧିକ ଦରରେ ଆସାମକୁ ଖାସି ପଠାଇବାରେ ଲାଗିଛନ୍ତି। କାରଣ ଆସାମରେ ମଧ୍ୟ ଗୋହତ୍ୟା ଉପରେ କଟକଣା ଜାରି ପରେ ସେଠାରେ ଖାସି ମାଂସର ଚାହିଦା ଅହେତୁକ ଭାବରେ ବଢ଼ିଯାଇଛି। ଉଭୟ ପଶ୍ଚିମବଙ୍ଗ ଓ ଆସାମରେ ଖାସି ମାଂସର ଚାହିଦା ବଢ଼ିଥିବାବେଳେ ଓଡ଼ିଶାର ବ୍ୟବସାୟୀମାନେ ଏବେ ସେହିସବୁ ରାଜ୍ୟକୁ ଖାସି ପଠାଇବା ଆରମ୍ଭ କରିଛନ୍ତି। ଫଳରେ ଯେଉଁସବୁ ଜିଲ୍ଲାରୁ ରାଜଧାନୀ ସମେତ ରାଜ୍ୟର ଅନ୍ୟ ସହରାଞ୍ଚଳକୁ ଖାସି ଆସୁଥିଲା ତାହାକୁ ବ୍ୟବସାୟୀମାନେ ନେଇ ଚାଲାଣ କରିବାରେ ଲାଗିଛନ୍ତି। ଚାହିଦା ବଢ଼ିଥିବାରୁ ଖାସି ସହିତ ମେଣ୍ଢାଗୁଡ଼ିକୁ ମଧ୍ୟ ବ୍ୟବସାୟୀମାନେ ଚଢ଼ା ଦରରେ ଖରିଦ କରୁଛନ୍ତି। ରାଜଧାନୀକୁ ଖାସି ଆସିବା ହ୍ରାସ ପାଇଥିବାରୁ ମାଂସ ବ୍ୟବସାୟୀମାନେ ଚିନ୍ତାରେ ଥିବାବେଳେ ଆଗାମୀ ଦିନରେ ଦର ବଢ଼ାଇବେ ବୋଲି ସୂଚନା ଦେଲେଣି। ବର୍ତ୍ତମାନ କିଛି ମାଂସ ଦୋକାନୀ ଚାହିଦା ମେଣ୍ଟାଇବାପାଇଁ ଖାସି ସହିତ ମେଣ୍ଢା ଓ ମାଇଛେଳି କାଟିବା ଆରମ୍ଭ କରିଦେଇଛନ୍ତି। ରାଜଧାନୀରେ ମାଂସ ଦୋକାନରେ ମାନ ପରୀକ୍ଷା ହେଉନଥିବାରୁ ଗ୍ରାହକମାନେ ବି ଖାସି ମାଂସ ପଇସା ଦେଇ ଏହାକୁ କିଣି ନେଉଛନ୍ତି। ଆଗକୁ ରଜପର୍ବ ଆସୁଥିବାରୁ ରାଜଧାନୀର ମାଂସ ବ୍ୟବସାୟୀମାନେ ଏବେ ଗାଁ ଗହଳରୁ ଖାସି ସଂଗ୍ରହ କରିବାପାଇଁ ବିଭିନ୍ନ ସ୍ଥାନକୁ ଯିବା ଆରମ୍ଭ କରିଛନ୍ତି। ହେଲେ ରାଜଧାନୀର ଖାସି ମାଂସ ଚାହିଦାର ବୃହତ୍ ଅଂଶ କୋଲକତାର ବ୍ୟବସାୟୀଙ୍କ ଉପରେ ନିର୍ଭର କରୁଥିବାରୁ ଏବେ ମାଂସ ବଜାରରେ ଧିରେ ଧିରେ ଅଭାବ ପରିଲକ୍ଷିତ ହେବାରେ ଲାଗିଛି। (ତଥ୍ୟ)

# ରାଜ୍ୟରେ 'ଅନ୍ନପୂର୍ଣ୍ଣା ଯୋଜନା'କୁ ଆନୁଷ୍ଠାନିକ ଭାବରେ ଆରମ୍ଭ

**କୋଲକାତା,୩।୬(ସଂଚାର ବ୍ୟୁରୋ):** ରାଜ୍ୟରେ ନିର୍ବାଚନ ପୂର୍ବରୁ, ବିଜେପି ଏକଧିକ ପ୍ରତିଶ୍ରୁତି ଦେଇଥିଲା। ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ ଏବଂ ସେହି ପ୍ରତିଶ୍ରୁତି ପୂରଣ ପାଇଁ, ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ବୁଧବାର ରାଜ୍ୟରେ 'ଅନ୍ନପୂର୍ଣ୍ଣା ଯୋଜନା'କୁ ଆନୁଷ୍ଠାନିକ ଭାବରେ ଆରମ୍ଭ କରିଛନ୍ତି। ମହିଳାମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପାଣ୍ଠି ସ୍ଥାନାନ୍ତର ପ୍ରକ୍ରିୟା ଏହି ଦିନଠାରୁ ଆରମ୍ଭ ହୋଇଛି। ନବାନ୍ନରେ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ ଅନ୍ନପୂର୍ଣ୍ଣା ଯୋଜନା ଅଧୀନରେ ପାଣ୍ଠି ମୋଟ ୨୮, ୨୫, ୭୬୯ ହିତାଧିକାରୀଙ୍କ ଆକାଉଣ୍ଟରେ ଜମା କରାଯାଇଛି। ଏହା ବ୍ୟତୀତ, ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଗକୁ, ସମସ୍ତ ଭବିଷ୍ୟତ ଆବେଦନକାରୀଙ୍କ ଅନ୍ନପୂର୍ଣ୍ଣା ଯୋଜନା ଫର୍ମ




ପାଇଁ ଯାଞ୍ଚ ପ୍ରକ୍ରିୟା ସଫଳ ହେବା ପରେ ତୁରନ୍ତ ସେମାନଙ୍କ ଆକାଉଣ୍ଟରେ ପାଣ୍ଠି ଜମା କରାଯିବ। ରାଜ୍ୟ ସରକାର ଏହି ଫର୍ମ ପୂରଣ ପ୍ରକ୍ରିୟାକୁ ମୋଟ ତିନି ମାସ ପାଇଁ ପରିଚାଳନା କରିବେ। ଫର୍ମ ପୂରଣ ପ୍ରକ୍ରିୟା ସମାପ୍ତ ହେବା ପରେ, 'ଲକ୍ଷ୍ମୀର ଭଣ୍ଡାର' ପୂର୍ବ ପ୍ରଶାସନ ଦ୍ୱାରା ପ୍ରଚଳିତ ଯୋଜନା ବନ୍ଦ ହୋଇଯିବ। ଏଦିନ ନବାନ୍ନରେ, ଅନ୍ନପୂର୍ଣ୍ଣା ଯୋଜନା ଅଧୀନରେ ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପାଣ୍ଠି ସ୍ଥାନାନ୍ତର ପ୍ରକ୍ରିୟା ଆନୁଷ୍ଠାନିକ ଭାବରେ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାଞ୍ଚ ଜଣ ହିତାଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ୩ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଅନ୍ନପୂର୍ଣ୍ଣା ଯୋଜନା ବ୍ୟତୀତ, ରାଜ୍ୟ ସରକାର ଏଦିନ ନବାନ୍ନରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଆହୁରି ଅନେକ ନିଷ୍ପତ୍ତି ଗ୍ରହଣ କରିଛନ୍ତି। 'ମା କ୍ୟାଣ୍ଟିନ୍' ଯୋଜନାକୁ ଏବେଠାରୁ 'ମା ଆହାର କେନ୍ଦ୍ର' ଭାବରେ ପରିଚିତ କରାଯିବ ବୋଲି ଘୋଷଣା କରାଯାଇଛି। ଏହା ବ୍ୟତୀତ, ରାଜ୍ୟ ସରକାର କହିଛନ୍ତି ଯେ ଏହି କେନ୍ଦ୍ରଗୁଡ଼ିକର ସଂଖ୍ୟା ଆହୁରି ବୃଦ୍ଧି କରାଯାଇଛି। 'ମା ଆହାର' ପଦକ୍ଷେପ ଅଧୀନରେ ଖାଦ୍ୟରେ ଦୁଇ ଦିନ ମାଛ, ଦୁଇ ଦିନ ଅଣ୍ଡା ଏବଂ ବାକି ଦିନ ନିରାମିଷ ଖାଦ୍ୟ ଅନ୍ତର୍ଭୁକ୍ତ ହେବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାମେଶ୍ୱରରୁ ପାରାଦୀପକୁ...

ଦୂରଗାମୀ ଯାନବାହନ ଚଳାଚଳ ପାଇଁ ଏହି ମାର୍ଗ ଅତ୍ୟନ୍ତ ଅନୁପଯୁକ୍ତ ହୋଇପଡ଼ିଛି । ପ୍ରସ୍ତାବିତ ଯୋଜନା ଅନୁଯାୟୀ ପ୍ୟାକେଜ୍ ୧ରେ ରାମେଶ୍ୱରରୁ କୋଣାର୍କ ପର୍ଯ୍ୟନ୍ତ ୪ ଲେନ୍ ବିଶିଷ୍ଟ ସଡ଼କ ନିର୍ମାଣ କରାଯିବ। ପ୍ୟାକେଜ୍-୨ରେ କୋଣାର୍କରୁ ପାରାଦୀପ ପର୍ଯ୍ୟନ୍ତ ୨ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ରହିଛି । ଘଣ୍ଟା ପ୍ରତି ୧୦୦ କିମି ବେଗରେ ଯାନବାହନ ଚଳାଚଳ ଲାଗି ସଡ଼କର ଡିଜାଇନ୍ ପ୍ରସ୍ତୁତ କରାଯିବ । ଏହାଫଳରେ ଓଡ଼ିଶାର ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡା ଏବଂ ଜଗତସିଂପୁର ଜିଲ୍ଲାରେ ଯାତାୟାତ ବ୍ୟବସ୍ଥା ଅଧିକ ସୁଗମ ହେବ। ଏହି ପ୍ରକଳ୍ପ ଆଞ୍ଚଳିକ ପରିବହନକୁ ଉନ୍ନତ କରିବା ସହିତ ସାମାଜିକ-ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବ। ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ଗତିଶକ୍ତି ନୀତି ସହିତ ସମନ୍ୱିତ ଏବଂ ୯ଟି ଆର୍ଥିକ ଏବଂ ୫ଟି ଲଜିଷ୍ଟିକ୍ କେନ୍ଦ୍ରକୁ ପରସ୍ପର ସହିତ ସଂଯୋଗ କରିବ। ଏହା ଦେଶର ଲଜିଷ୍ଟିକ୍ ପ୍ରଦର୍ଶନ ସୂଚକାଙ୍କ (ଏଲପିଆଇ) ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇବ। ଏହି ରାଜପଥ ସମ୍ପୂର୍ଣ୍ଣ ହେବା ପରେ, ରାମେଶ୍ୱର ଏବଂ ପାରାଦୀପ ମଧ୍ୟରେ ଯାତ୍ରା ସମୟ ପ୍ରାୟ ୨ ଘଣ୍ଟା ୩୦ ମିନିଟ୍ ହ୍ରାସ ପାଇବ ବୋଲି ଆଶା କରାଯାଉଛି । ଏହା ସହିତ ଯାତ୍ରୀ ଏବଂ ମାଲ ପରିବହନ ପାଇଁ ଏକ ନିରାପଦ, ଦ୍ରୁତ ଏବଂ ନିରବଚ୍ଛିନ୍ନ ଯୋଗାଯୋଗ ସୁବିଧା ମିଳିବ । ଏହି ପ୍ରକଳ୍ପ ଇନ୍ଧନ ବ୍ୟବହାର, ଅଙ୍ଗାରାକାମ୍ଳ ନିର୍ଗମନ ଏବଂ ଯାନବାହାନ ପରିଚାଳନା ଖର୍ଚ୍ଚକୁ ଯଥେଷ୍ଟ ହ୍ରାସ କରିବ।

### ଦିଲ୍ଲୀରେ ଭୟଙ୍କର...

ଏଭଳି ଅଗ୍ନି ବିପର୍ଯ୍ୟୟର ଶିକାର ହୋଇଛନ୍ତି। ତେବେ ଏହି ଅଗ୍ନିକାଣ୍ଡରେ ବିବେକ ଅଗ୍ରୱାଲଙ୍କ ସମେତ ତାଙ୍କ ପରିବାରର ୮ ଜଣ ପୋଡ଼ି ମୃତ୍ୟୁବରଣ କରିବା ଘଟଣା ସମସ୍ତଙ୍କୁ ଅଭିଭୂତ କରିଛି। ବିବେକଙ୍କ ବାପା ରାଧେଶ୍ୟାମଙ୍କ ଦେହ ଖରାପ ହେବା କାରଣରୁ ତାଙ୍କୁ ଦିଲ୍ଲୀର ମ୍ୟାକ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବୁଧବାର ବିବେକଙ୍କ ମଉସା-ମାଉସୀ ତାଙ୍କ ବାପାଙ୍କୁ ଭେଟିବାକୁ ଦିଲ୍ଲୀ ଆସିଥିଲେ। ଏହାପରେ ବିବେକ ସକାଳ ସାଢ଼େ ୮ଟା ବେଳେ ସମସ୍ତଙ୍କୁ ନେଇ ରେଷ୍ଟୁରାଣ୍ଟରେ ବ୍ରେକଫାଷ୍ଟ କରିବାକୁ ଆସିଥିଲେ। ମାତ୍ର ସେତିକିବେଳେ ଅଗ୍ନିକାଣ୍ଡ ଘଟିବାରୁ ବିବେକ ଅଗ୍ରୱାଲଙ୍କ ସହ ତାଙ୍କ ପତ୍ନୀ ତର୍ଜନୀ, ଝିଅ ଜୀବିଶା, ଭାରିୟା, ମା ପ୍ରେମଲତା, ମଉସା ଅଶୋକ ଗୋୟଲ, ମାଉସୀ କମଳା ଓ ପରିବାର ସଦସ୍ୟ ଝିମରି ଅଗ୍ରୱାଲଙ୍କ ମୃତ୍ୟୁ ହୋଇଛି। କେବଳ ଚିକିତ୍ସିତ ହେଉଥିବା ବିବେକଙ୍କ ବାପା ବଞ୍ଚି ଯାଇଛନ୍ତି। ପିଟିଆଇକୁ ସୂଚନା ଦେଇ ଦିଲ୍ଲୀ ପୁଲିସ୍ କହିଛି ଯେ, ଦିଲ୍ଲୀ ସରକାରଙ୍କ 'ବେଡ୍-ଟୁ-ବ୍ରେକ୍‌ଫାଷ୍ଟ ପଲିସୀ' ଅନୁଯାୟୀ ଏହି ରେଷ୍ଟୁରାଣ୍ଟକୁ କେବଳ ୬ଟି ରୁମ୍ ଚଳାଇବା ପାଇଁ ଅନୁମତି ମିଳିଥିଲା। ମାତ୍ର ଏହା ବେଆଇନ୍ ଭାବେ ୨୫ଟି ରୁମ୍‌ରେ ଲୋକମାନଙ୍କୁ ରଖିଥିଲା।

### ଗେମ୍ ଚେଞ୍ଜର...

କରିବା ସହ ରାଜ୍ୟର ବ୍ଲୁ ଇକୋନୋମୀ ଏବଂ ଶିଳ୍ପାୟନକୁ ନୂଆ ଗତି ଦେବ। ଏହି ପ୍ରକଳ୍ପ ହାଇବ୍ରିଡ୍ ଆନୁଇଟି ମୋଡରେ ନିର୍ମାଣ କରାଯିବ। ଏହି ମେଗା ପ୍ରକଳ୍ପକୁ ଦୁଇଟି ପ୍ୟାକେଜ୍‌ରେ ବିଭକ୍ତ କରାଯାଇଛି। ଏହି ପ୍ରଥମ ପର୍ଯ୍ୟାୟ ପ୍ୟାକେଜ୍-୧ ଅଧୀନରେ ରାମେଶ୍ୱର ଠାରୁ କାକଟପୁର ପର୍ଯ୍ୟନ୍ତ ପ୍ରାୟ ୭୯ କିଲୋମିଟର ରାସ୍ତାକୁ ୪-ଲେନ୍ ବିଶିଷ୍ଟ ହାଇୱେ କରାଯିବ ଏବଂ ପ୍ୟାକେଜ୍-୨ ଅଧୀନରେ କାକଟପୁର ଠାରୁ ପାରାଦୀପ ପର୍ଯ୍ୟନ୍ତ ପ୍ରାୟ ୮୦ କିଲୋମିଟର ରାସ୍ତାକୁ ପକ୍କା ସୋଲ୍ଡର ବିଶିଷ୍ଟ ୨-ଲେନ୍ ବିଶିଷ୍ଟ ରୋଡ୍ ଭାବେ ନିର୍ମାଣ କରାଯିବ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ ମିଶନ'ରେ ଓଡ଼ିଶାର ଆର୍ଥିକ ପ୍ରଗତି, ପର୍ଯ୍ୟଟନ ଏବଂ ବାଣିଜ୍ୟ କ୍ଷେତ୍ରରେ ଏହି ପ୍ରକଳ୍ପ ଏକ ଗେମ୍-ଚେଞ୍ଜର ସାବ୍ୟସ୍ତ ହେବ । ପୂର୍ବ ଭାରତର ବିକାଶ ତଥା ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳର ସମୃଦ୍ଧି ପାଇଁ ମୋଦୀ ସରକାରଙ୍କ ଏହି ସୁଚିନ୍ତିତ ପଦକ୍ଷେପ ପ୍ରଶଂସନୀୟ ।

### ସୁଶାନ୍ତ ସିଂ ହେଲେ...

କୁମାର ପଣ୍ଡା, ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ସଚିବ ଗୌତମ ଚୌଧୁରୀ, ଶକ୍ତି ବିଭାଗର ଅତିରିକ୍ତ ସଚିବ ବିପ୍ଲବ କେଶରୀ ପ୍ରଧାନଙ୍କୁ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି ମିଳିଛି। ଏହି ସମସ୍ତ ଅଫିସରଙ୍କୁ ନିଜ ନିଜ ସ୍ଥାନରେ କାର୍ଯ୍ୟ ଜାରି ରଖିବାକୁ କୁହାଯାଇଛି।

### ଆଦିବାସୀ ଯୁବତୀଙ୍କ...

କିନ୍ତୁ ପୋଲିସ ଦ୍ୱାରା ଓଡ଼ିଶାକୁ ଟ୍ରେନ ଟିକେଟ ଯୋଗାଇବା ବ୍ୟତୀତ ଆଉ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିଲା। ଫେରିବା ପରେ, ଓଡ଼ିଶା ପୋଲିସ ତାଙ୍କ ବୟାନ ରେକର୍ଡ କରିଥିଲା ଏବଂ ତଦନ୍ତ ଚାଲୁ ରହିଛି। କମିଶନ କହିଛନ୍ତି ଯେ ରିପୋର୍ଟର ବିଷୟବସ୍ତୁ ଯଦି ସତ୍ୟ, ତେବେ ଏହା ମାନବାଧିକାର ଉଲ୍ଲଂଘନର ଗମ୍ଭୀର ପ୍ରସଙ୍ଗ। ତେଣୁ ଦୁଇ ସପ୍ତାହ ମଧ୍ୟରେ ଏହି ବିଷୟରେ ଏକ ବିସ୍ତୃତ ରିପୋର୍ଟ ଦେବା ପାଇଁ ଓଡ଼ିଶା ପୋଲିସ ଡିଜି, ଉତ୍ତର ପ୍ରଦେଶର ପୋଲିସ ଡିଜି ଏବଂ ଢେଙ୍କାନାଳର ଜିଲ୍ଲାପାଳଙ୍କୁ ନୋଟିସ ଜାରି କରାଯାଇଛି। ଏଥିରେ ତଦନ୍ତର ସ୍ଥିତି ଏବଂ ପୀଡ଼ିତାଙ୍କୁ ସହାୟତା ଓ ପୁନର୍ବାସ ପ୍ରଦାନ ପାଇଁ ନିଆଯାଇଥିବା ପଦକ୍ଷେପ ଅନ୍ତର୍ଭୁକ୍ତ କରିବାକୁ ମଧ୍ୟ ଏନଏଚଆରସି କହିଛନ୍ତି।

### ତନାଘନା ଆରମ୍ଭ...

ଭାଇଙ୍କ ଅଭିଯୋଗ। ବ୍ରହ୍ମପୁର ମେଡିକାଲ ଫାଣ୍ଡିର ଜଣେ ଅଧିକାରୀ ଫୋନ୍ ମାଧ୍ୟମରେ ତାଙ୍କୁ ବୟାନ ବଦଳାଇବା ପାଇଁ ଧମକ ଦେଉଥିବା ସେ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ପରେ ତଦନ୍ତ ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠୁଛି। କବିସୂର୍ଯ୍ୟନଗରର ହାଜତ ମୃତ୍ୟୁ ମାମଲାରେ ଏବେ ସାମ୍ନାକୁ ଆସିଛି ସବୁଠାରୁ ବଡ଼ ଚାଞ୍ଚଲ୍ୟକର ତଥ୍ୟ। ପୁଲିସର ବର୍ବରତା ଓ ମିଛ ପ୍ରଚାରର ପୋଲ୍ ଖୋଲି ଦେଇଛି ଏହି ସରକାରୀ ଦସ୍ତାବିଜ୍। ଆଶ୍ଚର୍ଯ୍ୟର କଥା ହେଲା, ପୁଲିସ୍ ଉପରେ ଆକ୍ରମଣ ଅଭିଯୋଗରେ ଖୋଦ୍ ଆଇପିଏସ ଅଫିସର ନୀତେଶ ମିଶ୍ର ଦେଇଥିବା ଏଫଆଇଆରରେ ମୃତ ସୁଶାନ୍ତ ସାହୁଙ୍କ ନାଁ ନାହିଁ । ତେବେ ପ୍ରଶ୍ନ ଉଠୁଛି, ଯଦି ସୁଶାନ୍ତ ଘଟଣାସ୍ଥଳରେ ନଥିଲେ, ତେବେ କେଉଁ ଆଧାରରେ ତାଙ୍କୁ ଉଠାଇ ଆଣି ସପ୍ତାହେ ଧରି ଥାନାରେ ବେଆଇନ ଭାବେ ଅଟକ ରଖି ଥାର୍ଡ ଡିଗ୍ରୀ ଦିଆଗଲା ?

### ୮ ତାରିଖରେ ଟର୍ଣ୍ଣ...

ତେବେ ନବୀନ ବୈଠକରେ ଯୋଗ ଦେବେ କି ନାହିଁ ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ। କିଛି ରାଜନୈତିକ ସମୀକ୍ଷକ ଆକଳନ କରୁଛନ୍ତି ଯେ, ରାଜ୍ୟରେ ବିଜେଡି ପୁଣି ଥରେ କ୍ଷମତାକୁ ଫେରିବାକୁ ହେଲେ ଇଣ୍ଡିଆ ମେଣ୍ଟର ସହଯୋଗ ଆବଶ୍ୟକ। ଏମିତି ବି ପଶ୍ଚିମବଙ୍ଗରେ ରାଜନୈତିକ ପଟ୍ଟ ପରିବର୍ତ୍ତନ ପରେ ମମତା ବାନାର୍ଜୀ ପୁଣି ଥରେ ଇଣ୍ଡିଆ ମେଣ୍ଟ ଆଡକୁ ଢଳିବା ଆରମ୍ଭ କରିଛନ୍ତି। ଅନ୍ୟ କିଛି ସମୀକ୍ଷକଙ୍କ ଆକଳନ କହୁଛି ଗତ ରାଜ୍ୟସଭା ନିର୍ବାଚନରେ ବିଜେଡି ଓ କଂଗ୍ରେସ ମିଳିତ ପ୍ରାର୍ଥୀ ଦେଉଥିବାରୁ ନବୀନ ଇଣ୍ଡିଆ ମେଣ୍ଟ ଆଡକୁ ଢଳିପାରନ୍ତି। ଏମିତି ବି ସୀମା ପୁନଃନିର୍ଦ୍ଧାରଣ ବିଲ ନେଇ ଇଣ୍ଡିଆ ମେଣ୍ଟ ବୈଠକରେ ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ ଯୋଗଦେଇ ଚର୍ଚ୍ଚାର ଖୋରାକ ଯୋଗାଇଥିଲେ। ନିକଟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ, ନବୀନ ଏପଟ ସେପଟ ନହୋଇ ମୋଦିଙ୍କ ସହ ରୁହନ୍ତୁ। ତେଣୁ ନବୀନ କି ନିଷ୍ପତ୍ତି ନେବେ ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଯଦି ନବୀନ ଇଣ୍ଡିଆ ମେଣ୍ଟ ବୈଠକରେ ଯୋଗ ଦିଅନ୍ତି ତେବେ ଆଗାମୀ ନିର୍ବାଚନରେ କଂଗ୍ରେସ-ବିଜେଡି ମେଣ୍ଟ ଏକ ପ୍ରକାର ଥୟ। ଯଦି ନବୀନ ଏହି ବୈଠକରେ ସାମିଲ ନହୁଅନ୍ତି ତେବେ ବିଜେଡି ଅକେଲା ଚଲୋ ନୀତିକୁ ଆଦେରିବ ବୋଲି ଆକଳନ କରାଯାଉଛି।

### ଏନ୍‌କାଉଣ୍ଟର ଉପରେ...

ପୁଅଙ୍କୁ ନିସ୍ତୁକ ମାଡ ମାରି ଲହୁ ଲୁହାଣ କରିଛନ୍ତି ଖୋଦ ଥାନା ଅଧିକାରିଣୀ । ଘଟଣା ପଦାକୁ ଆସିବାପରେ ସରକାର ତାଙ୍କୁ ନିଲମ୍ବନ କରିଛନ୍ତି । ତେବେ ସମ୍ପୃକ୍ତ ଥାନା ଅଧିକାରିଣୀ ପୂର୍ବରୁ କେନ୍ଦୁଝର ଓ ଝାରସୁଗୁଡା ଜିଲ୍ଲାରେ ଅନୁରୂପ କାଣ୍ଡକରି ନିଲମ୍ବିତ ହୋଇଥିବା ଘଟଣା ଜଣାପଡିବାପରେ ତାଙ୍କୁ ପୁଣି କିଭଳି ଥାନା ଦାୟିତ୍ୱ ମିଳିଥିଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ଉଠିଛି । ପୁଲିସ୍‌ର ଥାର୍ଡ ଡିଗ୍ରୀକୁ ନେଇ ରାଜନୀତି ବି ଆରମ୍ଭ ହୋଇଯାଇଛି । ଉଭୟ ବିଜେଡି ଓ କଂଗ୍ରେସ ଏହି ଘଟଣାରେ ପୁଲିସ୍ ଓ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିବାରେ ଲାଗିଛନ୍ତି । ରାସ୍ତାରୋକ ଠାରୁ ଆରମ୍ଭ କରି ଥାନା ଘେରାଉ ଜାରି ରହିଛି । ତାଳଚୂଆ, ବାରଙ୍ଗ ଓ କବିସୂର୍ଯ୍ୟନଗରର ଥାନା ଅଧିକାରୀଙ୍କ ସମେତ ଏକାଧିକ ପୁଲିସ୍ କର୍ମଚାରୀ ନିଲମ୍ବିତ ହୋଇଛନ୍ତି । କିନ୍ତୁ କୌଣସି ଗୋଟିଏ ହେଲେ ଥାନାର ସିସିଟିଭି ପୁଲିସ୍ ନିଜ ଆଡୁ ପ୍ରଦର୍ଶନ କରି ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବାରେ ସଫଳ ହୋଇନାହିଁ । ଏହା ଏବେ ପୂରା ପୁଲିସ୍ ପ୍ରଶାସନକୁ ବଦନାମ କରିବାରେ ଲାଗିଛି । ଆଗକୁ ଏହିସବୁ ଘଟଣା କେଉଁମୋଡ ନେବ ତାହା ଉପରେ ଲୋକେ ନଜର ରଖିଛନ୍ତି । ରାଜ୍ୟ ସରକାର ଦୁଇବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିବାକୁ ଯାଉଥିବାବେଳେ ବିଭାଗମାନେ ନିଜ ନିଜର ସଫଳତାର ତାଲିକା ପ୍ରସ୍ତୁତ କରୁଛନ୍ତି । ଏଭଳି ସମୟରେ ଥାନା ଅଧିକାରୀମାନଙ୍କର ଦାୟିତ୍ୱହୀନ ଓ ଆଇନ୍‌କୁ ହାତକୁ ନେବାର କାର୍ଯ୍ୟକଳାପ ଏବେ ସରକାରଙ୍କ ମୁଣ୍ଡବିନ୍ଧାର କାରଣ ହୋଇଛି । ପୂର୍ବରୁ ଚୌଦ୍ୱାର ଭଳି ସୁରକ୍ଷିତ ଜେଲ୍‌ରୁ ଆନ୍ତଃରାଜ୍ୟ କଏଦୀ ଚମ୍ପଟ ହେବା ଓ ଜଣେ ଆଇପିଏସ୍ ଅଧିକାରିଣୀ ଜମି ଠକେଇ ଅଭିଯୋଗ କରିଥିବା ଘଟଣା ପୁଲିସ୍ ବିଭାଗକୁ ବଦନାମ କରିଥିଲା । ଏବେ ଥାନା ଗୁଡିକରେ ଗୋଟିଏ ପରେ ଗୋଟିଏ ଘଟଣା ପୁଲିସ୍‌ର ସମସ୍ତ ସଫଳତା ଉପରେ ଏକ ପ୍ରକାର ପରଦା ଢାଙ୍କି ଦେଉଥିବାବେଳେ ଏଥିରୁ କିଭଳି ପୁଲିସ୍ ପ୍ରଶାସନ ମୁକୁଳିବ ସେହି ଚିନ୍ତାରେ ପଡିଛି।

## କୋର୍ଟ ଚାଲାଣ ହେଲେ ଦୁଇ ବାଇକ ଲୁଟେରା



ଯାଜପୁର ରୋଡ଼,୩।୬ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଞ୍ଚଳ ସହରରୁ ଗତ ୩୦ ତାରିଖରେ ଏସ.କେ ସୋହେଲଙ୍କ ଘର ସାମ୍ନାରୁ ବାଇକ ଲୁଟି ଫେରାର ମାରିଥିବା ଦୁଇ ଲୁଟେରାଙ୍କୁ ଗିରଫ କରିବାରେ ସଫଳ ହୋଇଛି ଯାଜପୁର ରୋଡ଼ ଥାନା ପୁଲିସ୍। ଗିରଫ ଦୁଇ ଲୁଟେରା ହେଲେ କୋରେଇର ଯୁଗଳ ଅଂଚଳର ସୋରଭ ମିଶ୍ର (ଦେବ-୨୨) ଓ ଯାଜପୁର ଟାଉନ୍ ବଡ଼ ଶାସନ ଅଂଚଳର ଦେବ ପ୍ରସାଦ ମହାନ୍ତି (ଦେବ-୩୩)। ପୁଲିସ ତତ୍ପରତାର ସହ ତଦନ୍ତ କରି ମାତ୍ର ୨୪ ଘଂଟା ଭିତରେ ଦୁଇ ଲୁଟେରାଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଓଡି୩୪ଏମ ୬୬୧୨, ଓଡି୨୨ଟି ୭୮୭୫ ନମ୍ବରର ଦୁଇଟି ବାଇକ୍ ଜବତ କରିଥିଲା। ଅଭିଯୋଗ କାରି ଶ୍ରୀ ସୋହେଲ'ଙ୍କ ଅଭିଯୋଗକ୍ରମେ ମାମଲା ସଂଖ୍ୟା ୩୪୦/୨୬ରେ ମାମଲା ରୁଜୁ କରାଯାଇ ଉଭୟ ବାଇକ୍ ଲୁଟେରାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଯାଜପୁର ରୋଡ଼ ଥାନା ଅଧିକାରୀ ଆଶିଷ କୁମାର ସାହୁ'ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ପୁଲିସ୍ ଏହି ଲୁଟେରାଙ୍କୁ ଖୁବ୍ ଶୀଘ୍ର ଧରିପାରିଥିବା ଯୋଗୁଁ ପୁଲିସ୍ ମାନଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି ।

## ଅଜଣା ଗାଡ଼ି ଧକ୍କାରେ ୯ ଗାଈ ଓ ବଳଦ ମୃତ



ଫୁଲବାଣୀ, ୩।୬ (ସଂଚାର ବ୍ୟୁରୋ): ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ବନ୍ଧଗଡ ପଞ୍ଚାୟତର ମାର୍ଶାପଦା-ମଣୀପଦର ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ୮ଟି ଗାଈର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ରାତି ସମୟରେ ରାସ୍ତା ଉପରେ କିମ୍ବା ନିକଟରେ ଥିବା ଗାଈମାନଙ୍କୁ ଏକ ଦ୍ରୁତଗତି ଅଜଣା ଗାଡ଼ି ଧକ୍କା ଦେଇଥିବା ସନ୍ଦେହ କରାଯାଉଛି। ଦୁର୍ଘଟଣା ପରେ ଗାଡ଼ିଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ମଙ୍ଗଳବାର ସକାଳେ ସ୍ଥାନୀୟ ଲୋକେ ରାସ୍ତା କଡ଼ରେ ଗାଈମାନଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ଭିଡ଼ ଜମିଥିଲା ମୃତ ଗାଈ ଓ ବଳଦ ମାନଙ୍କ ମାଲିକମାନେ ଘଟଣାସ୍ଥଳରେ ପହଞ୍ଚି ଦୁଃଖ ପ୍ରକାଶ କରିବା ସହ କିପରି ଏତେ ବଡ଼ ଦୁର୍ଘଟଣା ଘଟିଲା ସେନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ଏକାଥରେ ୯ଟି ଗାଈ ବଳଦଙ୍କ ମୃତ୍ୟୁ ହେବା ଫଳରେ ସମ୍ପୃକ୍ତ ପରିବାର ମାନଙ୍କର ବ୍ୟାପକ ଆର୍ଥିକ କ୍ଷତି ଘଟିଥିବା କୁହାଯାଉଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଚିହ୍ନଟ କରିବା ଏବଂ ଦାୟୀ ଚାଳକଙ୍କ ବିରୋଧରେ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଶାସନ ଓ ପୁଲିସଙ୍କ ନିକଟରେ ଦାବି କରିଛନ୍ତି। ସେହିପରି କ୍ଷତିଗ୍ରସ୍ତ ପଶୁପାଳକଙ୍କୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ମଧ୍ୟ ଦାବି ଉଠିଛି।

## ନିଳଗିରି ସହରରେ ବୁଲିଲା ହାତୀ ଲୋକେ ଆତଙ୍କିତ



ନିଳଗିରି,୩।୬ (ସଂଚାର ବ୍ୟୁରୋ): କୁଲଡ଼ିହା ଅଭୟାରଣ୍ୟରୁ ଏକ ହାତୀ ଖାଦ୍ୟ ଖାଇବା ଆଶାରେ ନିଳଗିରି ସହରର ଘାଟଘରସାହି ଅଞ୍ଚଳରେ ବୁଲୁ ଥିବା ବେଳେ ସହରବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ହାତୀଟି ନିଳଗିରି ସହରକୁ ପ୍ରବେଶ କରୁଥିବା ବେଳେ ନିଳଗିରି ବନ ବିଭାଗ ହାତୀଟିକୁ ଘଉଡ଼ାଇ ଦେଇଥିବାର ଦେଖିବାକୁ ମିଳିଛି।

## ଏସଆଇଆର୍ ସଚେତନତା ରଥର ଶୁଭାରମ୍ଭ



ସୁନ୍ଦରଗଡ଼,୩।୬ (ସଂଚାର ବ୍ୟୁରୋ): ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍‌ଆଇଆର୍ ଉପରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବୁଧବାର ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଅଛି। ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ ଏବଂ ସଦର ଉପଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା ଏହି ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ଟି ଜିଲ୍ଲାର ବିଭିନ୍ନ ଅଞ୍ଚଳ ବୁଲି ଜନ ସାଧାରଣଙ୍କ ମଧ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ଉପରେ ସଚେତନତା ସୃଷ୍ଟି କରିବ, ଯେପରିକି ଏକ ତ୍ରୁଟି ଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ ହୋଇପାରିବ ଏବଂ ସମସ୍ତ ଯୋଗ୍ୟ ଭୋଟର ମାନେ ଯେପରି ତାଲିକା ରେ ଅନ୍ତର୍ଭୁକ୍ତ ହୋଇ ପାରିବେ ତାହା ସୁନିଶ୍ଚିତ କରିବା ଉପରେ ସଚେତନ କରାଇବ। ଏହି କାର୍ଯ୍ୟକ୍ରମ ଅବସରରେ ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ଶୁଲିଆ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ ଏବଂ ବିଭିନ୍ନ ପ୍ରକାର ରଙ୍ଗୋଲି ମାଧ୍ୟମରେ ଏସ. ଆଇ. ଆର୍. ଉପରେ ଜନ ସଚେତନତା ସୃଷ୍ଟି କରିଥିଲେ।

### ସ୍ୱାସ୍ଥ୍ୟ ବିଭାଗରେ ସକ୍ରିୟ ଅସାଧୁ ଗୋଷ୍ଠୀ

# ମିଳିମିଶି ରୋଗୀ ଓ ଗର୍ଭବତୀଙ୍କୁ ଶୋଷୁଛନ୍ତି



କାକଟପୁର/ଅସ୍ତରଙ୍ଗ,୩।୬ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ସମେତ ନିକଟସ୍ଥ ବ୍ଲକ ଅଂଚଳରେ ଖୋଲିଛି ମାଳ ମାଳ ଘରୋଇ କ୍ଲିନିକ। ଯାହାକି ଗର୍ଭବତୀ ମହିଳାଙ୍କୁ ଚିକିତ୍ସା ନାଁରେ ଅର୍ଥ ଶୋଷଣ କରୁଛନ୍ତି। ଏମିତିକି ଚିକିତ୍ସା ସମୟରେ ମା' ଆଉ କେତେବେଳେ ଶିଶୁ ମୃତ୍ୟୁକୁ ନେଇ ଘରୋଇ ହସ୍ପିଟାଲ ନାଁରେ ଅନେକ ଅଭିଯୋଗ ଆସିଥିବା ପୂର୍ବରୁ ନଜିର ରହିଛି। ସରକାରଙ୍କ ଉତ୍ତମ ସ୍ୱାସ୍ଥ୍ୟସେବାରେ ବାଧକ ସାଜୁଛି ବଡ଼ଧରଣର ଦଲାଲି କାରବାର। କିଏ ସରକାରୀ ଡାକ୍ତରଖାନାରୁ ରୋଗୀଙ୍କୁ ଘରୋଇ ଡାକ୍ତରଖାନାକୁ ପଠାଇ ଦୁଇ ପଇସା ମୁନାଫା କମାଉଛନ୍ତି ତ, କିଛି ସ୍ଥାନରେ ସ୍ୱାସ୍ଥ୍ୟ କର୍ମୀଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ରୋଗୀଙ୍କୁ ନାନାଦି ପ୍ରକାର କଥା କହି ଘରୋଇ ଡାକ୍ତରଖାନାକୁ ପଠାଉଛନ୍ତି। ଜିଲ୍ଲା ପ୍ରଶାସନ ସହ ସ୍ୱାସ୍ଥ୍ୟ ବିଭାଗ ଏହାର ଟେର ପାଉନି।

ଖବର ମୁତାବକ, କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ, କାକଟପୁର ସମେତ ନିକଟସ୍ଥ ନିର୍ବାଚନ ମଣ୍ଡଳୀରେ ଯେପରିକି ନିମାପଡା ବ୍ଲକ ଅଧୀନ ଚାରିଛକ, ନିଆଳୀ, କିଛି ଘରୋଇ ଡାକ୍ତରଖାନା ଅସାଧୁ କର୍ମଚାରୀଙ୍କ ସହ ସିଣ୍ଡିକେଟ ଚଳାଇ ରୋଗୀ ପିଛା କମିଶନ କାରବାର କରୁଛନ୍ତି। ଏହି ସିଣ୍ଡିକେଟ ମାୟାଜାଲରେ ରୋଗୀ ଶୋଷିତ ହେଉଛନ୍ତି। ଅନ୍ୟ ପଟେ ସ୍ଥାନୀୟ ବାସିନ୍ଦା ଦୁଷ୍ମନ୍ତ କୁମାର ପରିଡା କହିଛନ୍ତି ଅସ୍ତରଙ୍ଗ ମେଡିକାଲ ସ୍ତ୍ରୀ ରୋଗ ବିଶେଷଜ୍ଞ ନଥିବା ସହ କୌଣସି ବିଭାଗରେ ଭଲ ସ୍ପେସିଆଲିଷ୍ଟ ଡକ୍ଟର ନଥିବାରୁ ଏପରି ସମସ୍ୟା ବୃଦ୍ଧି ପାଉଛି। ବିଗତ ଦିନରେ କାକଟପୁର ଅଞ୍ଚଳର ଏକ ଘରୋଇ ହସ୍ପିଟାଲ ଏମିତି ଏକ ସମସ୍ୟାକୁ ନେଇ ତୁମୁଳକାଣ୍ଡ ହୋଇଥିଲା। ସ୍ଥାନୀୟ ନେତାଙ୍କ ଠାରୁ ପ୍ରଶାସନିକ ଅଧିକାରୀ ଗଣମାଧ୍ୟମକୁ ଦଲାଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି କେବଳ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଉଛନ୍ତି। କିନ୍ତୁ ବିଗତ ଦିନର ଘଟଣାକୁ ଅନୁଧ୍ୟାନ କଲେ ଏହା କେବଳ ଭାଷଣରେ ସୀମିତ ଥିଲା ପରି ଲାଗୁଛି।

ରୋଗୀଙ୍କୁ ନିଶୁଳ୍କ ଓ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନେକ ଯୋଜନା ଅଛି। ଏହା ବାବଦରେ ସରକାରୀ ସ୍ତରରେ ଅର୍ଥ ମଧ୍ୟ ଖର୍ଚ୍ଚ ହେଉଛି କିନ୍ତୁ ରୋଗୀ ଏହାର ସୁଫଳ ପାଉନାହାନ୍ତି। କିଛି ଘରୋଇ ଡାକ୍ତରଖାନା କର୍ତ୍ତୃପକ୍ଷ ଏବେ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟକର୍ମୀ ଓ ଆମ୍ବୁଲାନ୍ସ ଚାଳକଙ୍କୁ ହାତ କରିଥିବା ଚର୍ଚ୍ଚା ହେଉଛି। ସ୍ୱାସ୍ଥ୍ୟ ବିଭାଗ ଜାଣିଶୁଣି ନିଦାବିଷ୍ଟୁ ପାଲଟିଥିବା ଯୋଗୁଁ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

ସ୍ଥାନୀୟ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ଦାବୀ କରିଛନ୍ତି କାକଟପୁର (ବାଙ୍ଗୁରିଗାଁ) ଓ ଅସ୍ତରଙ୍ଗ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ତ୍ରୀରୋଗ ବିଶେଷଜ୍ଞ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଯୋଗାଇବା ସହ ଏ ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଘରୋଇ ହସ୍ପିଟାଲକୁ ଉପଯୁକ୍ତ ନିୟମାବଳୀ ଅନୁସାରେ ତଦନ୍ତ କରିବାକୁ ବିଭିନ୍ନ ମହଲରେ ଦାବୀ ହୋଇଛି।

**ସ୍ତ୍ରୀ ପ୍ରସୂତି ବିଶେଷଜ୍ଞ ନଥିବାରୁ ବଢୁଛି କି ସମସ୍ୟା ?**

**ଅଯଥା ଖର୍ଚ୍ଚ ସହ ଅନେକ ସମୟରେ ଗର୍ଭବତୀ ମୃତ୍ୟୁ ହେବା ନଜିର ରହିଛି**

## ବକେୟା ଟିକସ ଥିଲେ ବି ବସ୍‌କୁ ଫିଟନେସ୍ ମଞ୍ଜୁର

**ଅଡୁଆରେ କୋରାପୁଟ ଏମ୍‌ଭିଆଇ**



କୋରାପୁଟ,୩।୬ (ସଂଚାର ବ୍ୟୁରୋ): କୋରାପୁଟ ଆଞ୍ଚଳିକ ପରିବହନ ବିଭାଗରେ ପୁଣି ଥରେ ଏକ ବିବାଦୀୟ ଘଟଣା ସାମ୍ନାକୁ ଆସିଛି। ଦୁଇ ବର୍ଷ ଧରି ଟିକସ ବକେୟା ରଖିଥିବା ଏକ ଘରୋଇ ବସକୁ ଫିଟନେସ୍ ପ୍ରମାଣପତ୍ର ମଞ୍ଜୁର କରାଯାଇଥିବା ବେଳେ, ସେହି ବସକୁ ପରେ ବକେୟା ଟିକସ ଅଭିଯୋଗରେ ଆରଟିଓ ନିଜେ ଜବତ କରିଥିବା ଘଟଣା ପରିବହନ ବିଭାଗର କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନ ଉଠାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଗଞ୍ଜାମ ଆରଟିଓ ଅଧୀନରେ ପଞ୍ଜିକୃତ ଏହି ଘରୋଇ ବସଟି ଗତ ଅକ୍ଟୋବର ୨୦୨୪ ଠାରୁ ସରକାରୀ ଟିକସ ପୈଠ କରିନଥିଲା। ତଥାପି ଚଳିତ ବର୍ଷ ଫେବୃଆରୀ ମାସରେ କୋରାପୁଟର କାର୍ଯ୍ୟରତ ଏମଭିଆଇ ଉକ୍ତ ବସକୁ ଫିଟନେସ୍ ସାର୍ଟିଫିକେଟ୍ ପ୍ରଦାନ କରିଥିବା ଅଭିଯୋଗ ହୋଇଛି। ସାଧାରଣତଃ କୌଣସି ପରିବହନ ଯାନ କିମ୍ବା ଘରୋଇ ବସର ଫିଟନେସ୍ ଓ ପରମିଟ୍ ନବୀକରଣ ପାଇଁ ସମସ୍ତ ବକେୟା ଟିକସ ପୈଠ କରିବା ବାଧ୍ୟତାମୂଳକ। ଏହାସହ ବୈଧ ବୀମା, ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକ ଦଲିଲ ଥିବା ଜରୁରୀ। ଏପରି ସ୍ଥିତିରେ ବକେୟା ଟିକସ ଥିବା ଏକ ବସକୁ କିପରି ଫିଟନେସ୍ ମଞ୍ଜୁର କରାଗଲା, ତାହା ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ଚମତ୍କାରର କଥା ହେଉଛି, ଫିଟନେସ୍ ପ୍ରମାଣପତ୍ର ମିଳିବାର ମାତ୍ର ଦୁଇ ମାସ ପରେ ସେହି ବସକୁ ବକେୟା ଟିକସ ଆଧାରରେ ଆରଟିଓ ପକ୍ଷରୁ ଜବତ କରାଯାଇଥିଲା। ବସଟିର ଟିକସ ଓ ଜୋରିମାନା ବାବଦରେ ପ୍ରାୟ ୩.୧୫ ଲକ୍ଷ ଟଙ୍କା ବକେୟା ଥିବା ସୂଚନା ମିଳିଛି।

ଏ ସମ୍ପର୍କରେ କୋରାପୁଟ ଆରଟିଓ ରାଜେଶ ମାରାଣ୍ଡିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଉକ୍ତ ବସଟିର ଟିକସ ଗତ ଅକ୍ଟୋବର ୨୦୨୪ ଠାରୁ ବକେୟା ରହିଥିଲା ଏବଂ ଟିକସ ସହ ଜୋରିମାନା ମିଶାଇ ପ୍ରାୟ ୩.୧୫ ଲକ୍ଷ ଟଙ୍କା ଅଦାୟ ହୋଇନଥିବାରୁ ଗତ ଏପ୍ରିଲ ମାସରେ ସେ ନିଜେ ବସଟିକୁ ସିଜ୍ କରିଥିଲେ। ତେବେ ବକେୟା ଟିକସ ଥିବା ସ୍ଥିତିରେ ଫିଟନେସ୍ ପ୍ରଦାନ କରାଯିବା କଥା ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହି ଘଟଣା ପରେ କୋରାପୁଟ ପରିବହନ ବିଭାଗରେ ଫିଟନେସ୍ ପ୍ରଦାନ ପ୍ରକ୍ରିୟାକୁ ନେଇ ବିଭିନ୍ନ ମହଲରେ ସନ୍ଦେହ ଓ ଚର୍ଚ୍ଚା ଜୋର ଧରିଛି।

### ଅବ୍ୟବସ୍ଥା ଘେରରେ ଓଭରବ୍ରିଜ ସର୍ଭିସ ରୋଡ

## ତୁରନ୍ତ ମରାମତି କରିବାକୁ ଦାବି



ସତ୍ୟବାଦୀ,୩।୬ (ସଂଚାର ବ୍ୟୁରୋ): ଜାତୀୟ ରାଜପଥ କର୍ତ୍ତୃପକ୍ଷ ପକ୍ଷରୁ ସାକ୍ଷୀଗୋପାଳ ଓଭରବ୍ରିଜ ସଂଲଗ୍ନ ସର୍ଭିସ ରୋଡର ମରାମତି ପାଇଁ ପୂର୍ବରୁ ଥିବା ପିଚୁ ରାସ୍ତାକୁ ଖୋଳି ଦିଆଯାଇଥିଲେ ମଧ୍ୟ ଦୀର୍ଘ ଦିନ ଧରି କାମ ଆଗକୁ ବଢୁନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଓ ଯାତାୟାତକାରୀ ମାନେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଦୁଇଚକିଆ ଯାନ ଚାଳକମାନେ ଏହି ରାସ୍ତାରେ ଅଧିକ ଅସୁବିଧାରେ ପଡୁଛନ୍ତି।

ବସ, ଟ୍ରକ ଭଳି ବଡ଼ ଗାଡ଼ିକୁ ଅତିକ୍ରମ କରିବା ସମୟରେ ଖୋଳାଯାଇଥିବା ଅସମାନ ରାସ୍ତା ଯୋଗୁଁ ଚକା ଦୋହଲି ଯାଉଥିବାରୁ ଯାନର ଭାରସାମ୍ୟ ରହୁନାହିଁ ଏବଂ ଦୁର୍ଘଟଣା ଘଟୁଛି। କାଞ୍ଚିଆଠାରୁ ନୂଆଗାଁ ଛକ ପର୍ଯ୍ୟନ୍ତ ପ୍ରାୟ ଏକ କିଲୋମିଟର ଲମ୍ବା ଏହି ସର୍ଭିସ ରୋଡର ଅବସ୍ଥା ବର୍ତ୍ତମାନ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ ଅନୁଯାୟୀ, ମରାମତି ନାମରେ ରାସ୍ତା ଖୋଳାଯାଇଥିଲେ ମଧ୍ୟ ଦୀର୍ଘ ସମୟ ଧରି କାମ ବନ୍ଦ ରହିଛି। ଏହା ଯୋଗୁଁ ଧୂଳିଧୂସର ପରିବେଶ ସୃଷ୍ଟି ହେବା ସହ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବାର ଅଭିଯୋଗ ହେଉଛି।

ଏହି ପରିସ୍ଥିତିରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ତୁରନ୍ତ ରାସ୍ତା ମରାମତି କାମ ଶେଷ କରି ଯାତାୟାତକୁ ସୁରକ୍ଷିତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଦୁର୍ଗେଶ ପ୍ରସାଦ ମିଶ୍ର ଏନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଏକ୍ସ ହ୍ୟାଣ୍ଡଲରେ ଅଭିଯୋଗ କରିଛନ୍ତି।

### ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅବ୍ୟବସ୍ଥା

## ମେଡିକାଲ୍ ବେଡ୍‌ରେ ରୋଗୀ ବଦଳରେ କୁକୁର

**ସୁରକ୍ଷାକର୍ମୀଙ୍କ କାର୍ଯ୍ୟଶୈଳୀକୁ ନେଇ ଉଠିଲା ପ୍ରଶ୍ନ**



ଆନନ୍ଦପୁର,୩।୬ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ସାମ୍ନାକୁ ଆସିଛି ଏକ ଏଭଳି ଦୃଶ୍ୟ, ଯାହା ସରକାରୀ ସ୍ୱାସ୍ଥ୍ୟ ସେବାର ମାନ ଓ ପରିଚାଳନା ଉପରେ ସିଧାସଳଖ ପ୍ରଶ୍ନ ଉଠାଇଛି। ଯେଉଁ ହସ୍ପିଟାଲ ବେଡ୍‌ରେ ରୋଗୀମାନେ ଚିକିତ୍ସା ପାଇବା କଥା, ସେହି ବେଡ୍‌ରେ ଆରାମରେ ଶୋଇଛନ୍ତି ବୁଲା କୁକୁର। ଏହି ଦୃଶ୍ୟ ଦେଖି ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।

ସ୍ୱାସ୍ଥ୍ୟ କେନ୍ଦ୍ର ହେଉଛି ଏମିତି ଏକ ସ୍ଥାନ, ଯେଉଁଠାରେ ଲୋକମାନେ ନିଜ ଜୀବନ ରକ୍ଷା ଓ ଚିକିତ୍ସା ଆଶାରେ ଆସିଥାନ୍ତି। କିନ୍ତୁ ଯଦି ସେହି ହସ୍ପିଟାଲର ବେଡ୍‌ରେ ରୋଗୀଙ୍କ ପରିବର୍ତ୍ତେ କୁକୁର ଶୋଇଥିବା ଦେଖିବାକୁ ମିଳେ, ତେବେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଅବସ୍ଥା କେତେ ଦୁର୍ବଳ ତାହା ସହଜରେ ଅନୁମାନ କରାଯାଇପାରେ। ଏହା କେବଳ ଏକ ଅବହେଳାର ଘଟଣା ନୁହେଁ, ବରଂ ରୋଗୀଙ୍କ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ପ୍ରତି ହେଉଥିବା ଗୁରୁତର ଅବମାନନା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ହସ୍ପିଟାଲ ଭିତରକୁ କୁକୁର ପ୍ରବେଶ କଲା କିପରି? ଯଦି ପ୍ରବେଶ କଲା, ତେବେ ସୁରକ୍ଷା କର୍ମୀ କଣ କରୁଥିଲେ? ଏଭଳି ଏକ ଘଟଣା କେବଳ ସୁରକ୍ଷା ବ୍ୟବସ୍ଥାର ଦୁର୍ବଳତାକୁ ନୁହେଁ, ହସ୍ପିଟାଲ ପରିଚାଳନାର ତଦାରଖ ଅଭାବକୁ ମଧ୍ୟ ପଦାରେ ପକାଇଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଏହା ପ୍ରଥମ ବିବାଦ ନୁହେଁ। ପୂର୍ବରୁ ମଧ୍ୟ ହସ୍ପିଟାଲରେ ବିଭିନ୍ନ ଅବ୍ୟବସ୍ଥା ଓ ଅନିୟମିତତାକୁ ନେଇ ଅଭିଯୋଗ ଉଠିଥିଲା। ଏପରିକି କିଛି ଦିନ ପୂର୍ବରୁ ଡାକ୍ତର ଏବଂ ଡ୍ରେସର ମଦ୍ୟପାନ କରି କାର୍ଯ୍ୟ କରୁଥିବା ନେଇ ମଧ୍ୟ ଅଭିଯୋଗ ଚର୍ଚ୍ଚାକୁ ଆସିଥିଲା।

## ଏସଆଇଆର କାର୍ଯ୍ୟରେ ସାମିଲ କରିବାକୁ ଆଶାକର୍ମୀ ସଂଘର ଦାବି



ମାଲକାନାଗିରି,୩।୬ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା ଆଶାକର୍ମୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଭେଟି ଏସଆଇଆର (ଏ ସ୍ ଆ ଇ ଆ ର୍) କାର୍ଯ୍ୟକ୍ରମ ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ପୂର୍ବରୁ ଆୟୋଜିତ ଏସଆଇଆର ତାଲିମ କାର୍ଯ୍ୟକ୍ରମରେ ଆଶାକର୍ମୀମାନେ ଅନୁପସ୍ଥିତ ରହିଥିଲେ। କାରଣ ସମ୍ପୃକ୍ତ କାର୍ଯ୍ୟାଳୟ ପକ୍ଷରୁ ସେମାନଙ୍କୁ କୌଣସି ଲିଖିତ ପତ୍ର କିମ୍ବା ଆନୁଷ୍ଠାନିକ ସୂଚନା ପ୍ରଦାନ କରାଯାଇନଥିଲା।

ସଂଘ ପକ୍ଷରୁ କୁହାଯାଇଛି ଯେ, ଆଶାକର୍ମୀମାନେ କାର୍ଯ୍ୟ ଅନୁଯାୟୀ ପାରିଶ୍ରମିକ ପାଉଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ମାସିକ ଦରମା ପ୍ରଦାନ କରାଯାଉନାହିଁ। ତେଣୁ ପୁନର୍ବାର ଏସଆଇଆର ତାଲିମ ଆୟୋଜନ କରି ସମସ୍ତ ଆଶାକର୍ମୀଙ୍କୁ ସାମିଲ କରିବା ସହ ସେମାନଙ୍କୁ ଏସଆଇଆର କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ନିବେଦନ କରାଯାଇଛି।

## ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ଆଇଡିଏସ୍ ପକ୍ଷରୁ ୱାକାଥନ୍ ଆୟୋଜିତ



ଭୁବନେଶ୍ୱର,୩।୬ (ସଂଚାର ବ୍ୟୁରୋ): ତମାଖୁ ସେବନର ଭୟାବହତା ଓ ଅପକାରିତା ଏବଂ ତମାଖୁ ମୁକ୍ତ ଜୀବନ ସମ୍ପର୍କରେ ସଚେତନତା ବାଣ୍ଟିବା ଲକ୍ଷ୍ୟ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନସେସ୍ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ବୁଧବାର ଏକ ୱାକାଥନ୍ ଆୟୋଜିତ ହୋଇଯାଇଛି।

ଆଇଡିଏସ୍‌ରୁ ଏହି ରାଲି ଆରମ୍ଭ ହୋଇ ସମ୍ ହସ୍ପିଟାଲ ଛକ ଓ ଏପିଜେ ଅବଦୁଲ କଲାମ୍ ପାର୍କ ଅତିକ୍ରମ କରି ପୁଣି କଲେଜକୁ ପ୍ରତ୍ୟାବର୍ତନ କରିଥିଲା। ଏହି ରାଲିରେ ଫ୍ୟାକଲ୍ଟି ସଭ୍ୟ, ଇନ୍‌ଟର୍ଣ୍ଣ ଓ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ସାମିଲ ହୋଇଥିଲେ। ସେହିପରି ରାଲିରେ ସାମିଲ ହୋଇଥିବା ଆଇଡିଏସ୍‌ର ଇନ୍‌ଟର୍ଣ୍ଣମାନେ କାର୍ଯ୍ୟକ୍ରମକୁ ସଫଳ କରିବା ସହ ସଚେତନତାମୂଳକ ପ୍ରଚାର ଜନସାଧାରଣଙ୍କୁ ବାଣ୍ଟିଥିଲେ।

ରାଲିକୁ ଆଇଡିଏସ୍ ର ଟୋବାକୋ ସିସେସନ୍ ସେଂଟରର ନୋଡାଲ୍ ଅଫିସର ପ୍ରଫେସର ସନତ୍ କୁମାର ଭୂୟାଁ ଶୁଭାରମ୍ଭ କରିଥିବାବେଳେ ତାଙ୍କ ସହିତ ଡାକ୍ତର ବସନ୍ତ ଚୌଧୁରୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଡାକ୍ତର ଗାଥା ମହାନ୍ତି, ଡାକ୍ତର ସ୍ମିତା ପ୍ରିୟଦର୍ଶନୀ ଓ ଡାକ୍ତର ସୁମିତା ମିଶ୍ର ପରିଚାଳନା କରିଥିଲେ।

ଆଇଡିଏସ୍‌ର ଡିନ୍ ପ୍ରଫେସର (ଡାକ୍ତର) ରୁଚି ଭୂୟାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହେବା ସହ ଓଡ଼ିଶାକୁ ସୁସ୍ଥ ଓ ତମାଖୁ ମୁକ୍ତ କରିବା ନେଇ ଏକ ବାର୍ତ୍ତା ପ୍ରଦାନ କରିଥିଲେ।

## ବିଜେପିରେ ମିଶିଲେ କଂଗ୍ରେସ ଓ ବିଜେଡି କର୍ମୀ



କୋରେଇ,୩।୬(ସଂଚାର ବ୍ୟୁରୋ): କୋରେଇ ନିର୍ବାଚନ ମଣ୍ଡଳୀର ରାଜନୈତିକ ପାଣିପାଗରେ ଏବେ ପରିବର୍ତ୍ତନ ଦେଖିବାକୁ ମିଳୁଛି। କଂଗ୍ରେସ ଓ ବିଜେଡି ଦଳର ଆଗଧାଡ଼ିର ନେତା, କାର୍ଯ୍ୟକର୍ତ୍ତା ମାନେ ବିଜେପି ମୁହାଁ ହେଉଛନ୍ତି। ଗତକାଲି କନ୍ତୋର ପଂଚାୟତର ପୂର୍ବତନ ସମିତି ସଭ୍ୟ ଅଶୋକ ବାରିକ ଓ ୨୬ ନମ୍ବର ବୁଥ ସଭାପତି ଅଶୋକ ସାହୁଙ୍କ ନେତୃତ୍ୱରେ ଅନେକ ସଂଖ୍ୟାର ଅନ୍ୟ ଦଳର ନେତା, କର୍ମୀମାନେ କୋରାଇ ବିଧାୟକ ଶ୍ରୀ ଆକାଶ ଦାସନାୟକଙ୍କ ନୀତି ଆଦର୍ଶ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହୋଇ ବିଜେପିରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ବିଧାୟକ ଶ୍ରୀ ଦାସନାୟକ ଦଳୀୟ ଟୋପି ପିନ୍ଧାଇ ସେମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ।

### ରାସ୍ତା କାମ ଅଧାପନ୍ତରିଆ କରି ଚୁପ୍ ବସିଛନ୍ତି ଠିକାଦାର ଓ ଜେଇ

# ଖାଲଖମା ଯୋଗୁଁ ଲୋକେ ହନ୍ତସନ୍ତ

**ଭୋଟ ବର୍ଜନ ପାଇଁ ପଞ୍ଚାୟତବାସୀଙ୍କ ଚେତାବନୀ**



ବୋରିଗୁମ୍ମା,୩।୬ (ସଂଚାର ବ୍ୟୁରୋ): ଠିକାଦାରଙ୍କ ମନମୁଖୀ ଓ ନିମ୍ନମାନର କାର୍ଯ୍ୟ ପାଇଁ ଅଧାରେ ଅଟକିଛି ରାସ୍ତା କାର୍ଯ୍ୟ ହେଲେ ହୋଇପାରୁନି ସମାଧାନ। ସୂଚନା ଅନୁସାରେ ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ତରାଭଟ୍ଟା ଛକ ଠାରୁ କାଠରଗୋଡା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗର ଥିବା ପ୍ରାୟ ୧୨ କିଲୋମିଟର ରାସ୍ତାର ସମ୍ପ୍ରସାରଣ ସହିତ ରାସ୍ତାର ପୁନଃରୁଦ୍ଧାର ପାଇଁ ୨୦୧୩ ମସିହାରେ ୧୪ କୋଟି ଟଙ୍କା ରେ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ହୋଇ ଠିକା ସଂସ୍ଥା କାର୍ଯ୍ୟ ଆରମ୍ଭ କରିଥିଲା କିନ୍ତୁ ନିମ୍ନମାନର କାର୍ଯ୍ୟ ପାଇଁ ଅଭିଯୋଗ ହୋଇ ଭିଜିଲାନ୍ସରେ ଏତଲା ହୋଇ କାର୍ଯ୍ୟ ବନ୍ଦ କରାଯାଇଥିଲା । ଆଜକୁ ୧୬ ବର୍ଷ ବିତିଯାଇଥିଲେ ମଧ୍ୟ ଆଉ କାମ ଆରମ୍ଭ ହୋଇ ପାରୁନାହିଁ। ପକ୍କା ରାସ୍ତା ନିର୍ମାଣ ନ ହେବା ଯୋଗୁଁ ୪ ପଂଚାୟତ ବାସୀଙ୍କ ଦୁଃଖର କାରଣ ପାଲଟିଛି ।

ଏହି ରାସ୍ତା ଉପରେ ବ୍ଲକର ଗୁମୁଡା, କାଠରଗଡା, ଚମ୍ପାପଦର, ହରଡ଼ାଗୁଡା ଭଳି ପଂଚାୟତବାସୀ ନିର୍ଭର କରୁଛନ୍ତି। ଏହା ସହିତ ମଙ୍ଗଳବାର ଦିନ କାଠରଗଡା ସାପ୍ତାହିକ ହାଟ ହେଉଥିବା ଯୋଗୁଁ ବଡ଼ ବଡ଼ ଯାନ ବାହାନ ସହିତ, ଅଞ୍ଚଳର ରୋଗୀଙ୍କୁ ନେବା ଆଣିବା ପାଇଁ ଆମ୍ବୁଲାନ୍ସ ଯାତାୟାତ କରୁଛି । ସେପଟେ ବ୍ଲକର ଚର୍ଚ୍ଚିତ ପର୍ଯ୍ୟଟନ ସ୍ଥଳୀ ଦଣ୍ଡାବାଡ ଇକୋ ପାର୍କ, ମୁରାନ ଡ୍ୟାମ ଏବଂ ମେଗା ଜଳ ପ୍ରକଳ୍ପ କୁ ଯିବା ପାଇଁ ରାସ୍ତା ଉପରେ ନିର୍ଭର କରିବାକୁ ପଡୁଛି ପର୍ଯ୍ୟଟକଙ୍କୁ। ଯାହା ଫଳରେ ପଥଚାରୀ, ପର୍ଯ୍ୟଟକ ଖରାପ ରାସ୍ତା ଯୋଗୁଁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି ।

ଏହି ରାସ୍ତାଟିକୁ ନିର୍ମାଣ କରିବା ପାଇଁ ଗୁମୁଡ଼ା, ପଖନାଗୁଡ଼ା, ପ୍ରଧାନିପୁଟ, ରଜାପୁଟ ,କାଠରଗଡା ଗ୍ରାମବାସୀ ଦାବି କରିଛନ୍ତି | ରାସ୍ତା ନିର୍ମାଣ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବା ସହ ଆଗାମୀ ପଞ୍ଚାୟତ ନିର୍ବାଚନକୁ ବର୍ଜନ କରିବେ ବୋଲି ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି

ସେପଟେ କିଛି ନ୍ୟାୟିକ ପ୍ରକ୍ରିୟା ଯୋଗୁଁ ରାସ୍ତା କାମ ଅଟକି ଥିଲା କିନ୍ତୁ ଏବେ ସମସ୍ୟାର ସମାଧାନ ହୋଇଛି ଖୁବ୍ ଶୀଘ୍ର ଟେଣ୍ଡର ପ୍ରକ୍ରିୟା ସରିବ, ବର୍ଷା ଋତୁ ପରେ ରାସ୍ତା ନିର୍ମାଣ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି କୋରାପୁଟ ଜିଲ୍ଲାପାଳ ମୋନଜ ସତ୍ୟବାନ ମହାଜନ।

## ସରକଣା ସେବା ସମବାୟ ସମିତିରେ ଖୋଲିଲା ଧାନମଣ୍ଡି

ବାଲିଅନ୍ତା,୩।୬(ସଂଚାର ବ୍ୟୁରୋ):ବାଲିଅନ୍ତା ବ୍ଲକ ଅନ୍ତର୍ଗତ ସରକଣା ସେବା ସମବାୟ ସମିତି ମାଧ୍ୟମରେ ଆଜିଠାରୁ ରବି ଋତୁର ଧାନକ୍ରୟ କାର୍ଯ୍ୟକ୍ରମ ସୁଭାରମ୍ଭ ହୋଇଛି । ସମିତିର ସ୍ଥାୟୀ ସଭାପତି ସୋମନାଥ ସ୍ୱାଇଁ ନଡ଼ିଆ ବାଡେଇ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ସହକାରୀ ନିବନ୍ଧକ କାର୍ଯ୍ୟାଳୟର କ୍ଷେତ୍ରିୟ ଅଧିକାରୀ ପ୍ରକାଶ କୁମାର ସେଠୀ, ବାଲିଅନ୍ତା ବ୍ଲକ ସମବାୟ ଅଧିକାରୀ ଦିବ୍ୟରଞ୍ଜନ ପ୍ରଧାନ,ବରିଷ୍ଠ ସାମ୍ବାଦିକ ନିରଞ୍ଜନ ସେନାପତି, ପ୍ରଭାତେନ୍ଦୁ ସାମନ୍ତରାୟଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଚାଷି ଉପସ୍ଥିତ ଥିଲେ । ଆଜି ସାନ୍ଧୋଲିଆ ରାଇସ ମିଲଦ୍ୱାରା ୯ଜଣ ଚାଷିଙ୍କ ଠାରୁ ୪୦୦କ୍ୱିଣ୍ଟାଲ୍ ଧାନ ସଂଗ୍ରହ କରାଯାଇଥିଲା। ଭାରାପ୍ରାପ୍ତ ସଂପାଦକ ଦେବେନ୍ଦ୍ର କୁମାର ପୃଷ୍ଟିଙ୍କ ଦ୍ୱାରା ସମସ୍ତ କାର୍ଯ୍ୟର ସୁପରିଚାଳନା କରା ଯାଇଥିଲା ।



**AFFIDAVIT**

I, **PRATIKSHYA SARANGI**, W/o- Dr. Priyadarsi Tripathy, permanent resident of **Flat No.302, Metro Manorama Complex, P.O- Buxibazar, Dist- Cuttack-753001, Odisha**, declare by this **Affidavit No.4489, dated-28.05.2026**, That now onwards I shall be known as **PRATIKHYA SARANGI** for all future purposes.

ଏକଲବ୍ୟ ବିଦ୍ୟାଳୟରେ ମହାକାଶ ପ୍ରୟୋଗଶାଳା

# ୧୩ ସ୍କୁଲରେ ସ୍ପେସ୍ ଲ୍ୟାବ୍ ଉଦ୍‌ଘାଟନ କଲେ ରାଷ୍ଟ୍ରପତି




ଭୁବନେଶ୍ୱର,୩।୬ (ସଂଚାର ବ୍ୟୁରୋ): ଆଦିବାସୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବ୍ୟାପୀ ୭୫ଟି ମନୋନୀତ ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟରେ 'ମହାକାଶ ପ୍ରୟୋଗଶାଳା ବା ସ୍ପେସ୍ ଲ୍ୟାବ୍'ର ଉଦଘାଟନ କରିଛନ୍ତି। କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଏବଂ କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ଦୁର୍ଗାଦାସ ଉଇକେଙ୍କ ଉପସ୍ଥିତିରେ ସ୍ପେସ୍ ଲ୍ୟାବ୍ ଗୁଡ଼ିକର ଶୁଭାରମ୍ଭ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାରୁ ୧୩ଟି ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ସ୍ପେସ୍ ଲ୍ୟାବ୍ ପ୍ରତିଷ୍ଠା ପାଇଁ ମନୋନୀତ ହୋଇଛନ୍ତି। ଏହି ସ୍ପେସ୍ ଲ୍ୟାବ୍ ଗୁଡ଼ିକ କୋରାପୁଟ ଜିଲ୍ଲାର କୋଟପାଡ ଓ କୁନ୍ଦ୍ରା, ମାଲକାନଗିରିର ମାଥିଲି, କଳାହାଣ୍ଡିର ଥୁଆମୁଳ ରାମପୁର, କେନ୍ଦୁଝରର ପାଟନା ଏବଂ ମୟୂରଭଞ୍ଜ ଜିଲ୍ଲାର ୮ଟି ବିଦ୍ୟାଳୟ ଯଥା ରାଇରଙ୍ଗପୁର, ଠାକୁରମୁଣ୍ଡା, ବାରିପଦା, ବଡ଼ସାହି, କପ୍ତିପଦା, କୋଲିଆନା, ରାସଗୋବିନ୍ଦପୁର ଓ ଉଦଳାରେ ସ୍ଥାପନ କରାଯାଇଛି। ଏହି ଉଦଘାଟନ ଉତ୍ସବରେ ବିଭିନ୍ନ ରାଜ୍ୟର ଏକଲବ୍ୟ ମଡେଲ ଅବାସିକ ଅନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ବରିଷ୍ଠ ଅଧିକାରୀମାନେ ଭର୍ଚୁଆଲ୍ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ପ୍ରକ୍ରିୟା ମାଧ୍ୟମରେ ପିଲାମାନେ ମହାକାଶ ବିଜ୍ଞାନ, ରୋବୋଟିକ୍ସ, ସାଟେଲାଇଟ୍ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ-ଚାଳିତ ଶିକ୍ଷା ଭଳି ଅତ୍ୟାଧୁନିକ କ୍ଷେତ୍ର ବିଷୟରେ ବ୍ୟବହାରିକ ଅଭିଜ୍ଞତା ହାସଲ କରିପାରିବେ। ଏହା ସାରା ଦେଶର ଆଦିବାସୀ ବହୁଳ ଅଞ୍ଚଳରେ ଡିଜିଟାଲ୍ ଶିକ୍ଷା ଓ ଉନ୍ନତ ବୈଜ୍ଞାନିକ ସୁଯୋଗ ବିସ୍ତାର କରିବା ପାଇଁ ଭାରତ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ନୂତନ ଭାବେ ପ୍ରତିଷ୍ଠିତ ଏହି ସ୍ପେସ୍ ଲ୍ୟାବ୍ ଗୁଡ଼ିକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବକୁ ବଢ଼ାଇବ ଏବଂ ଭବିଷ୍ୟତରେ ବିଜ୍ଞାନ, ଇଞ୍ଜିନିୟରିଂ ଓ ମହାକାଶ ଗବେଷଣା ଭଳି କ୍ଷେତ୍ରରେ କ୍ୟାରିଅର୍ ଗଢ଼ିବାକୁ ପ୍ରେରଣା ଦେବ।

# ଏଥର ମୌସୁମୀକୁ ରୋକିବ ଏଲ୍-ନିନୋ: ଆଇଏମ୍‌ଡି ଡିଜି

● ଉତ୍ତର ଓଡ଼ିଶାରେ ସାମାନ୍ୟରୁ କମ୍ ବର୍ଷା
● ଦକ୍ଷିଣ ଓ କେନ୍ଦ୍ର ଓଡ଼ିଶାରେ ସାମାନ୍ୟ ଅଧିକ ବର୍ଷା ସମ୍ଭାବନା



ଭୁବନେଶ୍ୱର,୩।୬(ସଂଚାର ବ୍ୟୁରୋ): ଚଳିତ ବର୍ଷ ଏସିଆ-ପେସିଫିକ୍ (ଏସିୟ ପ୍ରଶାନ୍ତ ମହାସାଗର)ରେ ଏଲ୍‌ନିନୋ ସକ୍ରିୟ ଥିବାରୁ ଚଳିତ ବର୍ଷ ମୌସୁମୀ ପ୍ରବାହ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି ବୋଲି ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିବା ପରେ ଭାରତୀୟ ପାଣିପାଗ ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ସେ କହିଛନ୍ତି ଯେ, ଏହି କାରଣରୁ ଚଳିତ ବର୍ଷ ମୌସୁମୀ ଋତୁ ଅର୍ଥାତ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ବର୍ଷାର ପରିମାଣ କମ୍ ରହିବ। ଓଡ଼ିଶା କଥା ଦେଖିଲେ, ଉତ୍ତର ଓଡ଼ିଶାରେ ସାମାନ୍ୟରୁ କମ୍ ବର୍ଷା ଏବଂ ଦକ୍ଷିଣ ଓ କେନ୍ଦ୍ରୀୟ ଓଡ଼ିଶାରେ ସାମାନ୍ୟ କିମ୍ବା ତାଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି।

ଓଡ଼ିଶା ଗସ୍ତରେ ଆସିଥିବା ଡକ୍ଟର ମହାପାତ୍ର କହିଛନ୍ତି ଯେ, ପୁରୀରେ ହେଉଥିବା ବ୍ରିକ୍ସ ସମ୍ମିଳନୀରେ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକରେ ଯେଉଁସବୁ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଉଛି, ତା' ଉପରେ ପର୍ଯ୍ୟାଲୋଚନା କରାଯାଉଛି। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଭାରତକୁ ଯେଉଁ ସଫଳତା ମିଳିଛି ସେ ସମ୍ପର୍କରେ ସାରା ବିଶ୍ୱକୁ ଜଣାଇବାରେ ଏହି ସମ୍ମିଳନୀ ଏକ ମାଧ୍ୟମ ସୃଷ୍ଟି କରିବ ବୋଲି ସେ ସୂଚନା ଦେଇଛନ୍ତି।

## ବଜ୍ରପାତରେ ଜଳିଗଲା ଛଅ ବଖରା ଘର

କାମାକ୍ଷାନଗର,୩।୬(ସଂଚାର ବ୍ୟୁରୋ): ବଜ୍ରପାତରେ ଜଳିଗଲା ଛଅ ବଖରା ଘର । ଲକ୍ଷାଧିକ ଟଙ୍କାର ସୁନା, ରୁପା, ଆସବାବ ପତ୍ର ଜଳିପୋଡି ପାଉଁଶ । ଯମୁନାକୋଟ ଗାଁରେ ଘଟିଛି ଅଘଟଣ । ଗାଁର ଅଖିଳ ସାହାଣୀ ଓ ଉଦୟ ସାହାଣୀଙ୍କ ଛଅ ବଖରା ଘର ଭସ୍ମିଭୂତ । ସୂଚନା ଅନୁସାରେ ଆଜି ସନ୍ଧ୍ୟା ସମୟରେ କାମାକ୍ଷାନଗର ଅଞ୍ଚଳରେ ଘଡଘଡି ସହ ବର୍ଷା ହୋଇଥିଲା । ସେହି ସମୟରେ ହଟାତ ଅଖିଳ ଓ ଉଦୟଙ୍କ ଘର ଉପରେ ବଜ୍ରପାତ ହୋଇଥିଲା । ଫଳରେ ଛଅ ବଖରା ଘର ସମେତ ଘରେଥିବା ସୁନା, ରୁପା, ଓ ଅନ୍ୟ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି । ଖବରପାଇ କାମାକ୍ଷାନଗର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ ଜାରିରଖିଛି । ତେବେ ଅଖିଳ ଓ ଉଦୟ ଦୁଇଭାଇ ହୋଇଥିବା ଜଣାପଡିଛି ।

## ଅଟୋ ଚାଳକଙ୍କୁ ମହିଳାଙ୍କ ଚପଲ ମାଡ଼, ଭିଡିଓ ଭାଇରାଲ୍



ପୁରୀ,୩।୬(ସଂଚାର ବ୍ୟୁରୋ): ଅଟୋ ଚାଳକଙ୍କୁ ଚପଲ ମାଡ । ମହିଳା ମାଡ ମାରୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ପୁରୀ ବାଲିସାହିରେ ଆଜି ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଶ୍ରୀମନ୍ଦିର ସମ୍ମୁଖ ବାଲିସାହି ରାସ୍ତା କାମ ସରିଥିଲା । ପ୍ରତିଦିନ ପରି ଆଜି ମଧ୍ୟ ଅନେକ ପର୍ଯ୍ୟଟକ ଏହି ରାସ୍ତା ଦେଇ ଯିବା ଆସିବା କରିଥାନ୍ତି । ଜନଗହଳିପୂର୍ଣ୍ଣ ଏହି ରାସ୍ତାର ଅନେକ ଅଟୋ ଚଳାଚଳ କରୁଥିବାରୁ ଏହି ରାସ୍ତା ଆହୁରି କାମ ହୋଇ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡୁଛି। ଆଜି ଏଭଳି ଟ୍ରାଫିକ ଜାମରେ ଫସିଯାଇଥିଲେ କିଛି ମହିଳା ଓ ଯୁବତୀ। ଏହି ସମୟରେ ଏକ ଅଟୋ ଆସୁଥିବାରୁ ଯିବା ଆସିବା କଷ୍ଟକର ହୋଇପଡ଼ିଥିଲା । ଅଟୋ ଚାଳକ ଅଯଥା ଯୁକ୍ତି କରିବାରୁ ମହିଳା ଉତକ୍ଷିପ୍ତ ହୋଇ ଅଟୋ ଚାଳକଙ୍କୁ ଚପଲରେ ମାଡ ମାରୁଥିବା ଭିଡିଓ ଭାଇତାଲ ହୋଇଛି । ଖବର ପାଇ ଟ୍ରାଫିକ ପୋଲିସ ଘଟଣାସ୍ଥଳରେ ପହଂଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା ।

ସମ୍ବଲପୁରରେ ହାତୀ ଆତଙ୍କ

## ଶୌଚ ହେବାକୁ ଯାଇଥିବାବେଳେ ଜଣଙ୍କୁ ଦଳିଦେଲା ଦନ୍ତା



ସମ୍ବଲପୁର,୩।୬(ସଂଚାର ବ୍ୟୁରୋ): ଦଳିଦେଲା ଦନ୍ତା, ଜଣେ ମୃତ । ସମ୍ବଲପୁର ଯୁଯୁମରା ବ୍ଲକ କୁମ୍ଭେର ଗାଁରେ ହାତୀ ଆତଙ୍କ ଦେଖା ଦେଇଛି। ମୃତକ ହେଲେ ଲବ ଭୋଇ। ଆଜି ଭୋରୁ ଶୌଚ ହେବାକୁ ଯାଇଥିବାବେଳେ ହାତୀ ହାବୁଡରେ ପଡିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଛି। କିଛିଦିନ ହେଲା କୁମ୍ଭେର ଅଞ୍ଚଳରେ ବୁଲୁଛନ୍ତି ଏକ ହାତୀପଲ। ହାତୀର ଗତିବିଧି ଉପରେ ନଜର ରଖିଛି ବନବିଭାଗ। ସେହିପରି ଗତଦୁଇ ଦିନ ତଳେ ଅନୁଗୁଳ ବନାଞ୍ଚଳ ଅଧୀନସ୍ଥ ମୃଷାପାପୁଲି ଗାଁରେ ଜଣେ ବୃଦ୍ଧଙ୍କ ମୁଣ୍ଡକୁ ଦଳିଦେଲା ଦନ୍ତା। ମୃତକ ହେଲେ ୬୫ ବର୍ଷିୟ ଗନ୍ଧର୍ବ ସାହୁ। ସକାଳ ସାଢ଼େ ୬ଟା ବେଳେ ଗନ୍ଧର୍ବ ଗାଁ ପାଖ ଜଙ୍ଗଲକୁ ଯାଇଥିବା ବେଳେ ତାଙ୍କୁ ହାତୀ ଆକ୍ରମଣ କରିଥିଲା। ବନବିଭାଗ ଟିମ୍ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ସେହିପରି ଛେଣ୍ଡିପଦା ବନାଞ୍ଚଳ ନୂଆଗାଁରେ ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ ହୋଇଥିଲା । ମୃତ ମହିଳା ଜଣକ ଜରିପାଳ ଗାଁର ପ୍ରମିଳା ରାଉଳ ।

## ହାଇୱା- ବାଇକ୍ ଧକ୍କାରେ ୨ ମୃତ

ବୌଦ୍ଧ,୩।୬(ସଂଚାର ବ୍ୟୁରୋ): ହାଇୱା ପଛରେ ପିଟି ହୋଇଗଲା ବାଇକ୍, ୨ ମୃତ। ବୌଦ୍ଧ ପୁରୁଣାକଟକ ଥାନା କରଞ୍ଜକଟା ହାଟପଦା ଛକ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା । ମୃତକଙ୍କ ମଧ୍ୟରେ ଜଣେ ବିହାରର ଉପେନ୍ଦ୍ର ପାଲ ଓ ଅନ୍ୟ ଜଣେ ଅନୁଗୁଳ ଠାକୁରଗଡ଼ର ଦୁଷ୍ମନ୍ତ ଦେହୁରୀ। ଗତକାଲି ରାତିରେ ଦୁଇ ଜଣ ବାଇକରେ ଚାରିଛକରୁ କରଞ୍ଜକଟା ରେଲୱେ କ୍ୟାମ୍ପକୁ ଫେରୁଥିଲେ। ଏହି ସମୟରେ କରଞ୍ଜକଟା ହାଟପଦା ନିକଟରେ ଠିଆ ହୋଇଥିବା ହାଇୱାକୁ ବାଇକଟି ପଛପଟୁ ଧକ୍କା ଦେଇଥିଲା। ଏଥିରେ ଦୁଇଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ପୁରୁଣାକଟକ ପୋଲିସ ଘଟଣା ସ୍ଥଳରେ ପହଁଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି।

## ଶ୍ରମ ସଂସ୍ଥାନକୁ କ୍ରିୟାଶୀଳ କରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର,୩।୬(ସଂଚାର ବ୍ୟୁରୋ): ରାଜ୍ୟ ଶ୍ରମ ସଂସ୍ଥାନ, ଓଡ଼ିଶାର ୧୩ତମ ସାଧାରଣ ପରିଷଦ ବୈଠକ ଆଜି ସ୍ଥାନୀୟ ଖାରବେଳ ଭବନରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଶ୍ରମ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ଶ୍ରମ ସଂସ୍ଥାନକୁ ଅଧିକ କ୍ରିୟାଶୀଳ, ଦକ୍ଷ ଏବଂ ଲୋକାଭିମୁଖୀ କରିବା ପାଇଁ ସମସ୍ତ ସଦସ୍ୟଙ୍କ ସକ୍ରିୟ ସହଯୋଗ ଓ ପରାମର୍ଶ ଆବଶ୍ୟକ। ଶ୍ରମିକଙ୍କ କଲ୍ୟାଣ ଓ କ୍ଷମତା ବିକାଶ ଦିଗରେ ସଂସ୍ଥାନର ଭୂମିକାକୁ ଆହୁରି ସୁଦୃଢ଼ କରିବା ପାଇଁ ସମସ୍ତଙ୍କ ସମନ୍ୱିତ ପ୍ରୟାସ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ଶ୍ରମ ସଂସ୍ଥାନ ପାଇଁ ଏକ ନୂତନ ଭବନ ନିର୍ମାଣ ଏବଂ ସଂସ୍ଥାନର କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବଶାଳୀ ଭାବେ ପରିଚାଳନା କରିବା ନିମନ୍ତେ ଆବଶ୍ୟକ ମାନବ ସମ୍ବଳ ନିଯୁକ୍ତି ସମ୍ପର୍କିତ ପ୍ରସ୍ତାବ ଆଗତ କରାଯାଇଥିଲା। ସଂସ୍ଥାନର ଉପାଧ୍ୟକ୍ଷା ତଥା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ ତାଙ୍କ କହିଥିଲେ ଯେ ଆଗାମୀ ଦିନରେ ଏହି ଶ୍ରମ ସଂସ୍ଥାନକୁ ଅଧିକ ଲୋକାଭିମୁଖୀ କରିବା ସହ ବିଭିନ୍ନ ଶ୍ରମ ସଂହିତା ସମ୍ବନ୍ଧୀୟ ବ୍ୟାପକ ପ୍ରଶିକ୍ଷଣ ପ୍ରଦାନ କରାଯିବ। କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ହିନ୍ଦ ମଜଦୁର ସଭାର ପ୍ରତିନିଧି ତଥା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଭାରତୀୟ ମଜଦୁର ସଂଘର କେ.ଏମ୍. ରାଓ ଓ ବିନୟ ତ୍ରିପାଠୀ, ଇଣ୍ଡିଆନ ଟ୍ରେଡ୍ ୟୁନିୟନ କଂଗ୍ରେସର ଧରଣୀଧର ସ୍ୱାଇଁ ଏବଂ ସେଣ୍ଟର ଫର୍ ଇଣ୍ଡିଆନ ଟ୍ରେଡ୍ ୟୁନିୟନର ଉଲ୍ଲାସ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ମାଲିକ ପକ୍ଷର ପ୍ରତିନିଧି ଭାବେ ନାଲକୋର ଶିମନୀ ମହାପାତ୍ର, ଟାଟା ଷ୍ଟିଲର ସାଇଦର୍ଶନ ପାଣିଗ୍ରାହୀ ଏବଂ ଇଫକୋ ଲିମିଟେଡର ପି.କେ. ମହାପାତ୍ର ଉପସ୍ଥିତ ଥିଲେ।

# ଓଡ଼ିଶା ଅର୍ବାନ୍ ଏକାଡେମୀ ହଷ୍ଟେଲ୍ ଉଦ୍‌ଘାଟିତ

ଭୁବନେଶ୍ୱର,୩।୬ (ସଂଚାର ବ୍ୟୁରୋ): ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ରାଜଧାନୀର ବାସୁଆଘାଇଠାରେ ନବନିର୍ମିତ ଓଡ଼ିଶା ଅର୍ବାନ୍ ଏକାଡେମୀର ନବନିର୍ମିତ ହଷ୍ଟେଲ୍‌ର ଉଦ୍‌ଘାଟନ କରିଛନ୍ତି।

ଏହି ଅବସରରେ ବିଧାୟକ ବାବୁ ସିଂ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, 'ଓ୍ୱାଟକୋ' ର ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ମହାନ୍ତି ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ସମାରୋହରେ ଓଡ଼ିଶା ଅର୍ବାନ୍ ଏକାଡେମୀର ବାର୍ଷିକ ପ୍ରଶିକ୍ଷଣ କ୍ୟାଲେଣ୍ଡର ଉନ୍ମୋଚନ କରାଯାଇଛି। ୯.୪୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଓଡ଼ିଶା ଅର୍ବାନ୍ ଏକାଡେମୀ ହଷ୍ଟେଲ୍‌କୁ ଏକ ସ୍ୱତନ୍ତ୍ର ଆବାସିକ ସୁବିଧା ଭାବେ ବିକଶିତ କରାଯାଇଛି।

ଏହା ଏକାଡେମୀ ଦ୍ୱାରା ଆୟୋଜିତ ବିଭିନ୍ନ ଦକ୍ଷତା ବୃଦ୍ଧି, ପ୍ରଶିକ୍ଷଣ, ଗବେଷଣା ଏବଂ ଜ୍ଞାନ ଆଦାନପ୍ରଦାନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ପ୍ରଶିକ୍ଷକ, ପ୍ରଶିକ୍ଷାର୍ଥୀ, ସହରାଞ୍ଚଳ ବିଶେଷଜ୍ଞ, ନିର୍ବାଚିତ ପ୍ରତିନିଧି ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ସହାୟତା ପ୍ରଦାନ କରିବ। ପ୍ରଶିକ୍ଷାର୍ଥୀଙ୍କ ପାଇଁ ଏକ ଆରାମଦାୟକ, କାର୍ଯ୍ୟୋପଯୋଗୀ ଏବଂ ଶିକ୍ଷା-ଅନୁକୂଳ ପରିବେଶ ଯୋଗାଇଦେବାକୁ ଦୃଷ୍ଟିରେ ରଖି ଏହି ହଷ୍ଟେଲ୍ ନିର୍ମାଣ କରାଯାଇଛି।




ଏଠାରେ ୨୮ଟି ଟ୍ୱିନ୍-ସେୟାରିଂ (ଦୁଇ ଜଣିଆ) ରୁମ୍ ଜରିଆରେ ମୋଟ ୫୬ ଜଣ ଅନ୍ତେବାସୀ ରହିପାରିବେ। ଏଥିମଧ୍ୟରେ ୨୪ଟି ଷ୍ଟାଣ୍ଡାର୍ଡ ରୁମ୍ ଏବଂ ୪ଟି ପ୍ରିମିୟମ୍ ରୁମ୍ ରହିଛି। ଏହି ବିଲ୍ଡିଂରେ ରିସେପ୍ସନ ଓ ପ୍ରଶାସନିକ କ୍ଷେତ୍ର, ୪୦ ଜଣ ବସିବା ଭଳି କ୍ଷମତା ସମ୍ପନ୍ନ ଡାଇନିଂ ହଲ୍, ମଡ୍ୟୁଲାର୍ କିଚେନ୍, ଗେଷ୍ଟ ରୁମ୍, କମନ୍ ୟୁଟିଲିଟି ସ୍ପେସ୍, ପ୍ରଶସ୍ତ ଲବି ଏବଂ ସାମାଜିକ ଆଲୋଚନା ପାଇଁ ସ୍ୱତନ୍ତ୍ର ସ୍ଥାନ ରହିଛି।

## ଅନ୍ଧ ବିଶ୍ୱାସର କରୁଣ ପରିଣତି
## ଗୁଣିଗାରିଡି ସନ୍ଦେହରେ ଗଲା ଜୀବନ

ବୈପାରୀଗୁଡା,୩।୬ (ସଂଚାର ବ୍ୟୁରୋ): ଅନ୍ଧ ବିଶ୍ୱାସ କରୁଣ ପରିଣତି । ଗୁଣି ଗାରେଡି ସନ୍ଦେହରେ ହତ୍ୟା । କୋରାପୁଟ ଜିଲ୍ଲା ବୈପାରୀଗୁଡା ଥାନା ଅନ୍ତର୍ଗତ କୁନ୍ଦୁରା ବ୍ଲକ ଘୁମର ପଂଚାୟତର ଝଡିଗୁଡା ଗାଁରେ ଘଟିଛି ଏଭଳି ଅଭାବନୀୟ ଘଟଣା । ମୃତକ ସେହି ଗାଁର ନାରାୟଣ ମିନରବାଲିଆ । ସୂଚନା ମୁତାବକ ଝଡିଗୁଡାର କମଲଚନ କରଲିଆ ନାମକ ଜଣେ ବ୍ୟକ୍ତି ଅସୁସ୍ଥ ଥିଲେ। ଗତ କାଲି ରାତିରେ ଗୁଣିଆ ଭାବେ ଔଷଧ ଦେବା ପାଇଁ ନାରାୟଣ ମିନରବାଲିଆ କମଲଚନଙ୍କ ଘରକୁ ଯାଇଥିଲେ । ହେଲେ ରାତିରେ କମଲଚନଙ୍କ ହଠାତ୍ ମୃତ୍ୟୁ ହୋଇଥିଲା। କମଲଚନଙ୍କୁ ଗୁଣିଗାରେଡ଼ି କରି ହତ୍ୟା କରାଯାଇଥିବା ସନ୍ଦେହ କରିଥିଲେ ପରିବାର ଲୋକେ । ଘରକୁ ଆସିଥିବା ନାରାୟଣ ମିନରବାଲିଆଙ୍କ ଉପରେ ସନ୍ଦେହ ବଢ଼ିଯାଇଥିଲା। ଏହାପରେ ପ୍ରତିଶୋଧ ପରାୟଣ ହୋଇ କମଲଚନଙ୍କ ବଡ଼ ଭାଇ ହରିବନ୍ଧୁ କରଲିଆ ନାରାୟଣଙ୍କୁ ହତ୍ୟା କରିଛନ୍ତି । କାଠ ଫାଳିଆ ସାହାଯ୍ୟରେ ନାରାୟଣଙ୍କ ମୁହଁ ଏବଂ ମୁଣ୍ଡରେ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି । ସେପଟେ ହତ୍ୟାକାରୀଙ୍କୁ ଉଚିତ ଦଣ୍ଡ ପ୍ରଦାନ ପାଇଁ ଦାବୀ ହୋଇଛି ।

# ଆଗାମୀ ଦିନରେ ଛାତ୍ର ଓ ଯୁବସମାଜ ବଡ଼ ବିପ୍ଳବ କରିବ: ଭକ୍ତ

## କଂଗ୍ରେସ ସରକାରରେ ଜଳ ବିବାଦର ସମାଧାନ ହେଉଥିଲା: ନିରଞ୍ଜନ




ଭୁବନେଶ୍ୱର,୩।୬ (ସଂଚାର ବ୍ୟୁରୋ): ମହାନଦୀ ଜଳ ବିବାଦରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ ଆଜି କଂଗ୍ରେସ କଡା ସମାଲୋଚନା କରିଛି। ଏଥିସହିତ କେନ୍ଦ୍ର ସରକାର ଏଥିରେ ହସ୍ତକ୍ଷେପ ନକଲେ ଆଗାମୀ ଦିନରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରାଯିବ ବୋଲି ପିସିସି ସଭାପତି କହିଛନ୍ତି। ଗତ କିଛି ଦିନ ଧରି ବରିଷ୍ଠ ନେତାଙ୍କ ସହ ପିସିସି ସଭାପତିଙ୍କ ପଟୁନାହିଁ ବୋଲି ହେଉଥିବା ଚର୍ଚ୍ଚାରେ ଜବନିକା ଟାଣିବାକୁ ଆଜି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସହ ମିଳିତ ସାମ୍ବାଦିକ ସମ୍ମିଳନୀ କରିଥିଲେ ଭକ୍ତ ଦାସ। ଭକ୍ତ ଦାସ ମହାନଦୀ ଜଳ ବିବାଦକୁ ନେଇ ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଥିଲେ । ସେ କହିଥିଲେ, ସରକାର କହୁଛନ୍ତି, ମହାନଦୀ ଜଳକୁ ନେଇ ଆମର ଛତିଶଗଡ ସହିତ କୌଣସି ବିବାଦ ନାହିଁ । ୨୦୨୬ ଜୁଲାଇ ୨୯ ତାରିଖରେ ବିଧାନସଭାରେ ଜୈନକ ବିଧାୟକଙ୍କ ପ୍ରଶ୍ନର ଉତ୍ତର ଦେଇ, ମୁଖ୍ୟମନ୍ତ୍ରୀ କହିଥିଲେ, ମହାନଦୀର ଉପର ମୁଣ୍ଡରେ ୪୧ଟି ବୃହତ ଓ ମଧ୍ୟମ ଧରଣର ପ୍ରକଳ୍ପ ଏବଂ ୧୮୭୪ଟି କ୍ଷୁଦ୍ର ଏବଂ ଅନ୍ୟାନ୍ୟ ନଦୀ ଜଳ ପ୍ରକଳ୍ପ ତିଆରି ହେଇଥିବାରୁ ଅଣ ମୌସୁମୀ ସମୟରେ ମହାନଦୀରେ ଜଳ ହ୍ରାସ ପାଉଛି। ତେବେ ଓଡିଶା କିପରି କ୍ଷତିଗ୍ରସ୍ତ ହେଉନାହିଁ ବୋଲି ପିସିସି ସଭାପତି ପ୍ରଶ୍ନ କରିଛନ୍ତି। ରାଜ୍ୟର ବିଭିନ୍ନ ଶିଳ୍ପକୁ ମହାନଦୀର ଜଳ ଯୋଗାଇ ଦିଆଯାଉଛି । ପ୍ରତ୍ୟେକ ଶିଳ୍ପ ୫୦ ହଜାରରୁ ଲକ୍ଷେ କ୍ୟୁବିକ ମିଟର ଜଳ ବ୍ୟବହାର କରୁଛନ୍ତି । ବର୍ତ୍ତମାନ ଛତିଶଗଡ ଓ ଓଡିଶାରେ ବିଜେପି ସରକାର ରହିବା ସହ କେନ୍ଦ୍ରରେ ମଧ୍ୟ ବିଜେପି ସରକାର ଅଛି ଯଦି ପ୍ରଧାନମନ୍ତ୍ରୀ ଚାହିଁବେ ଗୋଟିଏ ଦିନରେ ମହାନଦୀ ଜଳ ବିବାଦର ସମାଧାନ ହୋଇପାରିବ । ମହାନଦୀର ଜଳକୁ ଛତିଶଗଡ ହାତରେ ଟେକି ଦେଇ ରାଜ୍ୟର ବୃହତ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ପ୍ରଧାନମନ୍ତ୍ରୀ ଓଡିଶାକୁ ସରକାରଙ୍କ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିବାକୁ ଆସୁଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଓଡିଶା ଗସ୍ତକୁ ଆମେ ସ୍ୱାଗତ କରୁଛୁଁ କିନ୍ତୁ ମହାନଦୀ ଜଳ ବିବାଦର ସମାଧାନ କରିବାକୁ ପଡିବ ନହେଲେ କଂଗ୍ରେସ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରିବ ବୋଲି ସେ କହିଛନ୍ତି ।

ପୂର୍ବତନ ରାଜ୍ୟ ଜଳ ସମ୍ପଦ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ, କଂଗ୍ରେସ ସରକାର ସମୟରେ ଜଳ ବିବାଦ ସମସ୍ୟା ଗୁଡିକୁ ଆମେ ସୁଚାରୁ ରୂପେ ସମାଧାନ କରୁଥିଲୁ । ଓଡିଶାରେ ରାଜ୍ୟର ସ୍ୱାର୍ଥକୁ ନେଇ ରାଜନୈତିକ ଦଳଙ୍କ ଭିତରେ ଏକତା ନାହିଁ ବୋଲି ସେ କହିଥିଲେ ।

ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କଲେ ଜିଲ୍ଲାପରିଷଦ ସଭ୍ୟ

# ଜନପ୍ରତିନିଧିଙ୍କୁ ବିଡିଓଙ୍କ ଅଣଦେଖା ଅଭିଯୋଗ



ଖୋର୍ଦ୍ଧା,୩।୬ (ସଂଚାର ବ୍ୟୁରୋ): ଜିଲ୍ଲା ପରିଷଦ ବୈଠକରେ ଏକ ଅଭବାନୀୟ ଘଟଣା ଦେଖିବାକୁ ମିଳିଛି। ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କଲେ ଜିଲାପରିଷଦ ସଭ୍ୟ। ଜନପ୍ରତିନିଧିଙ୍କୁ ବୋଲଗଡ ବିଡିଓଙ୍କ ଅଣଦେଖା, ଦୁର୍ବ୍ୟବହାର ଏବଂ ଅସହଯୋଗ ମନୋଭାବ ପ୍ରତିବାଦରେ ୨୭ ନମ୍ବର ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଛୋଟରାୟ ବୈଠକ ମଝିରେ ପେଟ୍ରୋଲ ଢାଳିହୋଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପାଖରେ ବସିଥିବା ଅନ୍ୟ ସଦସ୍ୟମାନେ ତାଙ୍କୁ କାବୁ କରିଥିଲେ। ଜନପ୍ରତିନିଧିଙ୍କ ପ୍ରତି ପ୍ରଶାସନିକ ଅଧିକାରୀଙ୍କ ଅବହେଳାକୁ ନେଇ ଅନ୍ୟ ସଦସ୍ୟମାନେ ପ୍ରତିବାଦ କରିଥିଲେ। ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ସଭାପତି ପ୍ରଶାନ୍ତ ଜଗଦ୍ଦେବ, ବେଗୁନିଆ ବିଧାୟକ ପ୍ରଦୀପ ସାହୁଙ୍କ ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଆଜି ପୂର୍ବାହ୍ନ ସାଢ଼େ ୧୧ଟାରେ ବୈଠକ ଆରମ୍ଭ ହୋଇଥିଲା। ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ ବୈଠକରେ ସଭାପତିତ୍ୱ କରିଥିଲେ। ଉନ୍ନୟନ ଅଧିକାରୀ ସାହୁଙ୍କ ସ୍ୱାଗତ ଭାଷଣ ପରେ ବୈଠକ ଆରମ୍ଭ ହୋଇଥିଲା। ଏହାର ୩୦ ମିନିଟ୍ ପରେ ହଠାତ ଜିଲ୍ଲା ପରିଷଦ ସଭ୍ୟ ଛୋଟରାୟ ମୋର କିଛି କହିବାର ଅଛି କହି ଉଠିଥିଲେ। ପୂର୍ବରୁ ପାଖରେ ରଖିଥିବା ଏକ ବ୍ୟାଗରୁ ପେଟ୍ରୋଲ ଥିବା ବୋତଲ ବାହାର କରି ନିଜ ଦେହରେ ଢାଳିହୋଇ ଦିଆସିଲ ଲଗାଇବା ବେଳେ ପାଖରେ ଥିବା ଅନ୍ୟ ସଭ୍ୟମାନେ ତାଙ୍କୁ କାବୁ କରି ନେଇଥିଲେ। ଏନେଇ ପ୍ରଦୀପ୍ତ ଛୋଟରାୟ କହିଛନ୍ତି, ଏହି ଘଟଣା ସମ୍ପର୍କରେ ପୂର୍ବରୁ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଗଲା ନାହିଁ। ବାରମ୍ବାର ନିରାଶ ହେବା ପରେ ଏଭଳି ନିଷ୍ପତ୍ତି ନେବାକୁ ବାଧ୍ୟ ହେଲି। ବିଡିଓ ମୁଷ୍ଟିମେୟ ନେତା ଓ ଲୋକଙ୍କ ପ୍ରରୋଚନାରେ ବୋଲଗଡ଼ ବ୍ଲକରେ ଅଶାନ୍ତି ସୃଷ୍ଟି କରୁଛନ୍ତି।

ବଡ଼ସାହି ବିଡିଓ ନିଲମ୍ବିତ

## ଏସଆଇଆର କାର୍ଯ୍ୟରେ ଅବହେଳା ଅଭିଯୋଗ



ବାରିପଦା,୩।୬ (ସଂଚାର ବ୍ୟୁରୋ): ବଡ଼ସାହି ବିଡିଓଙ୍କୁ ନିଲମ୍ବନ ନିର୍ଦ୍ଦେଶ ଦେଲେ ରାଜ୍ୟ ନିର୍ବାଚନ କମିଶନର। ନିର୍ବାଚନ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଚରମ ଅବହେଳା, ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅବଜ୍ଞା ଏବଂ ପ୍ରଶାସନିକ ଶୃଙ୍ଖଳାଗତ ତ୍ରୁଟି ଅଭିଯୋଗରେ ବଡ଼ସାହି ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଏଇଆରଓ) ସ୍ମୃତିମୟୀ ବନଜା ଦାସଙ୍କୁ ସରକାରୀ ସେବାରୁ ତୁରନ୍ତ ନିଲମ୍ବନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍. ଏସ ଗୋପାଳନ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି। ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚନା ଅନୁଯାୟୀ, ଆସନ୍ତା 'ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ' (ଏସଆଇଆର-୨୦୨୬) କାର୍ଯ୍ୟକ୍ରମର ଭର୍ଚ୍ଚୁଆଲ୍ ଟ୍ରେନିଂରେ ସ୍ମୃତିମୟୀ ବନଜା ଦାସ ଅନୁପସ୍ଥିତ ଥିଲେ। ଏଥିପାଇଁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଇଥିଲେ ବି ସେ ଜବାବ ରଖିନଥିଲେ। ଏହାସହ ବିଏଲ୍‌ଓ ପ୍ରଶିକ୍ଷଣ ଶିବିର ଆୟୋଜନରେ ବିଫଳ ହେବା, ମନମୁଖୀ ଭାବେ କାର୍ଯ୍ୟକ୍ରମ ଘୁଞ୍ଚାଇବା ଏବଂ ବିନା ପୂର୍ବ ସୂଚନାରେ କାର୍ଯ୍ୟରୁ ଅନୁପସ୍ଥିତ ରହି ସେ ସରକାରୀ କର୍ମଚାରୀ ଆଚରଣ ବିଧି, ୧୯୫୯ ର ଉଲ୍ଲଂଘନ କରିଛନ୍ତି । ଫଳରେ ଓଡ଼ିଶା ସିଭିଲ ସର୍ଭିସେସ୍ (ସିସିଏଣ୍ଡଏ) ରୁଲ୍ସ ଅନୁଯାୟୀ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ପାଇଁ ସିଇଓ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ସୌମ୍ୟ ହତ୍ୟା ମାମଲା: ଯୁବତୀ ଓ ସାଙ୍ଗଙ୍କୁ ମାରାଥନ୍ ଜେରା


କଥାରେ ତାଳମେଳ ନେଇ ଉଠିଲା ପ୍ରଶ୍ନ

ଭୁବନେଶ୍ୱର,୩।୬ (ସଂଚାର ବ୍ୟୁରୋ): ଜିଆରପି କନଷ୍ଟେବଲ ସୌମ୍ୟ ରଞ୍ଜନ ସ୍ୱାଇଁ ହତ୍ୟା ଘଟଣାରେ ମାରାଥନ ତଦନ୍ତ ଚଳାଇଛନ୍ତି ଏନଏଚଆରସି ଟିମ୍ । ଗତକାଲି ବାଲିଅନ୍ତାର ସେହି କ୍ରାଇମ ସ୍ପଟ୍ ଓ ଅଡ଼ଶପୁରରେ ସୌମ୍ୟଙ୍କ ଜିମକୁ ଯାଇ ତଦନ୍ତ କରିଥିବା ବେଳେ ମଉଜପୁରରେ ସୌମ୍ୟଙ୍କ ପରିବାରକୁ ଭେଟି ପଚରା ଉଚରା କରିଥିଲେ। ଆଜି ସକାଳ ୮ଟାରୁ ପୁଣି ଆରମ୍ଭ ହୋଇଥିଲା ଏନଏଚଆରସି ଟିମର ତଦନ୍ତ । ପ୍ରଥମେ ଟିମ କ୍ୟାମ୍ପ କୋର୍ଟରେ ହାଜର ହୋଇଥିଲେ ଘଟଣା ଦିନ ସୌମ୍ୟଙ୍କ ବିରୋଧରେ ଅଭିଯୋଗ ଆଣିଥିବା ଯୁବତୀ । ପର୍ଯ୍ୟାୟକ୍ରମ ଆମ୍ବୁଲାନ୍ସ ଡ୍ରାଇଭର, ବାଲିଅନ୍ତାର ପୂର୍ବତନ ଥାନା ଅଧିକାରୀ ଅନୀଲ ପରିଡ଼ା, ସୌମ୍ୟଙ୍କ ସାଙ୍ଗ ଓ ଦୁଇ ଅଭିଯୋଗକାରୀ ଯୁବତୀଙ୍କୁ ପଚରା ଉଚରା କରିଛନ୍ତି ।

ଘଟଣା ଦିନ ସୌମ୍ୟଙ୍କ ଆକ୍ଟିଭିଟି କ'ଣ ଥିଲା, ସେ ସମ୍ପର୍କରେ ପ୍ରାୟ ଅଧଘଣ୍ଟା କାଳ ସଂପୃକ୍ତ ଯୁବତୀଙ୍କୁ ପଚରା ଉଚରା କରିଥିଲେ ଏନଏଚଆରସି ଟିମ୍ । ଏହାପରେ କ୍ୟାମ୍ପ କୋର୍ଟରେ ହାଜର ହୋଇଥିଲେ ଘଟଣା ଦିନ ସୌମ୍ୟଙ୍କୁ ନେଇ ଯାଇଥିବା ଆମ୍ବୁଲାନ୍ସ ଡ୍ରାଇଭର । ଘଟଣା ଦିନ ତାଙ୍କ ପାଖକୁ କେତେବେଳେ ଫୋନ୍ ଆସିଥିଲା, ସେ କେଉଁ ସ୍ଥାନରୁ ସୌମ୍ୟଙ୍କୁ କେଉଁ ଜାଗାକୁ ନେଇଥିଲେ, ସୌମ୍ୟଙ୍କ ଅବସ୍ଥା ସେତେବେଳେ କ'ଣ ଥିଲା, ତାଙ୍କ ସାଙ୍ଗରେ ଆଉ କିଏ କିଏ ଆମ୍ବୁଲାନ୍ସରେ ଯାଇଥିଲେ କି ସେନେଇ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ଠାରୁ ଉତ୍ତର ଚାହିଁଥିଲେ ଏନଏଚଆରସି ଟିମ୍ ।

ପରେ ହାଜର ହୋଇଥିଲେ ବାଲିଅନ୍ତା ଥାନାର ତତ୍କାଳୀନ ଆଇଆଇସି ଅନୀଲ ପରିଡ଼ା । ସୌମ୍ୟଙ୍କ ଉପରେ ଆକ୍ରମଣ ଖବର କେତେବେଳେ ଓ କେମିତି ପାଇଲା ପୋଲିସ ? ପରବର୍ତ୍ତୀ ସମୟରେ ପୋଲିସର ଆକ୍ସନ କ'ଣ ଥିଲା ? ଘଟଣାସ୍ଥଳରେ ପୋଲିସ ପହଞ୍ଚିଲା ବେଳକୁ ପରିସ୍ଥିତି କିଭଳି ଥିଲା ? ସୌମ୍ୟଙ୍କୁ ଉଦ୍ଧାର କରିବାକୁ ପୋଲିସ କ'ଣ ପଦକ୍ଷେପ ନେଇଥିଲା ? ସେସବୁ ପ୍ରଶ୍ନର ଉତ୍ତର ଚାହିଁଥିଲେ ଟିମ୍ । ସେହିଭଳି ଦିନ ୧୨ଟାରେ କ୍ୟାମ୍ପ କୋର୍ଟରେ ହାଜର ହୋଇଥିଲେ ଘଟଣା ଦିନ ସୌମ୍ୟଙ୍କୁ ଘଟଣାସ୍ଥଳରୁ ନେଇ ଯାଇଥିବା ମିନିଟ୍ରକ୍ ଡ୍ରାଇଭର ସଫିଉଲ୍ଲା ଖାଁ । ଅପରାହ୍ଣ ୩ଟାରେ କ୍ୟାମ୍ପ କୋର୍ଟରେ ହାଜର ହୋଇଥିଲେ ଘଟଣା ଦିନ ସୌମ୍ୟଙ୍କ ବିରୋଧରେ ଆକ୍ରମଣ ଅଭିଯୋଗ ଆଣିଥିବା ଦୁଇ ଯୁବତୀ, ସୌମ୍ୟଙ୍କ ସାଙ୍ଗ ଓମ୍ ଏବଂ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ସାମ୍ନା ସାମ୍ନି ଜେରା କରିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Manchesar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ମୁକେଶଙ୍କୁ ପଛରେ ପକାଇଲେ ଟିକ୍‌ଟକ୍‌ର ସଂସ୍ଥାପକ




ନୂଆଦିଲ୍ଲୀ,୩।୬ଃ ଏସିଆର ସବୁଠୁ ଧନୀ ତାଲିକାରେ ତୃତୀୟ ସ୍ଥାନକୁ ଖସିଲେ ମୁକେଶ ଅମ୍ବାନୀ। କାରଣ ବାଇଟଡାନ୍ସର ସହ- ସଂସ୍ଥାପକ ଝାଙ୍ଗ ୟିମିଂ ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇ ଏବେ ହୋଇଛନ୍ତି ଏସିଆର ଦ୍ୱିତୀୟ ସବୁଠୁ ଧନୀ ବ୍ୟକ୍ତି। ଅବଶ୍ୟ ପ୍ରଥମ ସ୍ଥାନରେ ଏବେବି ଗୌତମ ଆଦାନୀ ହିଁ ରହିଛନ୍ତି। ତେବେ ଝାଙ୍ଗଙ୍କ ସମ୍ପତ୍ତିରେ ଏହି ବୃଦ୍ଧି, ବାଇଟଡାନ୍ସ ଲିମିଟେଡର ମୂଲ୍ୟାୟନ ବଢ଼ିବା ଏବଂ ଚୀନ କମ୍ପାନିର ଏଆଇ ମହତ୍ୱାକାଂକ୍ଷାରେ ଅଧିକ ପ୍ରଗତି ଯୋଗୁ ହୋଇଛି। ବ୍ଲୁମବର୍ଗ ବିଲେନିୟର୍ସ ଇଣ୍ଡେକ୍ସ ଅନୁସାରେ, ଝାଙ୍ଗଙ୍କ ସମୁଦାୟ ସମ୍ପତ୍ତି ବଢ଼ି ୯୨.୮ ବିଲିୟନ ଡଲାର ହୋଇଛି। ଏହାଦ୍ୱାରା ଚୀନର ସବୁଠୁ ଧନୀ ବ୍ୟକ୍ତି ଭାବରେ ତାଙ୍କ ସ୍ଥିତି ଆହୁରି ମଜଭୁତ ହୋଇଛି। ଏହା ପୂର୍ବରୁ ୨୦୧୯ରେ ବ୍ଲୁମବର୍ଗ କରିଥିବା ରିପୋର୍ଟ ଅନୁସାରେ, ଝାଙ୍ଗଙ୍କ ସମ୍ପତ୍ତି ୧୩ ବିଲିୟନ ଡଲାର ଥିଲା। ଅର୍ଥାତ ଏବେ ଝାଙ୍ଗଙ୍କ ସମ୍ପତ୍ତିରେ ପ୍ରାୟ ୭ ଗୁଣ ବୃଦ୍ଧି ହୋଇଛି।

ସୂଚନାଥାଉକି, ଏହି ବୃଦ୍ଧି ବାଇଟଡାନ୍ସର ଭିଡିଓ ଆପ୍ ଟିକଟକ୍ ଏବଂ ଏଆଇ ଚାଟବଟ୍ ଡୋବାଓର ସଫଳତା ମଧ୍ୟରେ ଆସିଛି। ଏହି ଆପ୍‌ର ମାସିକ ୟୁଜର ୩୦ କୋଟି ରହିଥିବା ବେଳେ, ଏହା ଚୀନର ସବୁଠୁ ଲୋକପ୍ରିୟ ଚାଟବଟ୍ ହୋଇଛି। ବାଇଟଡାନ୍ସ ଚଳିତ ବର୍ଷ ଆରମ୍ଭରେ ଆମେରିକାରେ ଏହାର ବ୍ୟବସାୟର କିଛି ଅଂଶକୁ ଆମେରିକୀୟ ନିବେଶକଙ୍କୁ ହସ୍ତାନ୍ତର କରିଥିଲା। ସାଂଘାଇ ସ୍ଥିତ କ୍ୟାପିଟାଲ ସିକ୍ୟୁରିଟିଜର ବିଶ୍ଳେଷକ ଏମି ଲିନ କହିଛନ୍ତି 'ମୂଲ୍ୟାୟନରେ ବୃଦ୍ଧି କମ୍ପାନିର ମଜଭୁତ ଭିତ୍ତିଭୂମି ଏବଂ ଚୀନରେ ଡୋବାଓ ଭଳି ଆପର ସଫଳତାକୁ ଦର୍ଶାଉଛି। ଆମେରିକାରେ ଘଟୁଥିବା ଘଟଣାର ଏହା ଉପରେ କୌଣସି ବଡ଼ ନକାରାତ୍ମକ ପ୍ରଭାବ ପଡ଼ିବାର ସମ୍ଭାବନା ନାହିଁ।''

ଝାଙ୍ଗ ପ୍ରଥମ ଥର ୨୦୨୫ରେ ଚୀନର ସବୁଠୁ ଧନୀ ବ୍ୟକ୍ତି ହୋଇଥିଲେ। ଅବଶ୍ୟ ସେ ପରେ ପୁଣି ପଛରେ ପଡ଼ିଯାଇଥିଲେ। ମାତ୍ର ଚଳିତ ବର୍ଷର ଆରମ୍ଭରେ ଏହି ପଦ ପୁଣି ହାସଲ କରିଛନ୍ତି ଝାଙ୍ଗ। ଗତ ମାସରେ ବ୍ଲୁମବର୍ଗ ଦ୍ୱାରା ନିବେଶକ ବ୍ଲାକରକ୍ ଇଙ୍କ୍, ଫଡେଲିଟି ଇନଭେଷ୍ଟମେଣ୍ଟ ଏବଂ ଟି. ରୋ ପ୍ରାଇସ ଗ୍ରୁପ୍ ଇଙ୍କ୍ ସହ ଏଚଏସଜି ଏବଂ ଜେନେରାଲ ଆଟଲାଣ୍ଟିକ ଦ୍ୱାରା ଦିଆଯାଇଥିବା ମୂଲ୍ୟାଙ୍କନର ବିଶ୍ଳେଷଣ କରିବା ପରେ ଝାଙ୍ଗଙ୍କ ସମ୍ପତ୍ତିରେ ୨୪ ବିଲିୟନ ଡଲାରରୁ ଅଧିକ ବୃଦ୍ଧି ହୋଇଛି। ଏହାରି ମଧ୍ୟରେ ବ୍ଲୁମବର୍ଗ ଇଣ୍ଡେକ୍ସ ଅନୁସାରେ, ଅମ୍ବାନୀ ୮୬.୯ ବିଲିୟନ ଡଲାରର ମୋଟ ସମ୍ପତ୍ତି ସହ ଏସିଆର ତୃତୀୟ ସବୁଠୁ ଧନୀ ବ୍ୟକ୍ତି ହୋଇଛନ୍ତି। ଗୌତମ ଆଦାନୀ ୧୧୭.୪ ବିଲିୟନ ଡଲାର ସମ୍ପତ୍ତି ସହ ଏହି କ୍ଷେତ୍ରରେ ଟପରେ ରହିଛନ୍ତି।

ବାଇଟଡାନ୍ସ ଚୀନର ସବୁଠୁ ଚର୍ଚ୍ଚିତ ଘରୋଇ କମ୍ପାନି। କମ୍ପାନି ଅନେକ ଦିନରୁ ଆଇପିଓ ଆଣିବାକୁ ମଧ୍ୟ ଚେଷ୍ଟା କରୁଛି। ଟିକ୍‌ଟକ୍‌ର ଆମେରିକୀୟ ପରିଚାଳନାକୁ Oracle Corp., Silver Lake ଏବଂ ଆବୁଧାବୀର ନିବେଶ କମ୍ପାନି MGX ନେତୃତ୍ୱାଧୀନ ଏକ ସଂଘକୁ ହସ୍ତାନ୍ତରିତ କରାଯିବା ପରେ ବି କମ୍ପାନିର ଛବି ପୂର୍ବଭଳି ରହିଛି। ଏହାଦ୍ୱାରା ଟିକଟକ ଉପରେ ଉଠିଥିବା ଜାତୀୟ ସୁରକ୍ଷା ପ୍ରଶ୍ନର ଅନ୍ତ ଘଟିଥିଲା।

ଏବେ ବେଜିଂରେ ଏହି ସୋସିଆଲ ମିଡିଆର କମ୍ପାନି ଏଆଇ ଉପରେ ଫୋକସ କରୁଛି। ବ୍ଲୁମବର୍ଗର ରିପୋର୍ଟ ଅନୁସାରେ, ଚୀନ ଏଆଇ ମାର୍କେଟରେ ଅଗ୍ରଣୀ ହେବା ଏବଂ ବିଦେଶରେ ଟପ୍ ଆମେରିକୀୟ କମ୍ପାନିଙ୍କୁ ଟକ୍କର ଦେବା ଉଦ୍ଦେଶ୍ୟରେ କମ୍ପାନି ଚଳିତ ବର୍ଷ ୭୦ ବିଲିୟନ ଡଲାର ଖର୍ଚ୍ଚ କରିବା ଉପରେ ବିଚାର କରୁଛି।

# ମଧ୍ୟପ୍ରାଚ୍ୟ ଯୁଦ୍ଧ ତେଲ କମ୍ପାନୀକୁ ଭାରି ପଡୁଛି

ନୂଆଦିଲ୍ଲୀ,୩।୬ଃ ଇରାନ ଏବଂ ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧ ସାରା ବିଶ୍ୱରେ ଚିନ୍ତାର କାରଣ ପାଲଟିଛି। ବିଶେଷ କରି ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଯୋଗୁଁ ଗ୍ୟାସ ସିଲିଣ୍ଡର ଏବଂ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି ହେଉଛି। ଗତକାଲି ବାଣିଜ୍ୟିକ ଏବଂ ଛୋଟ ଗ୍ୟାସ ସିଲିଣ୍ଡରର ମୂଲ୍ୟରେ ବୃଦ୍ଧି ପୂର୍ବରୁ ଭାରତରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ କିଛି ଦିନ ପୂର୍ବରୁ ଯଥେଷ୍ଟ ବୃଦ୍ଧି ପାଇଥିଲା। ଏବେ, ରିପୋର୍ଟ ଆସୁଛି ଯେ ଘରୋଇ ଗ୍ୟାସ ସିଲିଣ୍ଡରର ମୂଲ୍ୟ, ଅର୍ଥାତ୍ ୧୪.୨ କିଲୋଗ୍ରାମ ଗ୍ୟାସ ସିଲିଣ୍ଡରର ମୂଲ୍ୟ ମଧ୍ୟ ଶୀଘ୍ର ବୃଦ୍ଧି ପାଇବ। ସରକାର ସମ୍ପ୍ରତି ଘୋଷଣା କରିଛନ୍ତି ଯେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ବର୍ତ୍ତମାନ ବିକ୍ରି ହେଉଥିବା ଘରୋଇ ଏଲପିଜି ସିଲିଣ୍ଡର ପାଇଁ ପ୍ରାୟ ୬୫୦ ଟଙ୍କା କ୍ଷତି ସହୁଛନ୍ତି। ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି, "ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ବର୍ତ୍ତମାନ ଘରୋଇ ଏଲପିଜି ବିକ୍ରୟ ପାଇଁ ପ୍ରତି ସିଲିଣ୍ଡର ପାଇଁ ପ୍ରାୟ ୬୫୦ ଟଙ୍କା କ୍ଷତି ସହୁଛନ୍ତି।"

ରନ୍ଧନ ଗ୍ୟାସ ଉପରେ ତୈଳ କମ୍ପାନୀଗୁଡ଼ିକର କ୍ଷତି ବଢ଼ୁଛି, ତଥାପି ସାଧାରଣ ଲୋକଙ୍କୁ ଆଶ୍ୱସ୍ତି ଦେବା ପାଇଁ ସରକାର ଘରୋଇ ଗ୍ୟାସ ସିଲିଣ୍ଡରର ମୂଲ୍ୟ ବୃଦ୍ଧି କରିନାହାଁନ୍ତି। ସରକାର ନିଶ୍ଚିତ କରିବାକୁ ଚାହୁଁଛନ୍ତି ଯେ ଅନ୍ତର୍ଜାତୀୟ ବଜାରରେ ତେଲ ଏବଂ ଗ୍ୟାସ ମୂଲ୍ୟରେ ଉତ୍ଥାନ-ପତନ ସିଧାସଳଖ ପରିବାର ବଜେଟକୁ ପ୍ରଭାବିତ ନ କରୁ। ଅଧିକାରୀଙ୍କ ଅନୁଯାୟୀ, ସମ୍ପ୍ରତି କିଛି ଇନ୍ଧନ ମୂଲ୍ୟ ପରିବର୍ତ୍ତନ ପରେ ମଧ୍ୟ, ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଦୈନିକ ବିପୁଳ କ୍ଷତି ସହୁଛନ୍ତି। ଏହା ଉଲ୍ଲେଖନୀୟ ଯେ ଜୁନ୍ ୧ ତାରିଖରୁ ୧୯ କିଲୋଗ୍ରାମ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ମୂଲ୍ୟ ସମ୍ପ୍ରତି ବୃଦ୍ଧି କରାଯାଇଛି। ପ୍ରମୁଖ ସହରଗୁଡ଼ିକରେ ମୂଲ୍ୟ ୫୩.୫୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏକ ଛୋଟ ୫ କିଲୋଗ୍ରାମ ଗ୍ୟାସ ସିଲିଣ୍ଡରର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ତଥାପି, ୧୪.୨ କିଲୋଗ୍ରାମ ଘରୋଇ ଗ୍ୟାସ ସିଲିଣ୍ଡରର ମୂଲ୍ୟ ଅପରିବର୍ତ୍ତିତ ରହିଛି।



# ୫ ବର୍ଷରେ ବନ୍ଦହେବ ପାଇକାରୀ ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ,୩।୬ଃଦେଶର ଦରଦାମ୍ ହିସାବ ପଦ୍ଧତିରେ ବ୍ୟାପକ ପରିବର୍ତ୍ତନ ହେବାକୁ ଯାଉଛି। ପାଇକାରୀ ମୁଦ୍ରାସ୍ଫୀତିରେ ସଂଶୋଧନ କରାଯାଇଛି। ଏଥିପାଇଁ ୨୦୨୨-୨୩କୁ ନୂଆ ଆଧାର ବର୍ଷ ଭାବେ ଗ୍ରହଣ କରାଯାଇଛି ଓ ଏହି ହିସାବ ପାଇଁ ବିଚାରକୁ ନିଆଯାଉଥିବା ସାମଗ୍ରୀ ସଂଖ୍ୟା ୬୯୭ରୁ ବଢ଼ାଇ ୯୫୭ କରାଯାଇଛି। ଏଥି ସହିତ ସରକାର ସମ୍ପୂର୍ଣ୍ଣ ନୂଆ 'ଉତ୍ପାଦକ' ମୂଲ୍ୟ ସୂଚୀ ବା ମୁଦ୍ରାସ୍ଫୀତି (ପିପିଆଇ) ଜାରି କରିବେ। ଯେହେତୁ ବାଣିଜ୍ୟିକ ଚୁକ୍ତି ଓ ବିଭିନ୍ନ ପ୍ରକାର ସର୍ତ୍ତ ପାଇଁ ପାଇକାରୀ ମୁଦ୍ରାସ୍ଫୀତି ବିଚାରକୁ ନିଆଯାଉଛି, ସେଥିପାଇଁ 'ପିପିଆଇ' ସହିତ ପାଇକାରୀ ମୁଦ୍ରାସ୍ଫୀତି ତଥ୍ୟକୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜାରି କରାଯିବ। ଏହା ପରେ ପାଇକାରୀ ମୁଦ୍ରାସ୍ଫୀତି ତଥ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯିବ।

ସଂଶୋଧିତ ପାଇକାରୀ ମୁଦ୍ରାସ୍ଫୀତି ଓ ନୂଆ 'ପିପିଆଇ' ତଥ୍ୟ ଆସନ୍ତା ଜୁନ ୧୫ରେ ପ୍ରକାଶ ପାଇବ।ବିକଶିତ ରାଷ୍ଟ୍ର ତଥା ବିଶ୍ୱବ୍ୟାପୀ ପ୍ରଚଳନରେ ଥିବା ଶ୍ରେଷ୍ଠ ପରସଂଖ୍ୟାନ ଢାଞ୍ଚା ଆଧାରରେ କେନ୍ଦ୍ର ସରକାର ନୂଆ 'ପିପିଆଇ' ତଥ୍ୟ ଜାରି କରିବେ। ଏଥିରେ 'ଉତ୍ପାଦନ ଉତ୍ପାଦକ ମୂଲ୍ୟ ସୂଚୀ' (ଓପିପିଆଇ), 'ଆଦିବାସୀ ଇନ୍‌ପୁଟ୍ ଉତ୍ପାଦକ ମୂଲ୍ୟ ସୂଚୀ' (ଆଇପିପିଆଇ) ଓ 'ସେବା ଉତ୍ପାଦକ ମୂଲ୍ୟ ସୂଚୀ' (ଏସ୍‌ପିପିଆଇ) ଭଳି ତିନି ପ୍ରକାର ପୃଥକ ପୃଥକ ତଥ୍ୟ ଜାରି କରାଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ 'ସେବା ପିପିଆଇ' ପ୍ରସ୍ତୁତ କରିବା ପାଇଁ ବ୍ୟାଙ୍କିଂ, ପ୍ରତିଭୂତି କାରବାର, ବୀମା, ପେନ୍‌ସନ୍ ଫଣ୍ଡ ପରିଚାଳନା, ରେଳବାଇ, ବିମାନ ଯାତ୍ରା ଓ ଟେଲିକମ୍ ସେବା ଭଳି ସାତଟି କ୍ଷେତ୍ରକୁ ହିସାବକୁ ନିଆଯିବ। ଅନ୍ୟ ସେବାଗୁଡ଼ିକୁ ପର୍ଯ୍ୟାୟକ୍ରମେ ସେଥିରେ ଯୋଡ଼ାଯିବ।

କେନ୍ଦ୍ର ସରକାର ନିଜ ପରିସଂଖ୍ୟାନ ଢାଞ୍ଚାକୁ ବଦଳାଇବା ପାଇଁ ଆରମ୍ଭ କରିଥିବା ଅଭିଯାନର ଏହା ହେଉଛି ଏକ ଅଂଶ। ନିକଟ ଅତୀତରେ ମୋଟ ଘରୋଇ ଉତ୍ପାଦ (ଜିଡିପି), ଉପଭୋକ୍ତା ମୂଲ୍ୟ ସୂଚୀ (ସିପିଆଇ) ବା ଖୁଚୁରା ମୁଦ୍ରାସ୍ଫୀତି ଓ ଶିଳ୍ପ ଉତ୍ପାଦନ ସୂଚୀ (ଆଇଆଇପି) ହିସାବର ଆଧାର ବର୍ଷରେ ପରିବର୍ତ୍ତନ କରାଯାଇଥିଲା। ନୀତି ନିର୍ମାତାମାନଙ୍କୁ ପିପିଆଇ ବିଶେଷ ସହାୟକ ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଏହି ତଥ୍ୟ ମାଧ୍ୟମରେ ସେମାନେ ଉତ୍ପାଦନ ସ୍ଥଳରେ ମୂଲ୍ୟରେ ହେଉଥିବା ପରିବର୍ତ୍ତନକୁ ଆଗୁଆ ଜାଣିପାରିବେ। ସେହି ଜିନିଷ ଓ ସେବା ଗ୍ରାହକଙ୍କ ପାଖରେ ପହଞ୍ଚିବା ପୂର୍ବରୁ ସେଥିରେ ସୁଧାର ଆଣିବା ଲାଗି ପଦକ୍ଷେପ ନେଇପାରିବେ। ଫଳରେ ଦରଦାମ ନିୟନ୍ତ୍ରଣ କରିବା ଅଧିକ ସହଜ ହୋଇପାରିବ।



# ଏୟାର ଇଣ୍ଡିଆ କୋଠା ୧୬୦୦ କୋଟିରେ ବିକ୍ରି

ମୁମ୍ବାଇ, ୩।୬ଃ ଦକ୍ଷିଣ ମୁମ୍ବାଇରେ ଥିବା ଏୟାର ଇଣ୍ଡିଆ କୋଠାକୁ ୧୬୦୧ କୋଟି ଟଙ୍କାରେ ମହାରାଷ୍ଟ୍ର ସରକାର କିଣିଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ୍‌ଙ୍କ ଉପସ୍ଥିତିରେ ଏହି କାରବାର ହୋଇଛି। ନରିମାନ ପଏଣ୍ଟର ୨୩ ମହଲା ବିଶିଷ୍ଟ ସମୁଦ୍ର ଆଡ଼କୁ ମୁହଁ କରିଥିବା ଏହି କୋଠାକୁ ୧୯୭୪ରେ ନିର୍ମାଣ କରାଯାଇଥିଲା। ସେହି ସମୟରେ ତାହା ମୁମ୍ବାଇର ଏକ ପ୍ରମୁଖ ଆକର୍ଷଣ ଥିଲା। ବିଶେଷ କରି ଏସ୍‌କାଲେଟର୍‌ରେ ଚଢ଼ିବା ଅନୁଭୂତି ହାସଲ କରିବା ପାଇଁ ବହୁ ସଂଖ୍ୟାରେ ଲୋକଙ୍କ ସମାଗମ ହେଉଥିଲା। ଏୟାର ଇଣ୍ଡିଆକୁ ଟାଟା ଗ୍ରୁପ୍ ଅଧିଗ୍ରହଣ କରିବା ପରେ କମ୍ପାନି ପାଖରେ ଥିବା ଅନ୍ୟାନ୍ୟ ସମ୍ପତ୍ତିକୁ ଏୟାର ଇଣ୍ଡିଆ ଆସେଟ୍ ହୋଲ୍‌ଡିଂସ୍ ଲିମିଟେଡ୍‌କୁ ହସ୍ତାନ୍ତର



କରାଯାଇଥିଲା। ଉକ୍ତ ସଂସ୍ଥାଠାରୁ ଏହି କୋଠାକୁ କିଣିବା ପାଇଁ ୨୦୨୧ରୁ ମହାରାଷ୍ଟ୍ର ସରକାର କଥାବାର୍ତ୍ତା ଆରମ୍ଭ କରିଥିଲେ। ୨୦୨୩ ନଭେମ୍ବରରେ ସେହି ପ୍ରସ୍ତାବକୁ ମହାରାଷ୍ଟ୍ର କ୍ୟାବିନେଟ୍ ଅନୁମୋଦନ କରିଥିଲା। ୨୦୨୪ ମାର୍ଚ୍ଚରେ କେନ୍ଦ୍ର ସରକାର ଚୂଡ଼ାନ୍ତ ମଞ୍ଜୁରି ପ୍ରଦାନ କରିଥିଲେ। ସ୍ଥାନ ସଙ୍କଟ ଦେଇ ଗତି କରୁଥିବା ମହାରାଷ୍ଟ୍ର ସରକାରଙ୍କ ପାଇଁ ଏହି କୋଠା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଆଗାମୀ ଦିନରେ ମହାରାଷ୍ଟ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ ଏହି କୋଠାକୁ ସ୍ଥାନାନ୍ତର ହେବ। ତା ପୂର୍ବରୁ କୋଠାର ସୁରକ୍ଷା ଅଡିଟ୍ କରିବା ଓ ଆବଶ୍ୟକ ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୋଠାର ମୁଖ୍ୟ ଫାଟକକୁ ମହାରାଷ୍ଟ୍ର ସରକାର ବଦଳାଇବେ। ସେଥିରେ ମହାରାଷ୍ଟ୍ରର ସଂସ୍କୃତି, ଐତିହ୍ୟର ଛାପ ଦେଖିବାକୁ ମିଳିବ।

# ଇଫ୍‌କୋ ଅଧ୍ୟକ୍ଷଙ୍କ ନେତୃତ୍ୱରେ ଭାରତ ଆମେରିକା କୃଷି ସହଯୋଗ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା

ନୂଆଦିଲ୍ଲୀ,୩।୬ଃଭାରତ ଏବଂ ଆମେରିକା ମଧ୍ୟରେ କୃଷି ସହଯୋଗକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଇଫକୋ ଅଧ୍ୟକ୍ଷ ଦିଲୀପ ସଂଘାନୀଙ୍କ ନେତୃତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ୱାଶିଂଟନ ଡି.ସି. ସ୍ଥିତ ୟୁଏସ.-ଇଣ୍ଡିଆ ବିଜନେସ କାଉନସିଲ (ୟୁଏସଆଇବିସି), ଇଫକୋ ଅଧ୍ୟକ୍ଷ ଦିଲୀପ ସଂଘାନୀଙ୍କ ନେତୃତ୍ୱରେ ଆସିଥିବା ଏକ ପିଏଚଡିସିସିଆଇ ପ୍ରତିନିଧି ଦଳକୁ ସ୍ୱାଗତ କରିଥିଲା। ବୈଠକ ପରେ, ୟୁଏସଆଇବିସି ପକ୍ଷରୁ ଏକ ସୋସିଆଲ ମିଡିଆ ପୋଷ୍ଟରେ ଏହି ଆଲୋଚନାକୁ ଭାରତ- ଆମେରିକା କୃଷି ସହଯୋଗକୁ ମଜବୁତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଅଭିହିତ କରିଛି । ୟୁଏସଆଇବିସି ଉଲ୍ଲେଖ କରିଛି ଯେ, ଶ୍ରୀ ଦିଲୀପ ସଂଘାନୀଙ୍କ ନେତୃତ୍ୱରେ ହୋଇଥିବା ଏହି ଆଲୋଚନା ଉଭୟ ଦେଶ ମଧ୍ୟରେ କୃଷି କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା, ମିଳିତ ଆହ୍ୱାନ ଗୁଡ଼ିକର ସମାଧାନ ଖୋଜିବା ଏବଂ ନୂତନ ସୁଯୋଗର ସନ୍ଧାନ କରିବା ପାଇଁ ପଥ ପ୍ରଶସ୍ତ କରିଛି। କାଉନସିଲ୍ ପକ୍ଷରୁ ନବସୃଜନ-ଭିତ୍ତିକ କୃଷି ନୀତି, ସ୍ଥାୟୀ କୃଷି ବିକାଶ, ଖାଦ୍ୟ ସୁରକ୍ଷା ଏବଂ ଚାଷୀଙ୍କ ସମୃଦ୍ଧି ଭଳି କ୍ଷେତ୍ରରେ ଭାରତ ଓ ଆମେରିକା ମଧ୍ୟରେ ଅଧିକ ମଜବୁତ ସହଭାଗିତାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଆମେରିକାର ଅନ୍ୟତମ ପ୍ରମୁଖ ବ୍ୟବସାୟିକ ଓ ଶିଳ୍ପ ସଂଗଠନ ୟୁଏସଆଇବିସି ପକ୍ଷରୁ ଏହି ବୈଠକକୁ ସାର୍ବଜନୀନ ଭାବେ ପ୍ରାଧାନ୍ୟ ଦିଆଯାଇଛି । ଏହି ସ୍ୱୀକୃତି ଭାରତର ସମବାୟ ଆନ୍ଦୋଳନର ବଢ଼ୁଥିବା ବିଶ୍ୱସନୀୟତା, ଇଫକୋର ଆନ୍ତର୍ଜାତୀୟ




ସୁନାମ ଏବଂ ବିଶ୍ୱମଞ୍ଚରେ ଭାରତୀୟ ଚାଷୀଙ୍କ ସ୍ୱାର୍ଥକୁ ସଫଳତାର ସହ ଉପସ୍ଥାପନ କରିବାରେ ଶ୍ରୀ ଦିଲୀପ ସଂଘାନୀଙ୍କ ନେତୃତ୍ୱକୁ ପ୍ରମାଣିତ କରୁଛି। ଏହି ବୈଠକରେ କୃଷି ଉତ୍ପାଦନ ବୃଦ୍ଧି, ଉନ୍ନତ କୃଷି ପ୍ରଯୁକ୍ତିବିଦ୍ୟାର ବ୍ୟବହାର, ମୃତ୍ତିକା ସ୍ୱାସ୍ଥ୍ୟରେ ସୁଧାର, ଚାଷୀଙ୍କୁ ବୈଷୟିକ ସହାୟତା ପ୍ରଦାନ, ନବସୃଜନ-ଭିତ୍ତିକ କୃଷି ସମାଧାନର ବିକାଶ ଏବଂ ଖାଦ୍ୟ ଓ ପୋଷଣ ସୁରକ୍ଷାକୁ ସୁଦୃଢ଼ କରିବା ଉପରେ ବ୍ୟାପକ ଆଲୋଚନା ହୋଇଥିଲା। ଉଭୟ ଦେଶର କୃଷି ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ଶିଳ୍ପ ପ୍ରତିନିଧିମାନେ ସହମତ ହୋଇଥିଲେ ଯେ ଭାରତ-ଆମେରିକା ସହଯୋଗର ସମ୍ପ୍ରସାରଣ ଦ୍ୱାରା କୃଷି କ୍ଷେତ୍ରରେ ନୂତନ ଦିଗ ଉନ୍ମୋଚିତ ହେବ ଏବଂ ଏହା ଚାଷୀମାନଙ୍କୁ ଦୀର୍ଘକାଳୀନ ସୁଫଳ ପ୍ରଦାନ କରିବ। ଶ୍ରୀ ଦିଲୀପ ସଂଘାନୀଙ୍କ ନେତୃତ୍ୱରେ ହୋଇଥିବା ଏହି ସମ୍ବାଦକୁ ଭାରତ-ଆମେରିକା କୃଷି ସହଭାଗିତାକୁ ଆଗକୁ ନେବା, ବିଶ୍ୱସ୍ତରରେ ସମବାୟ-ଭିତ୍ତିକ କୃଷିବିକାଶକୁ ପ୍ରୋତ୍ସାହିତ କରିବା ଏବଂ ଚାଷୀଙ୍କ ଆୟ, ଉତ୍ପାଦନ ଓ କୃଷି ସୁରକ୍ଷାକୁ ମଜବୁତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପଭାବେ ଦେଖାଯାଉଛି।



# ଆଜିର ସୁନା ଦର

ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୯,୦୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୫,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୯,୦୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୫,୮୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୦୬୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୫,୮୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୯,୨୧୦ ଟଙ୍କା ଓ ୨୨ କ୍ୟାରଟେ ୧,୪୫,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୬୦,୬୯୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୭,୩୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୯,୦୬୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୫,୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରର ପେଟ୍ରୋଲ ଲିଟର ୧୦୮ ଟଙ୍କା ୯୭ ଟଙ୍କା ଓ ଡିଜେଲ ୧୦୦ ଟଙ୍କା ୬୮ଟଙ୍କା ଛୁଇଁଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୮ ଟଙ୍କା ୬୪ ପଇସା ଓ ଡିଜେଲ ଦର ୯୧ ଟଙ୍କା ୫୮ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୭ ଟଙ୍କା ୫୯ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୪.୦୮ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୯.୭୦ ଟଙ୍କା ଥିବାବେଳେ ଡିଜେଲ ଦର ୯୬ ଟଙ୍କା ୦୭ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୪ ଟଙ୍କା ୫୭ ପଇସା ଥିବା ବେଳେ ଡିଜେଲ ଦାମ ୯୬ ଟଙ୍କା୨୧ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ।

# ନୀଳାଚଳ ଇସ୍ପାତ ନିଗମ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପାଇଁ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ




ଯାଜପୁର ରୋଡ୍,୩।୬(ସଂଚାର ବ୍ୟୁରୋ)ଃ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନଆଇଏନଏଲ) ପକ୍ଷରୁ ମଙ୍ଗଳବାର ଦିନ ଏନଆଇଏନଏଲ ଟାଉନସିପ୍ ସ୍ଥିତ କମ୍ୟୁନିଟି ସେଣ୍ଟରଠାରେ ଭୁବନେଶ୍ୱରର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଗ୍ରୋ ଗ୍ରୋ' ସହଯୋଗରେ ବିସ୍ଥାପିତ ପରିବାରର ଛାତ୍ରଛାତ୍ରୀଙ୍କ ପାଇଁ ଏକ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏନଆଇଏନଏଲର ଏମଡି ତଥା ସିଇଓ ପଦ୍ମପାଳ, ମୁଖ୍ୟ ମାନବ ସମ୍ବଳ ଅଧିକାରୀ (ସିଏଚଆରଓ) ଅନିମେଶ ସାମନ୍ତ ଏବଂ 'ଗ୍ରୋ ଗ୍ରୋ'ର ପ୍ରୋପ୍ରାଇଟର ତଥା ଅଭିଜ୍ଞ କ୍ୟାରିୟର କାଉନସେଲର ଡ଼ଃ ଶୁଭାଶିଷ ଜାମୁଦା ପ୍ରମୁଖ ଯୋଗଦେଇଥିଲେ। ଆଲୋଚନାଚକ୍ରରେ ପ୍ରାୟ ୪୨ ଜଣ ଛାତ୍ରଛାତ୍ରୀ ସେମାନଙ୍କ ଅଭିଭାବକଙ୍କ ସହ ଅଂଶଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀଙ୍କୁ ସଠିକ୍ କ୍ୟାରିୟର ବାଛିବା ଦିଗରେ ମାର୍ଗଦର୍ଶନ କରିବା ଏବଂ ସେମାନଙ୍କ ଆଶା ଅନୁଯାୟୀ ଭବିଷ୍ୟତରେ ଉପଲବ୍ଧ ସୁଯୋଗଗୁଡ଼ିକ ସମ୍ପର୍କରେ ଅବଗତ କରାଇବା। କାର୍ଯ୍ୟକ୍ରମରେ ଅଭିଜ୍ଞ କ୍ୟାରିୟର କାଉନସେଲର ଡ଼ଃ ଶୁଭାଶିଷ ଜାମୁଦା ଦଶମ, ଦ୍ୱାଦଶ ଏବଂ ସ୍ନାତକ ଶିକ୍ଷା ପରେ କିପରି କ୍ୟାରିୟର ବାଛିବେ, ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏନଆଇଏନଏଲର ଏମଡି ଓ ସିଇଓ ପଦ୍ମପାଳ କହିଥିଲେ ଯେ, କ୍ୟାରିୟର ବାଛିବା ସମୟରେ ନିଜର ରୁଚି କେଉଁଥିରେ ଅଛି ତାହା ଚିହ୍ନଟ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତଭିତ୍ତିକ ଶିକ୍ଷା ଉପରେ ଧ୍ୟାନ ଦେବା, ଟେକ୍ନୋଲୋଜି ଭିତ୍ତିକ ଷ୍ଟାର୍ଟଅପ୍‌ରେ ସୁଯୋଗ ଖୋଜିବା ଏବଂ ମନ ଦେଇ ଶୁଣିବା ପରି ଅତ୍ୟାବଶ୍ୟକ କୌଶଳ ଗଢ଼ି ତୋଳିବା ପାଇଁ ପରାମର୍ଶ ଦେଇଥିଲେ।

# କୁଳବେଉସାରେ ମନ ବଳାଉ ନାହାନ୍ତି ଝାଡୁ କାରିଗର

**ଅସ୍ତରଙ୍ଗ ସାପ୍ତାହିକ ହାଟର ଝାଡୁ ବ୍ୟବସାୟୀ କହିଲେ ମନର କଥା**

**ମିଳୁନି ଉଚିତ ପାରିଶ୍ରମିକ**

**ସରକାରୀ ପ୍ରୋତ୍ସାହନର ଅଭାବ**



କାକଟପୁର/ଅସ୍ତରଙ୍ଗ,୩।୬ (ସଂଚାର ବ୍ୟୁରୋ)ଃ ନିଜ ବେଉସା କରିବାକୁ ମନବଳାଉନାହାନ୍ତି ଝାଡୁ କାରିଗର, ପ୍ରୋତ୍ସାହନ ଅଭାବରୁ ଓ ପ୍ଲାଷ୍ଟିକ ଝାଡୁର ବହୁଳ ବ୍ୟବହାର ଯୋଗୁଁ ପରିବାରର ଭରଣ ପୋଷଣ କରିବା ସମ୍ଭବ ହେଉନାହିଁ। ଝାଡୁ ତିଆରି ପାଇଁ ଆବଶ୍ୟକ କଞ୍ଚାମାଲ ମଧ୍ୟ ଠିକ ଭାବେ ମିଳୁନାହିଁ। ଏହାର ପ୍ରସ୍ତୁତି ପାଇଁ ଦରକାରୀ ଗଛ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳରେ ସେତେ ମାତ୍ରା ମିଳୁନଥିବାରୁ ଓ ମାଗଣାରେ ମିଳୁଥିବା କଞ୍ଚାମାଲ କୁ ଅର୍ଥ ଖର୍ଚ୍ଚ କରି କିଣିବାକୁ ପଡୁଥିବାରୁ ବଜାର ଦର ସହିତ ତାଳ ମେଳ ରହୁନଥିବାରୁ ପ୍ଲାଷ୍ଟିକ ଝାଡୁ ସହ ସମତା ରକ୍ଷା ହୋଇପାରୁନାହିଁ। ଫଳରେ ଏହା ଉପରେ ନିର୍ଭର କରୁଥିବା କାରିଗର ଙ୍କ ଜୀବିକା ବାଧାପ୍ରାପ୍ତ ହେବାରେ ଲାଗିଛି।

ରାତି ପାହିଲେ ପ୍ରତ୍ୟେକ ଲୋକଙ୍କ ଘରପାଇଁ ଝାଡୁର ଆବଶ୍ୟକ ଥିଲେ ମଧ୍ୟ ବାହାର ପାଇଁ ନଡ଼ିଆ କୁଞ୍ଚି ଝାଡୁ ଓ ଘର ଭିତର ନିମନ୍ତେ ବିଭିନ୍ନ ପ୍ରକାର ଝାଡୁ ମିଳୁଥିବା ଯୋଗୁଁ ଓ ମାଟି ଘର ବଦଳରେ ପକ୍କାଘର ନିମନ୍ତେ କାଇଁଚ ଖଜୁରୀ ଝାଡୁର ବ୍ୟବହାର କମିଯାଇଛି। ଫୁଲ ଝାଡୁର ଚାହିଦା ବଢ଼ିବାରେ ଲାଗିଛି। ଏତଦ ବ୍ୟତୀତ ଗ୍ରାମ ରାସ୍ତା, ଚାଷଜମି ହିଡ଼ ଓ ପଡିଆରେ ଖଜୁରୀ ଗଛ ପର୍ଯ୍ୟାପ୍ତ ପରିମାଣର ଥିବା ବେଳେ ମାଗଣାରେ ସଂଗ୍ରହ କରି ହେଉନଥିବାରୁ ଓ ଏହି କଞ୍ଚାମାଲ ସଂଗ୍ରହ ନିମନ୍ତେ ଅର୍ଥ ଖର୍ଚ୍ଚ କରିବାକୁ ପଡୁଥିବାରୁ ଏହି କୌଳିକ ବୃତ୍ତି କରିବାକୁ ବିମୁଖ ହେଉଛନ୍ତି। ଏ ନେଇ ଅସ୍ତରଙ୍ଗ ସାପ୍ତାହିକ ହାଟରେ ଦୀର୍ଘ ବର୍ଷ ହେବ ଝାଡୁ ବ୍ୟବସାୟୀ କରୁଥିବା ୭୫ବର୍ଷୀୟ ଦୁର୍ଯ୍ୟୋଧନ ପାତ୍ର କୁହନ୍ତି ପୂର୍ବରୁ ଯେପରି ବ୍ୟବସାୟୀ ହାଟପାଳିରେ ହେଉଥିଲା ଆଉ ସେଭଳି ବ୍ୟବସାୟ ନାହିଁ। ଏହା ସହ ନଡ଼ିଆ ଝାଡୁର ଆବଶ୍ୟକତା ବହୁଳ ପରିମାଣରେ ରହିଥିଲେ ମଧ୍ୟ କାରିଗର ଉପଯୁକ୍ତ ମୂଲ୍ୟ ପାଇପାରୁନାହାନ୍ତି। ମାତ୍ର କଞ୍ଚାମାଲ ର ଅଭାବ ପାଇଁ ଏବେ ଘର ମାନଙ୍କରେ ପ୍ଲାଷ୍ଟିକ ଝାଡୁ ବ୍ୟବହାର ବହୁଳ ପରିମାଣରେ ହେଉଛି। ଏହାକୁ କୌଳିକ ବୃତ୍ତି ଭାବେ ଆଦରି ନେଇଥିବା କାରିଗର ଏବେ ସଙ୍କଟ ଦେଇ ଗତି କରୁଛୁ ବୋଲି କହିଛନ୍ତି ଦୁର୍ଯ୍ୟୋଧନ ପାତ୍ର ।

ପୂର୍ବରୁ ଏହି ଝାଡୁ କାରିଗର ବିଭିନ୍ନ ପ୍ରକାର ଝାଡୁ ତିଆରି କରି ଗାଁ ଗାଁ ବୁଲି ବିକ୍ରି କରୁଥିବା ବେଳେ ଏହାର ଉପଯୁକ୍ତ ମୂଲ୍ୟ ପାଇ ପାରୁଥିଲେ, ମାତ୍ର ଏବେ ପ୍ଲାଷ୍ଟିକ ଝାଡୁର ଚାହିଦା ବୃଦ୍ଧି ପାଇଥିବାରୁ କାରିଗର ଙ୍କ ଦ୍ୱାରା ହାତ ପ୍ରସ୍ତୁତି ଝାଡୁର ଚାହିଦା କମିବାରେ ଲାଗିଛି। ଫୁଲ ଝାଡୁ ବଜାରରେ ୭୦ରୁ ୮୦ଟଙ୍କା ରେ ମିଳୁଥିବା ବେଳେ ଖଜୁରୀ ପତ୍ରରେ ତିଆରି ଝାଡୁ ୨୦ଟଙ୍କାରେ ବିକିବାରୁ ଗ୍ରାହକ ଆଗ୍ରହ ପ୍ରକାଶ କରୁନାହାନ୍ତି। ଝାଡୁ ତିଆରି କରି ପରିବାର ପ୍ରତିପୋଷଣ କରିବା ସହଜ ହେଉନାହିଁ। ଝାଡୁ ବାନ୍ଧିବା ପାଇଁ ଆବଶ୍ୟକ କେରାଟ ଏବେ ସେହି ପରିମାଣରେ ଆଉ ମିଳୁ ନାହିଁ। ପରିଶ୍ରମ ସଠିକ ମୂଲ୍ୟ ମଧ୍ୟ ମିଳୁନାହିଁ। ଜୀବନ ଜୀବିକାକୁ ବଜାୟ ରଖିବାକୁ ହେଲେ ସରକାରୀ ପ୍ରୋତ୍ସାହନ ଆବଶ୍ୟକତା ରହିଛି, ଝାଡୁ କାରିଗର ଙ୍କ ଉପରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବୀ ହୋଇଛି।

## ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

# ସହାୟତାର ହାତ ବଢ଼ାଇଲା ବରିଷ୍ଠ ନାଗରିକ ପରିଷଦ



ଧାମନଗର,୩।୬ (ସଂଚାର ବ୍ୟୁରୋ)ଃ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୧ନମ୍ବର ୱାର୍ଡ ଭଣ୍ଡାରୀପଦି ଗ୍ରାମର ଜୟନ୍ତ ପ୍ରଧାନ ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇ ଜୀବନ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ସୂଚନା ଅନୁଯାୟୀ ଗତ ଏପ୍ରିଲ ୨୧ରେ ଜୟନ୍ତ ନିଜ କର୍ମ ନିମନ୍ତେ ଏକ ଗାଡ଼ି ଯୋଗେ କାମାକ୍ଷାନଗର ଅଞ୍ଚଳକୁ ଯାଇଥିଲେ। ସେଠାରେ ଏକ ବାଲି ବୋଝେଇ ଗାଡ଼ି ତାଙ୍କୁ ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତରୀ ପରୀକ୍ଷାରୁ ତାଙ୍କ ସ୍ପାଇନାଲ କର୍ଡରେ ଗୁରୁତର ଆଘାତ ଲାଗିଥିବା ଜଣାପଡ଼ିଥିଲା। ତେବେ ଉନ୍ନତ ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରିବାରେ ପରିବାର ଅକ୍ଷମ ହେବାରୁ ବାଧ୍ୟ ହୋଇ ତାଙ୍କୁ ଘରକୁ ଫେରାଇ ଆଣିଛନ୍ତି। ଜୟନ୍ତଙ୍କ ଉତ୍ତମ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ ଚିନ୍ତାରେ ପରିବାର। ତାଙ୍କର ୧୩ ବର୍ଷୀୟା କନ୍ୟା ଓ ୯ ବର୍ଷୀୟ ପୁଅ ଅଛନ୍ତି। ରୋଜଗାରକ୍ଷମ ବ୍ୟକ୍ତି ବିଶେଷଙ୍କ ଏପରି ଅବସ୍ଥା ଯୋଗୁଁ ପରିବାର ଏବେ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ଗତି କରୁଛି। ଏହି ଦୁଃଖଦ ସମୟରେ ସହାୟତାର ହାତ ବଢ଼ାଇଲା ବରିଷ୍ଠ ନାଗରିକ ପରିଷଦ ଧାମନଗର ପରିଷଦର ସଭାପତି ଅନିଲ ବାରିକ,ଉପସଭାପତି ସେକ ଅବଦୁଲ ହାକିମ,ସମ୍ପାଦକ ଶଚୀକାନ୍ତ ପଣ୍ଡା,କୋଷାଧ୍ୟକ୍ଷ ନୃସିଂହ ନାୟକ,ସଦସ୍ୟ କୃଷ୍ଣଚନ୍ଦ୍ର ଲେଙ୍କା ପ୍ରମୁଖ ଜୟନ୍ତଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ମାନବିକତା ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

# ବାରିପଦାରେ ଏସ୍‌ଆଇଆର୍-୨୦୨୬ ସଚେତନତା ରଥର ଶୁଭାରମ୍ଭ




ବାରିପଦା,୩।୬ (ସଂଚାର ବ୍ୟୁରୋ)ଃ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)-୨୦୨୬ କାର୍ଯ୍ୟକ୍ରମକୁ ନେଇ ଜନସଚେତନତା ବୃଦ୍ଧି ଏବଂ ମତଦାତାଙ୍କ ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଜି ବାରିପଦା ନିର୍ବାଚନ ମଣ୍ଡଳୀ ପାଇଁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ବାରିପଦା ଉପ-ଜିଲ୍ଲାପାଳ ତଥା ବାରିପଦା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ କସ୍ତୁରୀ ପଣ୍ଡା ସବୁଜ ପତାକା ପ୍ରଦର୍ଶନ କରି ଏହି ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ଅନ୍ତର୍ଗତ ଏକ ନିର୍ଭୁଲ, ଅଦ୍ୟତନ ଓ ସର୍ବସମାବେଶୀ ମତଦାତା ତାଲିକା ପ୍ରସ୍ତୁତି ପାଇଁ ଜନସାଧାରଣଙ୍କ ସହଭାଗିତା ଅତ୍ୟନ୍ତ ଜରୁରୀ। ଏହି ଉଦ୍ଦେଶ୍ୟରେ ସଚେତନତା ରଥ ବାରିପଦା ନିର୍ବାଚନ ମଣ୍ଡଳୀର ବିଭିନ୍ନ ବ୍ଲକ ଓ ଗ୍ରାମାଞ୍ଚଳ ପରିଭ୍ରମଣ କରି ମତଦାତା ତାଲିକା ସଂଶୋଧନ ସମ୍ବନ୍ଧୀୟ ସୂଚନା ଲୋକଙ୍କ ନିକଟରେ ପହଞ୍ଚାଇବ।

ରଥ ମାଧ୍ୟମରେ ମତଦାତା ତାଲିକାରେ ନାମ ସଂଯୋଜନ, ବିଲୋପ, ସଂଶୋଧନ ଓ ସ୍ଥାନାନ୍ତରଣ ସମ୍ପର୍କିତ ସୂଚନା ପ୍ରଚାର କରାଯିବା ସହିତ ମତଦାତାମାନଙ୍କୁ ଏହି ପ୍ରକ୍ରିୟାରେ ସକ୍ରିୟ ସହଯୋଗ ପାଇଁ ଉତ୍ସାହିତ କରାଯିବ।

ଏହାସହ ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟକ୍ରମରେ ସହଯୋଗ କରି ଏକ ନିର୍ଭୁଲ ଓ ବିଶ୍ୱସନୀୟ ମତଦାତା ତାଲିକା ପ୍ରସ୍ତୁତିରେ ନିଜର ସକ୍ରିୟ ଭୂମିକା ନିର୍ବାହ କରିବାକୁ ଅନୁରୋଧ କରାଯାଇଛି।

**ଭତ୍ତା ପ୍ରଦାନରେ ବିଫଳତାର ପ୍ରତିବାଦ**

# ୯ରେ ଧାରଣା ଦେବାକୁ ବିଜେଡିର ଚେତାବନୀ

ନୀଳଗିରି,୩।୬ (ସଂଚାର ବ୍ୟୁରୋ)ଃ ଗତ ୨ ମାସ ହେଲା ବୟସ୍କଙ୍କ ଏକାଉଣ୍ଟକୁ ସରକାର ଭତ୍ତା ପ୍ରଦାନରେ ବିଫଳ ହୋଇଥିବାରୁ ହିତାଧିକାରୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଅଛନ୍ତି । ଏବେ ପ୍ରତିଦିନ ବୟସ୍କମାନେ ନାହିଁ ନ ଥିବା ଯନ୍ତ୍ରଣାରେ ଜର୍ଜରିତ ହେଉଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ପ୍ରତ୍ୟେକ ମାସ ୧୫ ତାରିଖ କିମ୍ବା ପୂର୍ବରୁ ହିତାକାରୀଙ୍କ ଘରେ ଭତ୍ତା ପହଞ୍ଚାଇବାର ବ୍ୟବସ୍ଥା କରାଯାଇଥିବା ବେଳେ ଏବେ ପଞ୍ଚାୟତ ଏବଂ ବ୍ୟାଙ୍କରେ ଧାଡ଼ିରେ ଛିଡା ହୋଇ ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ,ବିଧବା ଓ ଅସହାୟ ହନ୍ତସନ୍ତ ହେଉଛନ୍ତି। ଡିଜିଟାଲ ଇଣ୍ଡିଆର ବାଃ ବାଃ ନେଉଥିବା ଡବଲ ଇଞ୍ଜିନ ସରକାର ସଫ୍ଟୱାର୍ ର ସମସ୍ୟା କହି ଏହାକୁ ଏଡାଇ ଦେବାକୁ ବସିଛନ୍ତି। ସରକାର ହିତାକାରୀଙ୍କ ଏକାଉଣ୍ଟକୁ ଭତ୍ତା ପ୍ରଦାନରେ ତ୍ୱରିତ୍ ପଦକ୍ଷେପ ଗ୍ରହଣ ନ କଲେ, ଏହାର ପ୍ରତିବାଦରେ ଆସନ୍ତା ୯ ତାରିଖ ସକାଳ ୮ ଘଟିକା ସମୟରେ ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନୀଳଗିରି ବିଜେଡ଼ି ପକ୍ଷରୁ ଧାରଣା ଦିଆଯିବ ବୋଲି ଦୃଢ଼ ଚେତାବନୀ ଦିଆଯାଇଛି। ଏନେଇ ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକଙ୍କ ନେତୃତ୍ୱରେ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

# ନାଖରାରେ ବାଇକ ଦୁର୍ଘଟଣାଃ ୪ ଆହତ, ଦୁଇ ଗୁରୁତର




ବୈଶିଙ୍ଗା,୩।୬ (ସଂଚାର ବ୍ୟୁରୋ)ଃ ବୈଶିଙ୍ଗା ଥାନା ଅନ୍ତର୍ଗତ ନାଖରା ଛକଠାରେ ରାତ୍ରୀ ଘ. ସମୟରେ ଗୋଟିଏ ବାଇକ ରାସ୍ତାରେ ଯାଉଥବା ଲୋକକୁ ଧକ୍କା ହେବା ଫଳରେ ଦୁଇ ଗୁରୁତର ଏବଂ ଦୁଇ ଆହତ ଥିବା ଜଣାଯାଇଛି । ଘଟଣାରୁ ପ୍ରକାଶି ଏକ ହୋଣ୍ଡା ଏସପି ବାଇକରେ ଦୁର୍ଗାଦେବୀ ନିକଟସ୍ଥ ମଣନାଥପୁର ଗ୍ରାମର ତିନି ଜଣ ୧- ତରୁଣ ସିଂ (୩୨) ପିଃ ପାଦର ସିଂ, ୨-ଗଣେଶ ସିଂ (୨୫) ପିଃ କାଣିଆ ସିଂ ୩- ଆକାଶ ସିଂ (୨୫) ପିଃ ଶଙ୍କୁରୁ ସିଂ ଆସୁଥିବା ବେଳେ ରାସ୍ତାରେ ଚାଲି ଚାଲି ଆସୁଥିବା ନାଖରା ଗ୍ରାମର ଗଙ୍ଗାଧର ଜେନା ଙ୍କ ପୁଅ ଧନେଶ୍ୱର (୩୫) ଙ୍କୁ ଧକ୍କା ଦେଇଥିଲା । ଫଳରେ ଧନେଶ୍ୱର ଏବଂ ତରୁଣ ଗୁରୁତର ହୋଇଥବା ବେଳେ ଉଭୟଙ୍କୁ ବାଲେଶ୍ୱର ପଠାଇ ଦିଆଯାଇଥିବାର ଜଣାଯାଇଛି ।

# ବିଜେପି ଲେଫ୍ରିପଡ଼ା ମଣ୍ଡଳର ମାସିକ ବୃତ୍ତି ବୈଠକ ଅନୁଷ୍ଠିତ



ସୁନ୍ଦରଗଡ଼,୩।୬ (ସଂଚାର ବ୍ୟୁରୋ)ଃ ଭାରତୀୟ ଜନତା ପାର୍ଟି ଲେଫ୍ରିପଡ଼ା ମଣ୍ଡଳ ପକ୍ଷରୁ ବଡ଼ବଙ୍ଗା ଗ୍ରାମଠାରେ ମଣ୍ଡଳ ସଭାପତି ସୁମନ୍ତ ନାଏକଙ୍କ ଅଧ୍ୟକ୍ଷତାରେ ମଣ୍ଡଳ ସ୍ତରୀୟ ମାସିକ ବୃତ୍ତ ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଂଗଠନର ବିଭିନ୍ନ କାର୍ଯ୍ୟକଳାପର ସମୀକ୍ଷା କରାଯିବା ସହ ଆଗାମୀ ସାଂଗଠନିକ କାର୍ଯ୍ୟଯୋଜନା ଓ ଜନସମ୍ପର୍କ ଭିତ୍ତିକ କାର୍ଯ୍ୟକ୍ରମ ଉପରେ ବ୍ୟାପକ ଆଲୋଚନା ହୋଇଥିଲା।

ଏହି ବୈଠକରେ ବିଜେପି ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟ କର୍ତ୍ତାମାନଙ୍କୁ ସମ୍ବୋଧିତ କରି ଥିଲେ। ସେ କେନ୍ଦ୍ର ସରକାରଙ୍କ ୧୨ ବର୍ଷର ସେବା, ସୁଶାସନ ଓ ଗରିବ କଲ୍ୟାଣର ସଫଳତା ତଥା ରାଜ୍ୟ ସରକାରଙ୍କ ଦୁଇ ବର୍ଷର କାର୍ଯ୍ୟକାଳ ପୂର୍ତ୍ତି ଅବସରରେ ଆୟୋଜିତ ହେବାକୁ ଥିବା ଜନସମ୍ପର୍କ ଓ ଜନଜାଗରଣ ଅଭିଯାନକୁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଏବଂ ବୁଥ ସ୍ତରରେ ସଫଳତାର ସହ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ।

ସେହିପରି ଏସଆଇଆର କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟ କାର୍ଯ୍ୟକ୍ରମ 'ମନ କି ବାତ', ଶକ୍ତିକେନ୍ଦ୍ର ଓ ବୁଥ ସ୍ତରୀୟ ମାସିକ ବୃତ୍ତ ବୈଠକକୁ ଅଧିକ ସୁଦୃଢ଼ ଏବଂ କ୍ରିୟାଶୀଳ କରିବା, ସଂଗଠନ ବିସ୍ତାରକୁ ଗୁରୁତ୍ୱ ଦେବା ତଥା ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା ବିଭିନ୍ନ ସାଂଗଠନିକ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ କାର୍ଯ୍ୟକର୍ତ୍ତାମାନଙ୍କୁ ମାର୍ଗ ଦର୍ଶନ ପ୍ରଦାନ କରିଥିଲେ।

ବୈଠକରେ ଜିଲ୍ଲା ସାଧାରଣ ସମ୍ପାଦକ ରୁପେଶ ପଟେଲ, ପୂର୍ବତନ କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ ପଟେଲ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ବିମଳ ପଟେଲ ପ୍ରମୁଖ ଉପସ୍ଥିତ ରହି ସଂଗଠନକୁ ତୃଣମୂଳ ସ୍ତରରେ ଆହୁରି ସଶକ୍ତ କରିବା ଉପରେ ଆଲୋକପାତ କରିଥିଲେ।

# ପୋଖରୀରେ ଭାସୁଥିବା ମହିଳାଙ୍କ ମୃତଦେହ ଉଦ୍ଧାର



ବୈଶିଙ୍ଗା,୩।୬ (ସଂଚାର ବ୍ୟୁରୋ)ଃ ପାଣିରେ ପଡି ମୃତ୍ୟୁ ହୋଇଥିବା ଜନୈକ ମହିଳାଙ୍କ ମୃତଦେହକୁ ଉଦ୍ଧାର କରିଛି ବୈଶିଙ୍ଗା ପୁଲିସ। ଘଟଣାଟି ଘଟିଛି ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧିନ ଗଡଦେଉଳିଆ ପଞ୍ଚାୟତର ନୂଆସାହି ଗ୍ରାମରେ। ମୃତକ ଜଣକ ହେଲେ ଜୁଜା ମାଝିଙ୍କ ୪୦ ବର୍ଷିୟ ସ୍ତ୍ରୀ ସରସ୍ୱତୀ ମାଝି। ପ୍ରାପ୍ତ ସୂଚନା ମୁତାବକ ସରସ୍ୱତୀ ପୂର୍ବରୁ ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଥାନା ଅଞ୍ଚଳରେ ବାବୁ ମାଝିଙ୍କୁ ବିବାହ କରିଥିବା ବେଳେ ତାଙ୍କର ସନ୍ତାନ ମଧ୍ୟ ଥିବା ଜଣାପଡିଛି। ପରେ ସେ ଦୁଇବର୍ଷ ହେବ ସେହିଥାନା ଅଧିନ ଝାମ୍ପୁରା ଉପକଣ୍ଠ ଶିରକଣା ଗ୍ରାମର ଜୁଜା ମାଝିଙ୍କୁ ଦ୍ୱିତୀୟ ବିବାହ କରି ଛଅ ମାସ ହେବ ଗଡଦେଉଳିଆ ପଞ୍ଚାୟତର ପୋଖରୀସାହି ଗ୍ରାମର ସୁପଲ ସିଂ ନୂଆସାହି ଗ୍ରାମରେ ନିର୍ମାଣ କରିଥିବା ଏକ ପ୍ରଧାନମନ୍ତ୍ରୀ ଆବାସ ଗୃହରେ ଭଡା ନେଇ ଉଭୟ ସ୍ୱାମୀ ସ୍ତ୍ରୀ ରହୁଥିଲେ। କିଛିଦିନ ହେବ ନୂଆସାହି ଗ୍ରାମର ଯୁବକ ମାନଙ୍କ ସହିତ ଜୁଜା ଛତିଶଗଡ ରାଜ୍ୟକୁ କାମ କରିବାକୁ ଯାଇଥିବା ବେଳେ ସ୍ତ୍ରୀ ସରସ୍ୱତୀ ଭଡାଘରେ ଏକୁଟିଆ ରହୁଥିଲେ। ଆଜି ସକାଳେ ଗ୍ରାମର ଲୋକମାନେ ଶୌଚ ହେବାକୁ ଯାଇଥିବା ବେଳେ ସରସ୍ୱତୀଙ୍କ ଭଡାଘର ପାର୍ଶ୍ୱରେ ଥିବା ଏକ ଜଳାଶୟରେ ସରସ୍ୱତୀର ମୃତଦେହ ଦେଖିବାକୁ ପାଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦମକଳ ବାହିନୀ ସହାୟତାରେ ମୃତଦେହକୁ ପାଣିରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପାରିପଦା ଜିଲ୍ଲା ମୂଖ୍ୟ ଡାକ୍ତର ଖାନାକୁ ପଠାଇଛନ୍ତି। ଏ ନେଇ ବୈଶିଙ୍ଗା ଥାନାରେ ୨୬/୨୦୨୬ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଅଧିକ ତଦନ୍ତ ଚାଲୁ ରହିଥିବାର ଏସଆଇ ସରୋଜ କୁମାର ଜେନ ପ୍ରକାଶ କରିଛନ୍ତି ।

# ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟକ୍ରମ ଆରମ୍ଭ

ବାଲିଆପାଳ,୩।୬ (ସଂଚାର ବ୍ୟୁରୋ)ଃଆଜିଠାରୁ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜଳେଶ୍ୱର କାଳୀ ମନ୍ଦିର ପାଖରୁ ବଡ଼ ବଜାର ଛକ ପର୍ଯ୍ୟନ୍ତ ଏକ ରେଲି ମାଧ୍ୟମରେ ଲୋକଙ୍କୁ ସଚେତନତା କରା ଯାଇ ଥିଲା, ଏହି ରେଲି ରେ ବାଲେଶ୍ୱର ଅତିରିକ୍ତ ଉପ ଜିଲ୍ଲାପାଳ ପ୍ରମଦ କୁମାର ନାୟକ, ମୁନିସିପାଲିଟି executive ଅଫିସର ହେମନ୍ତ କୁମାର ସିଂ ଏବଂ ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ସମେତ ଶତାଧିକ ମହିଳା ଓ ଯୁବକ ଯୋଗ ଦେଇ ଥିଲେ,ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସମ୍ମିଳିତ କରିବା, ମୃତ ବ୍ୟକ୍ତି, ସ୍ଥାନାନ୍ତରିତ ବ୍ୟକ୍ତି ଓ ଡୁପ୍ଲିକେଟ ନାମଗୁଡ଼ିକୁ ଚିହ୍ନଟ କରି ତାଲିକାରୁ ବିଲୋପ କରିବା। ଏକ ସଠିକ ଓ ବିଶ୍ୱାସନୀୟ ଭୋଟର ତାଲିକା ପ୍ରସ୍ତୁତ କରିବା। ଜିଲ୍ଲାପାଳ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଏହି ଅଭିଯାନରେ ସକ୍ରିୟ ସହଯୋଗ କରିବା ସହ ବିଏଲଓ ମାନଙ୍କୁ ଆବଶ୍ୟକ ସୂଚନା ପ୍ରଦାନ କରି ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବାକୁ ଆହ୍ୱାନ ଜଣାଇଛନ୍ତି।

# ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ



ବାରିପଦା,୩।୬ (ସଂଚାର ବ୍ୟୁରୋ)ଃ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ମୟୂରଭଞ୍ଜ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ସମ୍ମିଳନୀ କକ୍ଷରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନୁର୍ଜୟ ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତମାଖୁ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଇଥିଲା ।

ଏହି ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇ ବାରିପଦା ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଶୋଭାଯାତ୍ରା ମାଧ୍ୟମରେ ତମାଖୁ, ଅପମିଶ୍ରିତ ଓ ବିଷାକ୍ତ ମାଦକଦ୍ରବ୍ୟ ବ୍ୟବହାରର ସ୍ୱାସ୍ଥ୍ୟଗତ, ସାମାଜିକ ଓ ଆର୍ଥିକ କୁପ୍ରଭାବ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ସେହିପରି ବିଭିନ୍ନ ପାନ ଦୋକାନ ଓ ସାଧାରଣ ଲୋକଙ୍କ ମଧ୍ୟରେ ତମାଖୁ ବ୍ୟବହାରର ଭୟାବହତା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା।

ପରବର୍ତ୍ତୀ ସଚେତନତା ସଭାରେ ବକ୍ତାମାନେ ତମାଖୁ ସେବନ ଦ୍ୱାରା ମୁଖ କର୍କଟ, ଫୁସଫୁସ କର୍କଟ, ହୃଦରୋଗ, ଷ୍ଟ୍ରୋକ ଭଳି ଗୁରୁତର ରୋଗ ସୃଷ୍ଟି ହେବା ସହ ଏହା ପରିବେଶ ଉପରେ ମଧ୍ୟ କୁପ୍ରଭାବ ପକାଉଥିବା ଉପରେ ଆଲୋକପାତ କରିଥିଲେ। ତମାଖୁର ପ୍ରଭାବ ଶିଶୁ ଓ ଯୁବପିଢ଼ୀ ଉପରେ କିପରି ପଡୁଛି ଏବଂ ସମାଜର ସମସ୍ତ ସ୍ତରରେ ସଚେତନତା ବୃଦ୍ଧି ମାଧ୍ୟମରେ ଏହାକୁ ରୋକାଯାଇପାରିବ ସେ ନେଇ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଚିତ୍ରାଙ୍କନ ପ୍ରତିଯୋଗିତା ମାଧ୍ୟମରେ ତମାଖୁ ବିରୋଧୀ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ।

## ମାସକ ମଧ୍ୟରେ ମନ୍ଦିରରୁ ଦୁଇଥର ଚୋରି

# ଚୋରଙ୍କ ମନୋବଳ ବଢ଼ାଉଛି ପୁଲିସ ବିଫଳତା

ବାଲିପାଟଣା,୩।୬ (ସଂଚାର ବ୍ୟୁରୋ)ଃ ଭୁବନେଶ୍ୱର କମିସନରେଟ ପୁଲିସ ଅଧୀନ ବାଲିପାଟଣା ଥାନା ବନମାଳୀପୁର ଫାଣ୍ଡି ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଚୋରି, ରାହାଜାନି, ନିଶା କାରବାର ଓ ଗୁରୁତର ଅପରାଧ ବଢ଼ୁଥିବା ବେଳେ ପୁଲିସର କାର୍ଯ୍ୟଦକ୍ଷତା ଓ ତଦନ୍ତ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠିଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଦେଉଳିଧରପୁର ସ୍ଥିତ ବୁଦ୍ଧିକେଶ୍ୱର ମନ୍ଦିରରେ ପୁଣିଥରେ ଘଟିଥିବା ଚୋରି ଘଟଣା।

ସୂଚନା ଅନୁସାରେ, ଗତ ମାସ ୨୦ ତାରିଖରେ ଦୁର୍ବୃତ୍ତମାନେ ମନ୍ଦିରର ତାଲା ଭାଙ୍ଗି ହୁଣ୍ଡିରୁ ପ୍ରାୟ ୧୩ ହଜାର ଟଙ୍କା ସହ ପିତଳ ଘଣ୍ଟି, ଥାଳି, ବାସନକୁସନ ଓ ଗ୍ୟାସ ସିଲିଣ୍ଡର ଚୋରି କରିନେଇଥିଲେ। ଘଟଣା ପରେ ପୁଲିସ ସନ୍ଧାନୀ କୁକୁର ସହ ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଚୋରଙ୍କ ସମ୍ପର୍କରେ କୌଣସି ସୁରାକ ପାଇବାରେ ସଫଳ ହୋଇନଥିଲା। ପ୍ରଥମ ଘଟଣାର ରହସ୍ୟ ଉଦ୍‌ଘାଟନ ହୋଇନଥିବା ବେଳେ ଗତକାଲି ରାତିରେ ସେହି ମନ୍ଦିରକୁ ପୁଣି ଟାର୍ଗେଟ କରିଛନ୍ତି ଚୋରମାନେ। ଏଥର ମନ୍ଦିର ଗୃହର ତାଲା ଭାଙ୍ଗି ମୂଲ୍ୟବାନ ସାଉଣ୍ଡ ସିଷ୍ଟମ, ମାଇକ୍ରୋଫୋନ, ଷ୍ଟାଣ୍ଡ, ବିଭିନ୍ନ ବୈଦ୍ୟୁତିକ ଉପକରଣ ଓ ବାସନକୁସନ ଚୋରି କରି ନେଇଛନ୍ତି। ଏକ ମାସ ମଧ୍ୟରେ ଏକ ମନ୍ଦିରରେ ଦୁଇଥର ଚୋରି ଘଟଣା ପୁଲିସ ପାଟ୍ରୋଲିଂ ଓ ତଦନ୍ତ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି।

# କୁଡୁମୀ ସେନାର ପ୍ରତିଷ୍ଠା ଦିବସ ପାଳିତ




ବୈଶିଙ୍ଗା,୩।୬ (ସଂଚାର ବ୍ୟୁରୋ)ଃକୁଡୁମୀ ସେନା ପକ୍ଷରୁ ବେତନଟି ଡାକ ବଙ୍ଗଳା ରେ "କୁଡୁମୀ ସେନା"ର ୧୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି।

ସାରା ଭାରତରେ ୨ କୋଟିରୁ ଉର୍ଦ୍ଧ୍ୱ କୁଡୁମୀ ସମ୍ପ୍ରଦାୟର ଲୋକେ ଓଡିଶା, ଝାରଖଣ୍ଡ, ପଶ୍ଚିମବଙ୍ଗ, ବିହାର ଓ ଆସାମରେ ବସବାସ କରୁଛନ୍ତି। ସ୍ୱାଧୀନତା ପରେ ମଧ୍ୟଏହି ଜାତିକୁ ୧୯୫୦ ମସିହା ପର୍ଯ୍ୟନ୍ତ ଆଦିବାସୀ ମାନ୍ୟତା ମିଳିଥିଲା । କିନ୍ତୁ ପରେ ସମ୍ବିଧାନରୁ ଆଦିବାସୀ ମାନ୍ୟତା ହଟାଇ ଦିଆଗଲା। ପୁନଃ ଆଦିବାସୀ ମାନ୍ୟତା ପାଇଁ ଏହି ସମ୍ପ୍ରଦାୟର ଲୋକେ ଦୀର୍ଘ ବର୍ଷ ଧରି ଦାବି ରଖି ଆସୁଛନ୍ତି।

ତେବେ ଓଡିଶାରେ କ୍ରାନ୍ତିକାରୀ ଯୁବ ନେତା ଜୈମୁନୀ ମହାନ୍ତଙ୍କ ନେତୃତ୍ୱରେ କୁଡୁମୀ ସମ୍ପ୍ରଦାୟର ଲୋକଙ୍କୁ ଏକାଠି କରି ୨୦୧୨ ଜୁନ ୩ରେ ବେତନଟି ଠାରେ "କୁଡୁମୀ ସେନା" ଗଠନ କରି କୁଡୁମୀ ଲୋକଙ୍କର ସାମାଜିକ, ଅର୍ଥନୈତିକ, ଭାଷା, ସଂସ୍କୃତିର ସୁରକ୍ଷା ଓ କୁଡୁମୀ ଜାତିକୁ ପୁନଃ ଆଦିବାସୀ ତାଲିକାରେ ସାମିଲ କରିବା ପାଇଁ ୧୪ ବର୍ଷ ଧରି ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ ଆୟୋଜନ କରି ଆସୁଛନ୍ତି।

ତେବେ ଏହି ଦିନକୁ ମନେରଖିବା ପାଇଁ ବେତନଟିର ଡାକ ବଙ୍ଗଳା ଠାରେ ୧୪ ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ଏହି ସଭାରେ ଜୈମୁନୀ କୁମାର ମହାନ୍ତ ସଭାପତି ଭାବରେ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୁଡୁମୀ ସେନାର ବିବେକାନନ୍ଦ ମହାନ୍ତ, ତମ୍ବରୁଧର ମହାନ୍ତ, ଚନ୍ଦ୍ରମୋହନ ମହାନ୍ତ, କମଳାକାନ୍ତ ମହାନ୍ତ ଯୁବ ସେନାର ମୋହନ ମହାନ୍ତ, ମାନଗୋବିନ୍ଦ ମହାନ୍ତ, ନରହରି ମହାନ୍ତ, ଚୈତନ ମହାନ୍ତ,ଛାତ୍ର ସେନା ର ଗୌତମ ମହାନ୍ତ, ଦେବାଶିଷ ମହାନ୍ତ, ଜିତୁ ମହାନ୍ତ, ରାକେଶ ମହାନ୍ତ, ଲଳିତ ମହାନ୍ତ ପ୍ରମୁଖ ଯୋଗଦେଇ ଥିଲେ ।

# ବଢ଼ିଛି ଅଲିଭ ରିଡ୍‌ଲେଙ୍କ ଅଣ୍ଡାଦାନ

**ଅସ୍ତରଙ୍ଗରେ ସର୍ବାଧିକ ୧୨୯୧ ବସାରୁ ୧,୪୭,୧୭୧ଟି ଅଣ୍ଡା ସଂଗ୍ରହ**



କାକଟପୁର/ଅସ୍ତରଙ୍ଗ,୩।୬ (ସଂଚାର ବ୍ୟୁରୋ)ଃ ବଢୁଛି ଅଲିଭ ରିଡେଲଙ୍କ ଆଗମନ। ବର୍ଷାନୁକ୍ରମେ ଗଣଅଣ୍ଡାଦାନ ବୃଦ୍ଧି ପାଇବାରେ ଲାଗିଛି। ଗତବର୍ଷ ତୁଳନାରେ ଏଥର ଅଧିକ ବସା ଚିହ୍ନଟ ହୋଇଛି। ୨୦୨୪-୨୫ରେ ୧୭୨୪ବସାରୁ ୧ଲକ୍ଷ ୮୬ହଜାର ୬୩୨ଅଣ୍ଡା ସଂଗ୍ରହ ହୋଇଥିଲା। ସେଥି ମଧ୍ୟରୁ ୧ଲକ୍ଷ ୨୪ହଜାର ୭୯୮ଅଣ୍ଡାରୁ ଛୁଆ ସୁରକ୍ଷିତ ଫୁଟିବା ପରେ ଛଡ଼ାଯାଇଛି। ପୁରୀ ବନ୍ୟପ୍ରାଣୀ ବନଖଣ୍ଡ, ସ୍ଥାନୀୟ ବାସିନ୍ଦା ଓ ସ୍ୱେଚ୍ଛାସେବୀ ସଂଗଠନର ସହଭାଗିତାରେ ଧୀରେ ଧୀରେ ଅଲିଭ ରିଡେଲ ଙ୍କ ସୁରକ୍ଷା ସୁନିଶ୍ଚିତ ହେଉଛି।

ତଥ୍ୟ ମୁତାବକ ଅସ୍ତରଙ୍ଗ ରେ ସର୍ବାଧିକ ୧୨୯୧ବସାରୁ ୧ଲକ୍ଷ ୪୭ହଜାର ୧୭୧ଅଣ୍ଡା ସଂଗ୍ରହ ହୋଇଥିଲା। ସେଥିମଧ୍ୟରୁ ୧ଲକ୍ଷ ୨୦ହଜାର ୮୯୦ଅଣ୍ଡାରୁ ସୁରକ୍ଷିତ ଛୁଆ ଫୁଟିଛି। ସେହିପରି କୋଣାର୍କ ରେ ୪୫୮ବସାରୁ ୫୩ହଜାର ୫୩୨ଅଣ୍ଡା ସଂଗ୍ରହ ହୋଇଥିଲା। ଅଲିଭ ରିଡେଲ ଙ୍କ ଆଗମନ ପ୍ରଜନନ ନଭେମ୍ବର ରୁ ଆରମ୍ଭ ହୋଇ ମେ ପର୍ଯ୍ୟନ୍ତ ଚାଲେ। ପ୍ରଜନନ ସମୟରେ ଓମଫ୍ରା ଆକ୍ଟ ଯୋଗୁଁ ଟ୍ରଲର ପ୍ରବେଶ ଉପରେ କଟକଣା ଲଗାଯାଇଥିଲା। ଦେୱୀ ମୁହାଁଣ ର ୨୦କିଲୋମିଟର ଏବଂ କେଳୁଣୀ ମୁହାଁଣର ୫କିଲୋମିଟର ପର୍ଯ୍ୟନ୍ତ ନୋ ଫିସିଂ ଜୋନ ଘୋଷଣା କରାଯାଇଥିଲା। ଅଣ୍ଡାରୁ ଛୁଆ ଫୁଟିବା ପ୍ରକ୍ରିୟା ମଧ୍ୟ ସୁରକ୍ଷିତ ହୋଇଥିଲା।

ସଂଚାର ଗୁରୁବାର ୪ ଜୁନ୍ ୨୦୨୬




# କ୍ଷୀରରେ ଗୁଡ଼ ମିଶାଇ ପିଇଲେ ଗଣ୍ଠି ଯନ୍ତ୍ରଣାରୁ ମୁକ୍ତିମିଳେ



ପ୍ରାଚୀନ କାଳରୁ କ୍ଷୀର ଏବଂ ଗୁଡ଼ ଉଭୟ ସ୍ୱାସ୍ଥ୍ୟ ପାଇଁ ବରଦାନ ସଦୃଶ ହୋଇଥାଏ ବୋଲି ବିବେଚନା କରାଯାଏ। ଶୀତ ଋତୁରେ ଲୋକମାନେ ବହୁତ ଉତ୍ସାହର ସହିତ ଗୁଡ଼ ଖାଆନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ଯଦି କ୍ଷୀର ସହ ଗୁଡ଼ ମିଶାଇ ପିଇବା ଦ୍ୱାରା ଏହା ସ୍ୱାସ୍ଥ୍ୟ ଉପରେ ବହୁତ ସକାରାତ୍ମକ ପ୍ରଭାବ ପକାଇପାରେ। ତଥାପି, ଉତ୍ତମ ଫଳାଫଳ ହାସଲ କରିବାକୁ, ଏହାକୁ ସଠିକ୍ ପରିମାଣରେ ଏବଂ ସଠିକ୍ ଉପାୟରେ ଡାଏଟ୍ ପ୍ଲାନର ଏକ ଅଂଶ କରିବା ଅତ୍ୟନ୍ତ ଜରୁରୀ ହୋଇଥାଏ। ତେବେ ଆସନ୍ତୁ କ୍ଷୀର ଏବଂ ଗୁଡ଼ ମିଶାଇ ପିଇବାର ଉପକାରିତା ବିଷୟରେ ଜାଣିବା।

**ଗଣ୍ଠି ଯନ୍ତଣାରୁ ମୁକ୍ତି:** ଗୁଡ଼ କ୍ଷୀର ମାଂସପେଶୀକୁ ଆରାମ ଦେବା ସହିତ ହାଡକୁ ମଜବୁତ କରିବାରେ ପ୍ରଭାବଶାଳୀ ପ୍ରମାଣିତ ହୋଇଥାଏ। ଯଦି ଆପଣ ଗଣ୍ଠି ଯନ୍ତ୍ରଣା ସମସ୍ୟାରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି, ତେବେ ଆପଣ ଗୁଡ଼ ସହିତ କ୍ଷୀର ପିଇବା ଆରମ୍ଭ କରିବା ଉଚିତ୍। ଗୁଡ଼ କ୍ଷୀର ସାହାଯ୍ୟରେ ହିମୋଗ୍ଲୋବିନ୍ ଅଭାବକୁ ମଧ୍ୟ ଦୂର କରାଯାଇପାରିବ। ତେଣୁ ରକ୍ତହୀନତାରେ ପୀଡିତ ରୋଗୀଙ୍କୁ ଗୁଡ଼ କ୍ଷୀର ପିଇବାକୁ ପରାମର୍ଶ ଦିଆଯାଏ।

**କ୍ଷୀର ଏବଂ ଗୁଡ଼ ମିଶାଇ ପିଇବାର ଉପକାରିତା:** କେବଳ ଯେ ଗଣ୍ଠି ଯନ୍ତ୍ରଣା ତା' ନୁହେଁ ଗୁଡ଼ କ୍ଷୀର ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଗ୍ୟାସ୍, ବଦହଜମୀ ଏବଂ ଏସିଡ଼ିଟିରୁ ମୁକ୍ତି ପାଇବା ପାଇଁ ଗୁଡ଼ କ୍ଷୀର ପିଇପାରିବେ। ମେଟାବୋଲିଜିମ୍ ବଢ଼ାଇବା ପାଇଁ ମଧ୍ୟ ଆପଣ କ୍ଷୀର ଏବଂ ଗୁଡ଼ ମିଶାଇ ଏକାଠି ପିଇପାରିବେ। ଏହା ବ୍ୟତୀତ ଗୁଡ଼ କ୍ଷୀର ପିଇବା ଦ୍ୱାରା ଆପଣ ନିଜର ରୋଗ ପ୍ରତିରୋଧକ ଶକ୍ତି ମଜବୁତ କରିପାରିବେ। ରାତିରେ ଗୁଡ଼ କ୍ଷୀର ପିଇବା ଦ୍ୱାରା ଭଲ ନିଦ ମଧ୍ୟ ଆସିଥାଏ।

**ଗୁଡ଼ କ୍ଷୀର କିପରି ତିଆରି କରିବେ:** ସର୍ବପ୍ରଥମେ ଆପଣଙ୍କୁ ଏକ ପାତ୍ରରେ କ୍ଷୀରକୁ ଗରମ କରିବାକୁ ପଡିବ। ବର୍ତ୍ତମାନ ଏଥିରେ ଏକ କିମ୍ବା ଦୁଇ ଚାମଚ ଗୁଡ଼ ପାଉଡ଼ର କିମ୍ବା ଏକ ଛୋଟ ଗୁଡ଼ ଖଣ୍ଡ ମିଶାନ୍ତୁ। ଭଲ ଫଳାଫଳ ପାଇବା ପାଇଁ ଶୋଇବା ପୂର୍ବରୁ ଗୁଡ଼ କ୍ଷୀର ପିଅନ୍ତୁ। ପ୍ରତିଦିନ ପୁଷ୍ଟିକର ଗୁଡ଼ କ୍ଷୀର ପିଅନ୍ତୁ ଏବଂ କେବଳ ଏକ ମାସ ମଧ୍ୟରେ ହିଁ ଆପଣ ନିଜେ ଏହାର ସକରାତ୍ମକ ପ୍ରଭାବ ଦେଖିବାକୁ ପାଇବେ।

# କମଳା ଫେସ୍ ପ୍ୟାକ୍ ସ୍କିନ୍ ପାଇଁ ଉପକାରୀ



ଶୀତଦିନରେ ତ୍ୱଚା ଅଧିକ ଟ୍ୟାନ୍ ହୋଇଯାଏ ମାନେ ଖରାରେ କଳା ପଡ଼ିଯାଏ। ତେଣୁ ଏଥିପ୍ରତି ଆମେ ଅଧିକ ଯତ୍ନବାନ୍ ହେବା ଜରୁରୀ। ଘରେ ମଧ୍ୟ ଆମେ ବିଭିନ୍ନ ଉପାୟମାନ କରି ଏହାକୁ ଦୂର କରିପାରିବା। ଚାଲନ୍ତୁ ଘରେ ତିଆରି କରିବା କମଳା ଫେସ୍ ପ୍ୟାକ୍। ବେସନ ସହିତ କମଳା ମିଶାଇ ଫେସ୍ ପ୍ୟାକ୍ ତିଆରି କରି ମୁହଁରେ ଲଗାନ୍ତୁ। ଏହି ଫେସ୍ ପ୍ୟାକ୍ ତିଆରି କରିବା ନିମନ୍ତେ ୨ ଚାମଚ କମଳା ରସରେ ୧ ଚାମଚ ବେସନ ଓ ୧ ଚାମଚ ଗୋଲାପ ଜଳ ଭଲଭାବେ ମିଶାନ୍ତୁ। ପ୍ରାୟ ୨୦ ମିନିଟ୍ ପର୍ଯ୍ୟନ୍ତ ଏହାକୁ ମୁହଁରେ ଲଗାନ୍ତୁ। ଏହାପରେ ଧୀରେ ଧୀରେ ମସାଜ୍ କରି ଧୋଇଦିଅନ୍ତୁ। ଅଧିକ ସମୟ ଖରାରେ ରହି ସ୍କିନ୍ ଟାନିଂ ହୋଇଥିଲେ ଏହି ଫେସ୍ ପ୍ୟାକ୍ ବେଶ୍ ଫାଇଦା ଆଣିଥାଏ।

ନଡ଼ିଆତେଲ ଓ କମଳା ଫେସ୍ ପ୍ୟାକ୍ ମଧ୍ୟ ମୁହଁର ଉଜ୍ଜ୍ୱଳତା ବଢ଼ାଇଥାଏ। ତ୍ୱଚା ଅତ୍ୟଧିକ ଶୁଷ୍କ ହୋଇଥିଲେ ଏହି ପ୍ୟାକ୍ ଅତ୍ୟନ୍ତ ଭଲ। ଏଥିପାଇଁ ୧ ଚାମଚ ନଡ଼ିଆ ତେଲରେ ୧ ଚାମଚ କମଳା ରସ ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ୧ ଘଣ୍ଟାରୁ ଅଧିକ ସମୟ ରଖିପାରିବେ। ସପ୍ତାହକୁ ୨ ଥର ଏହି ପ୍ୟାକ୍ ଲଗାଇଲେ ତ୍ୱଚାର ଶୁଷ୍କତା କମ୍ ହେବା ସହିତ ତ୍ୱଚା ସୁନ୍ଦର ଓ ମୁଲାୟମ ହେବ।

ସେହିପରି ହଳଦୀ ଓ କମଳା ଫେସ୍‌ପ୍ୟାକ୍ ମଧ୍ୟ ମୁହଁକୁ ସୁନ୍ଦର କରିଥାଏ। ଏହି ପ୍ୟାକ୍ ତିଆରି କରିବା ନିମନ୍ତେ କମଳା ଚୋପାକୁ ଶୁଖାଇ ଗୁଣ୍ଡକରି ରଖନ୍ତୁ। ୧ ଚାମଚ କମଳା ଚୋପାର ଗୁଣ୍ଡ ସହ ୧ ଚାମଚ ଗୋଲାପ ଜଳ ଓ ଅଳ୍ପ ହଳଦୀ ନେଇ ଭଲଭାବେ ମିଶାଇ ମୁହଁରେ ଲଗାନ୍ତୁ। ଏହି ପେଷ୍ଟ ଅଧିକ ଗାଢ଼ ହୋଇଥିଲେ ସେଥିରେ ପାଣି ମିଶାଇ ପାରିବେ। ଏବେ ଏହି ମିଶ୍ରଣକୁ ମୁହଁରେ ଲଗାଇ ୧୫ ରୁ ୨୦ ମିନିଟ୍ ରଖି ଧୋଇ ଦିଅନ୍ତୁ। ସପ୍ତାହକୁ ଅତିକମ୍‌ରେ ୨ ଥର ଏହି ମିଶ୍ରଣକୁ ଲଗାଇଲେ ମୁହଁରେ ଥିବା ସମସ୍ତ ଦାଗ, ଟାନିଂ ଓ ବ୍ରଣ ସମସ୍ୟା ଦୂରହୋଇ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇବ।

ଚୋପାକୁ ଶୁଖାଇ ଗୁଣ୍ଡକରି ସେଥିରେ ସମାନ ମାତ୍ରାରେ ମୁଲତାନୀ ମାଟି ଓ ଗୋଲାପ ଜଳ ମିଶାଇ ପେଷ୍ଟ ତିଆରି କରନ୍ତୁ। ଏହି ଫେସ୍ ପ୍ୟାକ୍‌କୁ ଅଧଘଣ୍ଟାରୁ ୪୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖିହେବ। ଧୋଇବା ସମୟରେ ଗୋଲାକାରଭାବେ ମସାଜ୍ କରି ଏହାକୁ ଧୋଇଦିଅନ୍ତୁ। ତେବେ ସପ୍ତାହକୁ ଥରେ ଏହି ପ୍ୟାକ୍ ଲଗାଇଲେ ତ୍ୱଚା ସୁନ୍ଦର ଦେଖାଯିବ।

# ଜଙ୍କ୍‌ଫୁଡ୍ ପିଲାଙ୍କ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଏ



ପିଲାଙ୍କ ଖାଦ୍ୟପେୟ ଉପରେ ନିର୍ଭର କରିଥାଏ ସେମାନଙ୍କର ସ୍ୱାସ୍ଥ୍ୟ। ଅଧିକାଂଶ ବାପାମାଆ ପିଲାଙ୍କ ପେଟ ଭରିବା ପାଇଁ ସ୍ୱାସ୍ଥ୍ୟକର କିମ୍ବା ଅସ୍ୱାସ୍ଥ୍ୟକର କିଛି ମଧ୍ୟ ଖୁଆଇ ଦିଅନ୍ତି। ଏହାସହ କିଛି ପିଲା ଜଙ୍କ ଫୁଡ୍ ଖାଇବାକୁ ଜିଦି କରନ୍ତି। ଏମିତି କିଛି ଖାଦ୍ୟ ଜିନିଷ ଅଛି , ଯାହାକୁ କେବେ ପିଲାଙ୍କୁ ଖାଇବାକୁ ଦେବା ଉଚିତ୍ ନୁହେଁ। କାହିଁକି ନା ସବୁଠୁ ଅଧିକ ହାନିକାରକ।

ଅନେକ ଦିନରୁ ସକାଳେ ଗୋଟେ କପ୍ ଚା ଓ ବିସ୍କୁଟ୍ ଅଧିକାଂଶ ଘରେ ପିଲାମାନେ ଖାଇଥାଆନ୍ତି। କିନ୍ତୁ ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ସକାଳୁ ସକାଳୁ କଫି କି ଚା' ନ ପିଇବା ଦେବା ଅନୁଚିତ୍। ଆପଣ ଚା ସ୍ଥାନରେ କ୍ଷୀର ଓ ବାଦାମ ଖାଇବାକୁ ଦେଇ ପାରିବେ। ବର୍ତ୍ତମାନ ପିଲାମାନେ ବର୍ଗର –ପିଜ୍ଜା ଖାଇବାକୁ ଦିଅନ୍ତି ଏବଂ ସେମାନେ ନିଜେ ବି ଏହାକୁ ଖାଇଥାନ୍ତି। ବର୍ଗର, ପିଜ୍ଜା, ଫ୍ରେଞ୍ଚ ଫ୍ରାଇଜ୍, ପାସ୍ତା , ମୋମୋଜ ପିଲାଙ୍କ ପାଇଁ କେବେ ବି ଭଲ ନୁହେଁ। ଏହି ସବୁ ଜିନିଷକୁ ଖାଇବା ଦ୍ୱାରା ପିଲା ଛୋଟବେଳୁ ହିଁ ମୋଟାପଣର ଶିକାର ହୁଅନ୍ତୁ। ଯାହାଫଳରେ ଅନେକ ରୋଗ ହେବାର ଆଶଙ୍କ ବଢ଼ିଯାଏ । ପିଲାଙ୍କୁ କମ୍ ବୟସରେ ହିଁ କୋଲ୍ଡ ଡ୍ରିଙ୍କ୍ ଓ ପେଷ୍ଟ୍ରି ଖାଇବା ଦିଅନ୍ତୁ ନାହିଁ। ଏହି ସବୁ ଜିନିଷରେ ସୁଗାର ଅଧିକ ମାତ୍ରାରେ ରହିଥାଏ। କୋଲ୍ଡ ଡ୍ରିଙ୍କରେ ସୋଡା ଥାଏ , ଯାହା ପେଟ ଓ ଅନ୍ତଃନଳୀ ପାଇଁ ଖରାପ ହୋଇଥାଏ। ଏସବୁକୁ ଖାଇବା ଦ୍ୱାରା ପେଟ ଖରାପ ହେବା ସହ ବ୍ଲଡ୍ ସୁଗାର ବଢ଼ିଥାଏ। ଏତିକି ହିଁ ନହେଁ ପିଲାମାନେ ଚିପ୍ସ, କୁରକୁରେ ଓ ଚକୋଲେଟ୍ ମଧ୍ୟ ଖୁବ୍ ଖାଇଥାନ୍ତି। ଅଧିକାଂଶ ସମୟ ଏସବୁ ଖାଇବା ପାଇଁ ଖାଦ୍ୟ ଛାଡ଼ି ଦେଇଥା'ନ୍ତି। ପ୍ରୋସେସ୍ଡ ଫୁଡ୍ ଚିପ୍ସ, ଚକୋଲେଟରେ ବହୁ ମାତ୍ରାରେ ଲୁଣ-ଚିନି ରହିଥାଏ , ଯାହା ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ପିଲାଙ୍କୁ ମ୍ୟାଗି ବା ନୁଡଲ୍ସ ମଧ୍ୟ ଦେବା ଉଚିତ୍ ନୁହେଁ। ଏହି ସବୁ ଜିନିଷରେ କେବଳ ମଇଦା ରହି ଥାଏ। ଯାହା ଅନ୍ତଃନଳୀ ଓ ପେଟ ପାଇଁ ଭଲ ନୁହେଁ। ଏହା ଦୀର୍ଘ ସମୟ ଯାଏ ହଜମ ହୋଇ ନଥାଏ ଏବଂ ପେଟ ଖରାପ ହୋଇ ଥାଏ।

# ଅଣନିଶ୍ୱାସୀ ଲାଗୁଥିଲେ ସ୍ୱାସ୍ଥ୍ୟ ପରୀକ୍ଷା କରାନ୍ତୁ



ହୃଦଘାତର ସବୁଠାରୁ ସାଧାରଣ ଲକ୍ଷଣ ହେଉଛି ଛାତିରେ ଯନ୍ତ୍ରଣା। କିନ୍ତୁ ଅନେକ କ୍ଷେତ୍ରରେ, ହୃଦଘାତର ଲକ୍ଷଣ ସମ୍ପୂର୍ଣ୍ଣ ଭିନ୍ନ ହୋଇପାରେ, ବିଶେଷକରି ମହିଳାଙ୍କ କ୍ଷେତ୍ରରେ। ମହିଳାଙ୍କଠାରେ ହୃଦଘାତର ଲକ୍ଷଣ ପୁରୁଷମାନଙ୍କଠାରୁ ବହୁତ ଭିନ୍ନ ହୋଇଥାଏ। ମହିଳାମାନଙ୍କ କ୍ଷେତ୍ରରେ ହୃଦଘାତର ଲକ୍ଷଣଗୁଡ଼ିକ ପ୍ରାୟତଃ ଛୋଟ ସମସ୍ୟା ଭାବରେ ଦେଖାଯାଇପାରେ। ତେଣୁ, ସେଗୁଡ଼ିକୁ ନିର୍ଣ୍ଣୟ କରିବା କଷ୍ଟକର ହୋଇପାରେ। ପୁରୁଷମାନଙ୍କଠାରେ ହୃଦଘାତର ସାଧାରଣ ଲକ୍ଷଣଗୁଡ଼ିକ ମଧ୍ୟରେ ତୀବ୍ର ଛାତି ଯନ୍ତ୍ରଣା, ଚାପ ଅନ୍ତର୍ଭୁକ୍ତ, ଯାହା ପ୍ରାୟତଃ ବାମ ହାତ ପର୍ଯ୍ୟନ୍ତ ବ୍ୟାପିଥାଏ।

**ଛାତି ଯନ୍ତ୍ରଣାର ବିଭିନ୍ନ ରୂପ:** ମହିଳାମାନେ ତୀବ୍ର ଛାତି ଯନ୍ତ୍ରଣା ବଦଳରେ ଚାପ, ଜଳାପୋଡ଼ା କିମ୍ବା ଅସ୍ୱସ୍ତି ଅନୁଭବ କରିପାରନ୍ତି। ଏହି ଯନ୍ତ୍ରଣା ଛାତିର ମଧ୍ୟଭାଗରେ ନୁହେଁ ବରଂ ପିଠି, ବେକ କିମ୍ବା ପେଟରେ ଅନୁଭବ ହୋଇପାରେ।

**ଅଣନିଶ୍ୱାସୀ:** କୌଣସି କାରଣ ବିନା ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା।

**ଅସାଧାରଣ ଥକ୍କା:** ହଠାତ୍ ଅତ୍ୟଧିକ ଥକ୍କା ଲାଗେ ଯାହା ଦୀର୍ଘଦିନ ପର୍ଯ୍ୟନ୍ତ ଲାଗି ରହିଥାଏ। ଏହି ଥକ୍କା ଏତେ ତୀବ୍ର ହୋଇପାରେ ଯେ ସାଧାରଣ ଦୈନନ୍ଦିନ କାର୍ଯ୍ୟ ମଧ୍ୟ କଷ୍ଟକର ହୋଇଯାଏ।

**ମୁଣ୍ଡ ଘୂରିବା:** କୌଣସି କାରଣ ବିନା ମୁଣ୍ଡ ବ୍ୟଥା ଏବଂ ଘୂରିଲା ଭଳି ଲାଗିଥାଏ।

**ବାନ୍ତି:** ହୃଦଘାତ ସମୟରେ ମହିଳାମାନେ ପୁରୁଷମାନଙ୍କ ତୁଳନାରେ ବାନ୍ତି କିମ୍ବା ବଦହଜମୀ ଅନୁଭବ କରିବାର ସମ୍ଭାବନା ଅଧିକ ଥାଏ।

**ଝାଳ:** ହଠାତ୍ ଥଣ୍ଡା ଝାଳ ବାହାରିପାରେ, ଯାହା ପ୍ରାୟତଃ ଫ୍ଲୁ ପରି ଅନୁଭବ ହୁଏ।

**ନିଦ୍ରା ବ୍ୟାଘାତ:** ହୃଦଘାତ ପୂର୍ବରୁ ପ୍ରାୟ ମହିଳାଙ୍କ କ୍ଷେତ୍ରରେ ନିଦ୍ରା ସମସ୍ୟା ଆରମ୍ଭ ହୋଇପାରେ।

# ଥାଲାସିମିଆ କିପରି ମୁକ୍ତି ପାଇବେ



ଥାଲାସିମିଆ ଏକ ବଂଶଗତ ରକ୍ତ ରୋଗ। ଏହି ରୋଗରେ ଶରୀରରେ ଅକ୍ସିଜେନ୍ ପରିବହନକାରୀ ହେମୋଗ୍ଲୋବିନ୍‌ର ଗଠନ ତ୍ରୁଟିପୂର୍ଣ୍ଣ ହୋଇଯାଇଥାଏ। ଏହାଫଳରେ ଦେଖାଦିଏ 'ଆନିମିଆ' ବା ରକ୍ତାଳ୍ପତା। ଆପଣମାନଙ୍କ ମଧ୍ୟରୁ ଅନେକେ ଥାଲାସିମିଆ ରୋଗଟିର ନାଁ ଶୁଣିଥିବେ। କାହାର ପୁଅ କି ଝିଅ ହୁଏତ ଏହି ରୋଗ ଭୋଗୁଥାଇପାରନ୍ତି। ଜିନ୍ ଦୋଷରୁ ଜାତ ଏହି ରୋଗଟି ଆଦୌ ବିରଳ ନୁହେଁ। ତେଣୁ ଉକ୍ତ ସ୍ୱାସ୍ଥ୍ୟ ସମସ୍ୟାର କାରଣ ଏବଂ ଚିକିତ୍ସା ପଦ୍ଧତି ବିଷୟରେ ଆମେ ଅବଗତ ହେବା ନିହାତି ଆବଶ୍ୟକ। ଆମ ସମସ୍ତଙ୍କ ରକ୍ତରେ ରହିଛି ଆଇ.ବି.ସି. ବା ଲୋହିତ ରକ୍ତ କୋଷିକା। ଲୋହିତ ରକ୍ତ କୋଷିକା ଭିତରେ ଥାଏ ହେମୋଗ୍ଲୋବିନ୍ ନାମକ ଏକ ଉପାଦାନ। 'ହିମ୍' ଓ 'ଗ୍ଲୋବିନ୍'-ଏହି ଦୁଇଟି ଉପାଦାନ ଥାଏ ହେମୋଗ୍ଲୋବିନ୍‌ରେ। 'ହିମ'ରେ ଥାଏ ଲୌହ ଏବଂ 'ଗ୍ଲୋବିନ୍' ହେଉଛି ଏକ ପ୍ରୋଟିନ୍। ହେମୋଗ୍ଲୋବିନ୍ ବିନା ଆମେ ବଞ୍ଚିପାରିବା ନାହିଁ। କାରଣ ଏହା ପ୍ରଶ୍ୱାସ ବାୟୁରୁ ଅମ୍ଳଜାନ ଗ୍ରହଣ କରି ସବୁ ଜୀବକୋଷ ନିକଟରେ ପହଞ୍ଚାଇ ଦିଏ ଏବଂ ସବୁ ଜୀବକୋଷରୁ କାର୍ବନଡାଇଅକ୍ସାଇଡ୍ ଆଦି ନିଃଶ୍ୱାସ ବାୟୁ ମାଧ୍ୟମରେ ନିଷ୍କାସନ କରିଦିଏ।

'ଆଲ୍‌ଫା' ଓ 'ବିଟା' ଗ୍ଲୋବିନ୍‌ଜେନକୁ ନେଇ ଗ୍ଲୋବିନ୍ ଅଣୁଟି ଗଠିତ। କିନ୍ତୁ ନିର୍ଦ୍ଦିଷ୍ଟ ଏକ କ୍ରୋମୋଜୋମ୍ ବା ଗୁଣସୂତ୍ରରେ ତ୍ରୁଟି ରହିଗଲେ ତ୍ରୁଟିର ପ୍ରକାରକୁ ଚାହିଁ ଆଲ୍‌ଫା ଗ୍ଲୋବିନ୍ ଚେନ୍ କି ବିଟାଗ୍ଲୋବିନ୍ ଚେନ୍‌ର ତିଆରି ତ୍ରୁଟିଯୁକ୍ତ ହୋଇଯାଏ। ଆଲ୍‌ଫା ଚେନ୍‌ର ତ୍ରୁଟି ହେଲେ ତାକୁ 'ଆଲ୍‌ଫା ଥାଲାସିମିଆ' ଏବଂ ବିଟା ଚେନ୍‌ରେ ତ୍ରୁଟି ହେଲେ ତାହାକୁ କହନ୍ତି 'ବିଟା ଥାଲାସିମିଆ'। ଥାଲାସିମିଆ ରୋଗଟି ବଂଶଗତ ଜିନ୍ ରୋଗ ହୋଇଥିବାରୁ ପରିବାରର ଏକାଧିକ ବ୍ୟକ୍ତି ଏହି ରୋଗଟିରେ ଆକ୍ରାନ୍ତ ହେବା ଆଦୌ ଅସ୍ୱାଭାବିକ ନୁହେଁ। ଜିନ୍ ଦୋଷଟି କାହାଠାରେ ଥାଏ : ଜିନ୍ ଦୋଷଟି ଥାଏ ପିତା କିମ୍ବା ମାତା ନ ହେଲେ ପିତା-ମାତା ଉଭୟଙ୍କଠାରେ। ପୁରୁଷଙ୍କ ଗୋଟିଏ ମାତ୍ର ଜିନ୍‌ରେ ଦୋଷ ଥିଲେ ସେ ଜିନ୍‌ର ବାହକ ବା ଥାଲାସିମିଆ ଟ୍ରେଟ୍। ସେହିପରି ମହିଳାମାନଙ୍କର ଗୋଟିଏ ମାତ୍ର ଜିନ୍‌ରେ ଦୋଷ ଥିଲେ ସେ ମଧ୍ୟ ଥାଲାସିମିଆ ଜିନ୍‌ର ବାହକ ସାଜିଥାଏ। ଥାଲାସିମିଆ ଟ୍ରେଟ୍ ପୁରୁଷ କି ଥାଲାସିମିଆ ଟ୍ରେଟ୍ ମହିଳା ଥାଲାସିମିଆ ରୋଗୀ ନୁହନ୍ତି। ମାତ୍ର ସଂଯୋଗବଶତଃ ଥାଲାସିମିଆ ଟ୍ରେଟ୍ ପୁରୁଷ ଓ ଥାଲାସିମିଆ ଟ୍ରେଟ୍ ମହିଳାମାନଙ୍କ ମଧ୍ୟରେ ବିବାହ ହୋଇଗଲେ ସେମାନଙ୍କ ସନ୍ତାନମାନଙ୍କ ମଧ୍ୟରୁ କେହି କେହି ଥାଲାସିମିଆ ରୋଗରେ ଆକ୍ରାନ୍ତ ହୋଇପଡ଼ିବାର ଆଶଙ୍କା ଉପୁଜିଥାଏ। ପୁତ୍ର ସନ୍ତାନ ରୋଗ ଭୋଗିପାରେ, କନ୍ୟା ସନ୍ତାନ ମଧ୍ୟ ରୋଗ ଭୋଗିପାରେ। ଉକ୍ତ ଦମ୍ପତିଙ୍କଠାରୁ ସୁସ୍ଥ ସନ୍ତାନ ଜନ୍ମ ନେବା ମଧ୍ୟ ସମ୍ଭବ। ଯେଉଁ ସନ୍ତାନଟି ଦୁଇଟିଯାକ ଗ୍ଲୋବିନ୍ ଜିନ୍‌ର ଦୋଷ ଥାଏ, ସେହି ସନ୍ତାନଟି ହିଁ ଥାଲାସିମିଆ ରୋଗର ଶିକାର ହୋଇପଡ଼େ। ଥାଲାସିମିଆକୁ ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି। ତାହା ହେଉଛି-ଥାଲାସିମିଆ ମେଜର, ଥାଲାସିମିଆ ମାଇନର ଏବଂ ଥାଲାସିମିଆ ଇଣ୍ଟରମେଡିଆ। ଥାଲାସିମିଆ ମେଜରକୁ ମଧ୍ୟ 'ବିଟା ଥାଲାସିମିଆ' ବୋଲି କହନ୍ତି। ଏହି ପ୍ରକାରଟି ସବୁଠାରୁ ବେଶି ସାଧାରଣ। ଏହି ପ୍ରକାରଟିରେ ଗ୍ଲୋବିନ୍‌ର ବିଟାଚେନ୍ ତିଆରି ବାଧାପ୍ରାପ୍ତ ହୋଇପଡ଼ିଥିବାରୁ ଜାତହୁଏ ଗୁରୁତର ରକ୍ତହୀନତା ବା ଆନିମିଆ। ସାଧାରଣ ଭାବରେ ଦେଖିଲେ ଭୂମିଷ୍ଠ ହେବା ସମୟରେ ଶିଶୁଟି ଦେଖାଯାଏ ଶେତାଳିଆ। ପରେ ପରେ ଯକୃତ ଓ ପ୍ଲୀହା ଆସ୍ତେ ଆସ୍ତେ ବଢ଼ିବାକୁ ଆରମ୍ଭ କରେ। ଯେଉଁ ରୋଗାକ୍ରାନ୍ତ ଶିଶୁମାନେ ବର୍ଷେ କି ଦୁଇ ବର୍ଷ ଭିତରେ ମୃତ୍ୟୁବରଣ ନ କରି ବଞ୍ଚିରହନ୍ତି, ସେମାନଙ୍କର ମୁଖମଣ୍ଡଳ ଗୋଲାକାର ଦେଖାଯାଏ। କପାଳ ଓ ମସ୍ତିଷ୍କର ଦୁଇ ପାଖ ହାଡ଼ ଫୁଲିଯାଏ। ବଢ଼ିଯାଏ ହନୁ ହାଡ଼। ନାକ ଦେଖାଯାଏ ଚେପ୍‌ଟା ଓ ଆଖି ଫୁଲାଫୁଲା। ଥାଲାସିମିଆ ଶିଶୁ ସ୍ୱାଭାବିକ ଭାବରେ ବିକାଶ ଲାଭ କରିପାରେନି। ତା'ଠାରେ ଅନିୟମିତ ଭାବରେ ଜ୍ୱର ହୁଏ। ଭୋକ ମରିଯାଏ। ପ୍ରକାଶ ପାଏ କାମଳ। ରୋଗୀ ଦୁର୍ବଳତା ଅନୁଭବ କରେ। ସହଜରେ ଧଇଁସଇଁ ହୋଇପଡ଼େ।

ଥାଲାସିମିଆ ରୋଗୀର କମିଯାଏ ହେମୋଗ୍ଲୋବିନ୍‌ର ମାତ୍ରା ଓ ଲୋହିତ ରକ୍ତକୋଷିକାଗୁଡ଼ିକର ସଂଖ୍ୟା। ଲୋହିତ ରକ୍ତକୋଷିକାଗୁଡ଼ିକ ଛୋଟଛୋଟ ହୋଇଯାଆନ୍ତି। ନର୍ମୋବ୍ଲାଷ୍ଟ ନାମକ ଅବିକଶିତ ଲୋହିତ ରକ୍ତକୋଷିକାଗୁଡ଼ିକର ସଂଖ୍ୟା ବଢ଼ିଯାଏ। ବଢ଼ିଯାଏ 'ଫିଟାଲ ହେମୋଗ୍ଲୋବିନ୍' ବା 'ହେମୋଗ୍ଲୋବିନ୍-ଏଫ୍'ର ମାତ୍ରା। ଏଚ୍‌ପିଏଲ୍‌ସି ନାମକ ଏକ ଅତ୍ୟାଧୁନିକ ପରୀକ୍ଷାରୁ ଥାଲାସିମିଆ ରୋଗକୁ ନିର୍ଦ୍ଦିଷ୍ଟ ଭାବରେ ନିର୍ଣ୍ଣୟ କରାଯାଇଥାଏ। ଆନୁଷଙ୍ଗିକ ପରୀକ୍ଷା ଭାବରେ କରାଯାଇପାରେ ଅସ୍ଥିମଜ୍ଜା ପରୀକ୍ଷା, ହାଡ଼ର ଏକ୍ସ-ରେ ଏବଂ ରକ୍ତରେ ଲୌହ ଓ ଫେରିଟିନ୍‌ର ମାତ୍ରା ନିର୍ଦ୍ଧାରଣ।

ଥାଲାସିମିଆ ମେଜର ବା ବିଟା ଥାଲାସିମିଆ ରୋଗୀଙ୍କୁ ବାରମ୍ବାର ରକ୍ତ ଦେବାକୁ ପଡ଼େ। ବାରମ୍ବାର ରକ୍ତ ନେବା ଫଳରେ ରୋଗୀଙ୍କ ରକ୍ତରେ ଲୌହର ପରିମାଣ ବଢ଼ିଯାଇ ତାହା ଯକୃତ୍, ହୃତ୍‌ପିଣ୍ଡ, ଅଗ୍ନ୍ୟାଶୟ ଇତ୍ୟାଦି ଅଙ୍ଗରେ ଜମିଯାଏ। ଫଳରେ ବାହାରିପାରେ ହୃଦ୍‌ରୋଗ ଓ ଡାଇବେଟିସ୍ ଇତ୍ୟାଦି ରୋଗ। ରକ୍ତରେ ଲୌହର ପରିମାଣ ସନ୍ତୁଳିତ ରଖିବା ପାଇଁ ଏବେ ବିଭିନ୍ନ ପ୍ରକାର ଔଷଧ ବଜାରରେ ଉପଲବ୍ଧ। ପ୍ଲୀହାର ଆକାର ବେଶି ବଢ଼ିଗଲେ ଓ ବାରମ୍ବାର ରକ୍ତ ନେବା ଦରକାର ପଡୁଥିଲେ ରୋଗୀର ପ୍ଲୀହାଟିକୁ କାଟି ବାହାର କରିଦିଆଯାଇଥାଏ। ଏହାବ୍ୟତୀତ ଅସ୍ଥିମଜ୍ଜା ପ୍ରତିରୋପଣ ବା ଷ୍ଟେମ୍ ସେଲ୍ ପ୍ରତିରୋପଣ ମଧ୍ୟ କରାଯାଇଥାଏ। ଥାଲାସିମିଆ ଏକ ବଂଶଗତ ରୋଗ ହୋଇଥିଲେ ମଧ୍ୟ ଏହାର ନିବାରଣ ସମ୍ଭବ। ସ୍ୱାମୀ ଓ ସ୍ତ୍ରୀ ଉଭୟ ଥାଲାସିମିଆ ଟ୍ରିଟ୍ ହୋଇଥିଲେ ଏବଂ ସ୍ତ୍ରୀ ଗର୍ଭବତୀ ହେଲେ ଗର୍ଭ ହେବାର ଅଢ଼େଇରୁ ତିନି ମାସ ଭିତରେ ଗର୍ଭସ୍ଥ ଭ୍ରୂଣଠାରୁ ରକ୍ତ ସଂଗ୍ରହ କରି କିମ୍ବା ଗର୍ଭାଶୟରୁ ସଂଗୃହୀତ ଜଳରୁ ଜୀବକୋଷ ସଂଗ୍ରହ କରି ତାହାର ଜିନ୍ ପରୀକ୍ଷା କରାଯାଇଥାଏ। ବଡ଼ ସୌଭାଗ୍ୟର କଥା ଯେ ଥାଲାସିମିଆ ରୋଗୀଙ୍କ ଚିକିତ୍ସା ପାଇଁ ବିଭିନ୍ନ ରକ୍ତ ଭଣ୍ଡାରରେ ସ୍ୱତନ୍ତ୍ର ବ୍ୟବସ୍ଥାମାନ ଉପଲବ୍ଧ। ତେବେ ଥାଲାସିମିଆ ରୋଗଟି ସମ୍ବନ୍ଧରେ ଜନସଚେତନତା ବୃଦ୍ଧିର ଆବଶ୍ୟକତା ରହିଛି। ଏ ସଂକ୍ରାନ୍ତ ତଥ୍ୟର ସଂଚାରଣ ମଧ୍ୟ ବାଞ୍ଛନୀୟ। ଏହି ରୋଗ ସଂକ୍ରାନ୍ତ ସ୍ୱାସ୍ଥ୍ୟ ଶିକ୍ଷା ରୋଗର ନିବାରଣ ଏବଂ ଚିକିତ୍ସାରେ ଯେ ଯଥେଷ୍ଟ ସହାୟକ ହୋଇପାରିବ ଏହା ନିଃସନ୍ଦେହ।

## ଯଶୁଆପୁରରେ ବିଶ୍ୱ ବାଇସାଇକେଲ ଦିବସ ପାଳିତ




**ବାଲିଅନ୍ତା,୩।୬ (ସଂଚାର ବ୍ୟୁରୋ):** ବିଶ୍ୱ ବାଇସାଇକେଲ ଦିବସ ଅବସରରେ ଭାରତ ସରକାର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ମେରା ଯୁବ ଭାରତ, ଖୋରଧା ଓ ଯଶୁଆପୁର ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ଆଜି ଯଶୁଆପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ବାଇସାଇକେଲ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି।

କାର୍ଯ୍ୟକ୍ରମ ଆରମ୍ଭରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯଶୁଆପୁର ମେଡ଼ିକାଲ ଠାରୁ ସାଇକେଲ ଶୋଭାଯାତ୍ରାରେ ବାହାରି ବିଦ୍ୟାଳୟରେ ପହଞ୍ଚିଥିଲେ। "ସାଇକେଲ ଚଳାଅ, ପରିବେଶ ବଞ୍ଚାଅ", "ସୁସ୍ଥ ଶରୀର ପାଇଁ ସାଇକେଲ" ଭଳି ସ୍ଲୋଗାନ ଦେଇ ପିଲାମାନେ ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମକୁ ବିଶିଷ୍ଟ ପରିବେଶବିତ୍ ଶ୍ରୀ ଲକ୍ଷ୍ମୀଧର ପ୍ରଧାନ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ।

ପରେ ଯଶୁଆପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଯଶୁଆପୁର ବିକାଶ ପରିଷଦର ପ୍ରତିଷ୍ଠାତା ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ "ସାଇକେଲ ବ୍ୟବହାର ଓ ଏହାର ଉପକାରିତା" ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ପ୍ରକୃତି ବନ୍ଧୁ ଶ୍ରୀ ଦୀନବନ୍ଧୁ ଭୋଇ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମିତ୍ରା ସିଂହ, ଶୈଳବାଳା ଫାଉଣ୍ଡେସନର ପ୍ରତିଷ୍ଠାତା ବେବି ନାୟକ, ବିଶିଷ୍ଟ ସମାଜସେବୀ ଶ୍ରୀ ଦୁର୍ଯ୍ୟୋଧନ ପ୍ରଧାନ, ଶ୍ରୀ ସୁରେନ୍ଦ୍ର ମାହାରୀ ଓ କାର୍ତ୍ତିକେଶ୍ୱର ବେହେରା ପ୍ରମୁଖ ଯୋଗଦେଇ ସାଇକେଲ ବ୍ୟବହାର ଦ୍ୱାରା ସ୍ୱାସ୍ଥ୍ୟ ସୁରକ୍ଷା, ପରିବେଶ ସଂରକ୍ଷଣ, ଇନ୍ଧନ ସଞ୍ଚୟ ଓ ଜଳ ସ୍ୱଚ୍ଛତା ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଶ୍ରୀ ଭୋଇ ନିଜ ବକ୍ତବ୍ୟରେ କହିଥିଲେ, "କୁଆଖାଇ-ଦୟା ନଦୀର ପ୍ରଦୂଷଣ କମାଇବାକୁ ହେଲେ ଆମକୁ ପେଟ୍ରୋଲ-ଡିଜେଲ ଗାଡି ବ୍ୟବହାର କମାଇ ସାଇକେଲକୁ ଆପଣାଇବାକୁ ପଡିବ। ସାଇକେଲ କେବଳ ଯାନ ନୁହେଁ, ଏହା ଜୀବନଶୈଳୀ।" ଏହି କାର୍ଯ୍ୟକ୍ରମରେ ପ୍ରତିମା ଭୋଇଙ୍କୁ ପରିବେଶ ଓ ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଏଲଆରସି ପଟ୍ଟା ବଣ୍ଟନରେ ଅନିୟମିତତା ଅଭିଯୋଗ, ତଦନ୍ତ ଦାବି




**ମାଲକାନଗିରି,୩।୬ (ସଂଚାର ବ୍ୟୁରୋ):** ବିଗତ ସରକାରଙ୍କ ସମୟରେ ଜମିହୀନ ପରିବାରଙ୍କୁ ଥଇଥାନ ଯୋଗାଇବା ପାଇଁ ଏଲଆରସି (ଲ୍ୟାଣ୍ଡ ରାଇଟ ସାର୍ଟିଫିକେଟ) ଯୋଜନାରେ ପଟ୍ଟା ବଣ୍ଟନ କରାଯାଇଥିଲା। ତେବେ ୨୦୨୩-୨୪ ମସିହାରେ ବଣ୍ଟନ ହୋଇଥିବା କିଛି ପଟ୍ଟାକୁ ନେଇ ଅନିୟମିତତାର ଅଭିଯୋଗ ସାମ୍ନାକୁ ଆସିଛି। ଅଭିଯୋଗ ଅନୁସାରେ, ଯୋଜନାରେ କେବଳ ଜମିହୀନ ପରିବାରଙ୍କୁ ୪୮୪ ବର୍ଗଫୁଟ ଜମିର ପଟ୍ଟା ପ୍ରଦାନ କରିବାର ନିୟମ ଥିବା ବେଳେ କିଛି ବ୍ୟକ୍ତି ନିଜସ୍ୱ ଜମି ଓ ଘର ଥାଇ ମଧ୍ୟ ପଟ୍ଟା ହାସଲ କରିଥିବା କୁହାଯାଉଛି। ଏହାସହ କିଛି ପଟ୍ଟାଧାରୀ ୪୮୪ ବର୍ଗଫୁଟ ବଦଳରେ ୨୦୦୦ ବର୍ଗଫୁଟରୁ ଅଧିକ ସରକାରୀ ଜମି ଦଖଲ କରି ଘର ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ଜିଲ୍ଲା ସଦର ମହକୁମା ଓ ପୌର ପରିଷଦ ଅଞ୍ଚଳରେ ଏପରି ଘଟଣା ଘଟୁଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ଦୃଶ୍ୟମାନ ପଦକ୍ଷେପ ନିଆଯାଇ ନଥିବାରୁ ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଘଟଣାର ତଦନ୍ତ କରି ବେଆଇନ ଦଖଲ ହୋଇଥିବା ସରକାରୀ ଜମିକୁ ମୁକ୍ତ କରିବାକୁ ଦାବି ହୋଇଛି। ଏନେଇ ମାଲକାନଗିରି ପୌର ପରିଷଦର ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକ କହିଛନ୍ତି ଯେ, ଏଲଆରସି ଯୋଜନା ବର୍ତ୍ତମାନ ବନ୍ଦ ରହିଛି। ପଟ୍ଟାଧାରୀମାନେ କେବଳ ନିର୍ଦ୍ଧାରିତ ଜମି ମଧ୍ୟରେ ଘର ନିର୍ମାଣ କରିପାରିବେ। ଏନେଇ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ରାଇଘର ପଞ୍ଚାୟତ ସମିତିର ସପ୍ତମ ବୈଠକ



**ରାଇଘର,୩।୬ (ସଂଚାର ବ୍ୟୁରୋ):** ରାଇଘର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର ଅଧ୍ୟକ୍ଷତା କରିଥିଲେ। ବ୍ଲକରେ ଚାଲିଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ବିଡ଼ିଓ ରିତୁ ସିଂ ବିବରଣୀ ପ୍ରଦାନ କରିଥିଲେ। ଏହା ସହିତ 'ବିକଶିତ ଗାଁ ବିକଶିତ ଓଡ଼ିଶା' ପ୍ରକଳ୍ପ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ବୈଠକରେ ସରପଞ୍ଚ ଓ ସମିତି ସଭ୍ୟମାନେ ନିଜ ନିଜ ପଞ୍ଚାୟତର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରି ତାଲିକା ପ୍ରଦାନ କରିଥିଲେ। ଏହି ବୈଠକରେ ରାଇଘର ଅତିରିକ୍ତ ତହସିଲଦାର, ସାଂସଦ ପ୍ରତିନିଧି ପ୍ରିତୀ ସ୍ମିଗ୍ଧା ମହାପାତ୍ର,ଏବିଡିଓ ବିଜୟ କୁମାର ସେଠୀ, ଯତୀନ୍ଦ୍ର ନାଥ ଗଣ୍ଡ, ଖଗେଶ୍ୱର ହରିଜନ,ନାନାରା ଖରା, ଏହି ବୈଠକରେ ୨୬ ଗୋଟି ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟସଭ୍ୟା ଏବଂ ବ୍ଲକର ସମସ୍ତ ଅଧିକାର ମାନେ ଯୋଗ ଦେଇଥିଲେ।ସେମାନେ ପାନୀୟ ଜଳ ଯୋଗାଣ,ପରିମଳ, ଗ୍ରାମ୍ୟ ସଡକ, ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସଫଳ ରୂପାୟନ, ସ୍ୱାସ୍ଥ୍ୟ, ବିଦ୍ୟୁତ, ଶିକ୍ଷା, କୃଷି, ଅନ୍ତୋଦୟ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା ଯୋଜନା, କେନ୍ଦ୍ର ଓ ରାଜ୍ୟ ଅର୍ଥ କମିଶନର ବିନିଯୋଗ, ସମାଜ କଲ୍ୟାଣ ଯୋଜନା, ଗ୍ରାମ୍ୟ ଉନ୍ନୟନ ଯୋଜନା, ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ସମୂହ ଯୋଜନା, ଗୋପବନ୍ଧୁ ଗ୍ରାମୀଣ ଯୋଜନା ସମେତ ଅନ୍ୟାନ୍ୟ ଗ୍ରାମୀଣ ଯୋଜନା ଗୁଡିକୁ ନେଇ ଲାଗି ରହିଥିବା ସମସ୍ୟା ସମାଧାନ ଦାବୀ କରିଛନ୍ତି।

## ବାଲିମେଳାରେ ବିଶ୍ୱ ସାଇକେଲ ଦିବସ ପାଳିତ

**ମାଲକାନଗିରି,୩।୬ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ବାଲିମେଳା ସହର ସ୍ଥିତ ଡ୍ରଗ ଲାଇନ ପ୍ରଥମ କଲୋନୀ ରେ ଥିବା କାଞ୍ଚନ ଜ୍ଞାନପୀଠ ଇନଷ୍ଟିଚ୍ୟୁଟରେ ଆଜି ମୋ ଭାରତ ଯୁବ ଭାରତ ପକ୍ଷରୁ ବିଶ୍ୱ ସାଇକେଲ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଏକ ସାଧାରଣ ସଭା ଆୟୋଜନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରତିନିଧି ଇସାକ୍ ଖୋସଲା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୋମନାଥପୁର ସିଆରସିସି କିଶୋର ଖୋସଲା, ସମାଜସେବୀ ମୁକୁନ୍ଦ ମାଡକାମୀ, ପୂର୍ବତନ ଉପ ନଗରପାଳ ଟୁକୁଲୁ ପ୍ରଧାନ, ଅଧ୍ୟାପକ ସୁବ୍ରତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସାଇକେଲ ଚଳାଇବା ଦ୍ୱାରା ଆମ ଶରୀରର କଣ ସବୁ ଉପକାର ହୁଏ ସେନେଇ ଉପସ୍ଥିତ ଅତିଥି ମାନେ ନିଜ ନିଜର ବକ୍ତବ୍ୟ ରଖିବା ସହ ଦୈନନ୍ଦିନ ଜୀବନରେ ସାଇକେଲର ଭୂମିକା କିପରି ଗୁରୁତ୍ୱପୂର୍ଣ୍ଣ ତାହା ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ କହିଥିଲେ। ଏହି ଅବସରରେ ଏକ ସାଇକେଲ ମାରାଥନ ଅନୁଷ୍ଠିତ ହୋଇଥିଲା। ଇନଷ୍ଟିଚ୍ୟୁଟରେ ପାଠ ପଢୁଥିବା ଛାତ୍ରଛାତ୍ରୀ ମାନେ ସାଇକେଲରେ ସହର ପରିକ୍ରମା କରିଥିଲେ। ବିକେପୁର ଯୁବକ ସଙ୍ଘ ର ସଭାପତି ଜଗନ୍ନାଥ ହନ୍ତାଳ ଙ୍କ ସହଯୋଗ କ୍ରମେ ଏହି କାର୍ଯ୍ୟକ୍ରମ ଟି ଆୟୋଜନ ହୋଇଥିଲା।

# ସମ୍‌ରେ ବିଶ୍ୱ ଜରୁରୀକାଳୀନ ଔଷଧ ଦିବସ-୨୦୨୬ ପାଳିତ




**ଭୁବନେଶ୍ୱର,୩।୬ (ସଂଚାର ବ୍ୟୁରୋ):** ମଣିଷର ଜୀବନ ରକ୍ଷା ଏବଂ ଅକ୍ଷମତା ହ୍ରାସ କରିବାରେ ଜରୁରୀକାଳୀନ ଚିକିତ୍ସା ସେବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ସଚେତନତା ସୃଷ୍ଟି କରିବା ନିମନ୍ତେ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲର ଜରୁରୀକାଳୀନ ସେବା ବିଭାଗ ପକ୍ଷରୁ ମେ ୩୦ ତାରିଖ ଦିନ ବିଶ୍ୱ ଜରୁରୀକାଳୀନ ଔଷଧ ଦିବସ ପାଳିତ ହୋଇଯାଇଛି।

ବିଶ୍ୱ ଜରୁରୀକାଳୀନ ଔଷଧ ଦିବସ ୨୦୨୬ର ବିଷୟବସ୍ତୁ ରହିଥିଲା 'ଜରୁରୀକାଳୀନ ଚିକିତ୍ସକ ଓ କର୍ମଚାରୀଙ୍କ ପାଇଁ ଏକ ସୁରକ୍ଷିତ ବ୍ୟବସ୍ଥା।' ଏହି ବିଷୟବସ୍ତୁ କାର୍ଯ୍ୟକ୍ଷେତ୍ରରେ ହିଂସା, ଭିଡ଼, ଜରୁରୀ ବିଭାଗରେ ଆତଙ୍କ, କର୍ମଚାରୀ ଅଭାବ, ମାନସିକ ଚାପ ଏବଂ ଜରୁରୀକାଳୀନ ଯତ୍ନ ନେଉଥିବା କର୍ମଚାରୀ ସମ୍ମୁଖୀନ ହେଉଥିବା ବୃତ୍ତିଗତ ବିପଦ ସମ୍ପର୍କରେ ବଢୁଥିବା ଚିନ୍ତା ପ୍ରତି ଧ୍ୟାନ ଆକର୍ଷଣ କରେ। ଏହି ବିଷୟବସ୍ତୁକୁ ଭିତି କରି ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ ଓ ୟୁରୋପିଆନ୍ ସୋସାଇଟି ଫର୍ ଏମରଜେନ୍ସି ମେଡିସିନ୍ ଆଣ୍ଡ ଶ୍ରୀଲଙ୍କା କଲେଜ୍ ଅଫ୍ ଏମରଜେନ୍ସି ଫିଜିସିଆନ୍ସର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଜରୁରୀକାଳୀନ ଔଷଧ ବିଭାଗ ପୂର୍ବ ଭାରତରେ ଜରୁରୀକାଳୀନ ଯତ୍ନ ପାଇଁ ଏକ ପ୍ରମୁଖ କେନ୍ଦ୍ର। ଏକ ଉନ୍ନତ ସେବା ଦେଉଥିବା ଶିକ୍ଷାଗତ ପ୍ରତିଷ୍ଠାନ ଭାବରେ ବିଭାଗଟି ବ୍ୟାପକ, ୨୪- ଘଣ୍ଟିଆ ଜରୁରୀକାଳୀନ ସେବା ପ୍ରଦାନ କରେ ଏବଂ ବିଭିନ୍ନ ପ୍ରକାରର ଚିକିତ୍ସା ପରିସ୍ଥିତି ସହିତ ଉପସ୍ଥିତ ରୋଗୀଙ୍କ ପାଇଁ ପ୍ରଥମ ଯୋଗାଯୋଗ କେନ୍ଦ୍ର ଭାବରେ କାର୍ଯ୍ୟ କରେ। ବିଭାଗଟି ମେଡ଼ିସିନ ଚିକିତ୍ସା, ଶଲ୍ୟଚିକିତ୍ସା, ଆଘାତ, ଶିଶୁ, ପ୍ରସୂତି, ହୃଦ, ସ୍ନାୟୁ ଏବଂ ଗୁରୁତର କ୍ରିଟିକାଲ ସେବା ସମେତ ବିଭିନ୍ନ ଜରୁରୀକାଳୀନ ଚିକିତ୍ସା ପରିଚାଳନା କରିଥାଏ ଯାହା ଦ୍ରୁତ ମୂଲ୍ୟାଙ୍କନ, ସ୍ଥିରୀକରଣ ଏବଂ ନିର୍ଣ୍ଣାୟକ ପରିଚାଳନା ସୁନିଶ୍ଚିତ କରେ।

ଆଧୁନିକ ଭିତିଭୂମି, ଉନ୍ନତ ମନିଟରିଂ ସିଷ୍ଟମ, ପଏଂଟ୍-ଅଫ୍-କେୟାର ଡାଇଗ୍ନୋଷ୍ଟିକ୍ସ, ଜରୁରୀକାଳୀନ ଅଲ୍ଟ୍ରାସାଉଣ୍ଡ ସୁବିଧା ଏବଂ ଏକ ଉଚ୍ଚ ଦକ୍ଷ ବହୁବିଧ ଦଳ ସହିତ ସଜ୍ଜିତ ବିଭାଗ ସମୟୋଚିତ, ପ୍ରମାଣ-ଭିତିକ ଏବଂ ରୋଗୀ-କୈନ୍ଦ୍ରିକ ଚିକିତ୍ସା ପ୍ରଦାନ କରିବାକୁ ପ୍ରତିବଦ୍ଧ। ବିଭିନ୍ନ ବିଶେଷଜ୍ଞ ଏବଂ ସୁପର-ସ୍ପେଶାଲିଟି ବିଭାଗ ସହିତ ଘନିଷ୍ଠ ସହଯୋଗରେ କାର୍ଯ୍ୟ କରି ଏହି ବିଭାଗ କ୍ଲିନିକାଲ୍ ଉତ୍କର୍ଷତା ଏବଂ ରୋଗୀ ସୁରକ୍ଷାର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖି ଗୁରୁତର ଅସୁସ୍ଥ ଏବଂ ଆହତ ରୋଗୀଙ୍କ ଚିକିତ୍ସା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

କ୍ଲିନିକାଲ୍ ଦାୟିତ୍ୱ ବ୍ୟତୀତ ଏହି ବିଭାଗ ଶିକ୍ଷାଗତ କାର୍ଯ୍ୟକଳାପ ଏବଂ ଦକ୍ଷତା ବିକାଶରେ ଗଭୀର ଭାବେ ନିୟୋଜିତ। ଏହା ସଂରଚିତ ଶିକ୍ଷାଦାନ କାର୍ଯ୍ୟକ୍ରମ, ଶଯ୍ୟାପାର୍ଶ୍ୱ ତାଲିମ, ସିମୁଲେସନ୍-ଆଧାରିତ ଶିକ୍ଷା ଏବଂ ନିରନ୍ତର ଡାକ୍ତରୀ ଶିକ୍ଷା ପଦକ୍ଷେପ ମାଧ୍ୟମରେ ସ୍ନାତକ ଏବଂ ସ୍ନାତକୋତର ଡାକ୍ତରୀ ଶିକ୍ଷାକୁ ସକ୍ରିୟ ଭାବରେ ପ୍ରୋତ୍ସାହିତ କରେ। ବିଭାଗ ନିୟମିତ ଭାବରେ ସ୍ୱାସ୍ଥ୍ୟସେବା ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଜରୁରୀକାଳୀନ ପ୍ରକ୍ରିୟା ଉପରେ କର୍ମଶାଳା ମଧ୍ୟ ଆୟୋଜନ କରେ। କାର୍ଯ୍ୟକ୍ରମରେ ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟବିଜ୍ଞାନ) ପ୍ରଫେସର (ଡାକ୍ତର) ଅଶୋକ ମହାପାତ୍ର, ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର (ଡାକ୍ତର) ସଙ୍ଘମିତ୍ରା ମିଶ୍ର, ମେଡିକାଲ୍ ଅଧୀକ୍ଷକ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଓ ବିଭାଗୀୟ ମୁଖ୍ୟ ପ୍ରଫେସର ଶୁକଦେବ ନାୟକ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ଜରୁରୀକାଳୀନ ସେବା ଓ ଔଷଧର ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## ଅଗ୍ନିକାଣ୍ଡରେ ଜଗମୋନୀ ହରିଜନଙ୍କ ଘର ଭସ୍ମୀଭୂତ



**ନବରଙ୍ଗପୁର,ଉମରକୋଟ,୩।୬ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ସୁନାବେଡା ପଞ୍ଚାୟତରେ ଘଟିଥିବା ଏକ ଦୁଃଖଦ ଅଗ୍ନିକାଣ୍ଡରେ ଜଣେ ଗରିବ ପରିବାର ସର୍ବସ୍ୱ ହରାଇ ନିରାଶ୍ରୟ ହୋଇପଡ଼ିଛନ୍ତି। ଚୁଲିର ନିଆଁରୁ ଘଟିଥିବା ବୋଲି ସନ୍ଦେହ କରାଯାଉଥିବା ଏହି ଅଗ୍ନିକାଣ୍ଡରେ ଘର ସହ ସମସ୍ତ ଆସବାବପତ୍ର, ବାସନକୁସନ ଓ ଘରୋଇ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି।

ସୂଚନା ଅନୁଯାୟୀ, ସୁନାବେଡା ଗ୍ରାମର ୬ ନମ୍ବର ୱାର୍ଡରେ ବସବାସ କରୁଥିବା ଜଗମୋନୀ ହରିଜନଙ୍କ ପରିବାର ସୋମବାର ରାତିରେ ଖାଇପିଇ ସାରି ଘର ବାହାରେ ଶୋଇଥିଲେ। ରାତି ପ୍ରାୟ ୨ଟା ସମୟରେ ଘର ଭିତରୁ ଧୂଆଁ ବାହାରୁଥିବା ଦେଖି ପଡ଼ୋଶୀମାନେ ପରିବାର ଲୋକଙ୍କୁ ସଚେତନ କରିଥିଲେ।

ଖବର ପାଇ ପରିବାର ଲୋକ ଏବଂ ସାହି ପଡ଼ିଶାର ଲୋକମାନେ ମିଳି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ତେବେ ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ଏହାକୁ ନିୟନ୍ତ୍ରଣ କରିବା ପୂର୍ବରୁ ସମ୍ପୂର୍ଣ୍ଣ ଘର ଏବଂ ଘରେ ଥିବା ସମସ୍ତ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଥିଲା। ଅଗ୍ନିକାଣ୍ଡ ପରେ ଜଗମୋନୀ ହରିଜନଙ୍କ ୮ ସଦସ୍ୟ ବିଶିଷ୍ଟ ପରିବାର ଗଭୀର ସଙ୍କଟରେ ପଡ଼ିଛନ୍ତି। ପରିବାରରେ ସ୍ୱାମୀ-ସ୍ତ୍ରୀଙ୍କ ସହ ୪ ପୁଅ ଓ ୨ ଝିଅ ରହିଛନ୍ତି। ବର୍ତ୍ତମାନ ସେମାନେ ପଡ଼ୋଶୀଙ୍କ ଘରେ ଆଶ୍ରୟ ନେଇଥିବା ବେଳେ ଆଗାମୀ ବର୍ଷା ଋତୁକୁ ନେଇ ଚିନ୍ତା ବଢ଼ିଯାଇଛି।

ଜଗମୋନୀ ହରିଜନଙ୍କ ପରିବାର ଆର୍ଥିକ ଦୃଷ୍ଟିରୁ ଅତ୍ୟନ୍ତ ଦୁର୍ବଳ। ସରକାରୀ ସହାୟତା ଭାବେ କେବଳ ପିଡିଏସ ଚାଉଳ ପାଉଥିବା ବେଳେ, ତାଙ୍କ ସ୍ୱାମୀ ଜଣେ ମହୁରୀଆ ଭାବେ କାମ କରି ପରିବାର ପ୍ରତିପୋଷଣ କରନ୍ତି। ଏପରି ସ୍ଥିତିରେ ଘର ଓ ସମସ୍ତ ସମ୍ପତ୍ତି ନଷ୍ଟ ହୋଇଯିବା ଫଳରେ ପରିବାର ଜୀବନଯାପନ ନେଇ ଚିନ୍ତାରେ ପଡ଼ିଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ୱାର୍ଡବାସୀ ଓ ଗ୍ରାମବାସୀମାନେ ପ୍ରଶାସନଙ୍କୁ ତୁରନ୍ତ ରିଲିଫ୍ ସହାୟତା ପ୍ରଦାନ କରିବା ସହିତ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଏକ ପକ୍କା ଘର ଯୋଗାଇ ଦେବାକୁ ଦାବି କରିଛନ୍ତି।

## ଦିଶା ବୈଠକରେ କେନ୍ଦ୍ରୀୟ ଯୋଜନାର ଅଗ୍ରଗତି ସମୀକ୍ଷା




**କେନ୍ଦ୍ରାପଡ଼ା,୩।୬ (ସଂଚାର ବ୍ୟୁରୋ):** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସାଂସଦ ବୈଜୟନ୍ତ ଜୟ ପଣ୍ଡାଙ୍କ ଅଧ୍ୟକ୍ଷତାରେ ୫ମ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି (ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦ୍ରୀୟ ପ୍ରାୟୋଜିତ ବିଭିନ୍ନ ଯୋଜନାର ଅଗ୍ରଗତି, ପାଣ୍ଠି ବିନିଯୋଗ ଏବଂ କ୍ଷେତ୍ରସ୍ତରରେ କାର୍ଯ୍ୟାନ୍ୱୟନର ସ୍ଥିତି ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ବୈଠକରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ତଥା କେନ୍ଦ୍ରାପଡ଼ା ଯୋଜନା ବୋର୍ଡ ଅଧ୍ୟକ୍ଷ ଡ. ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, ଜିଲ୍ଲାପାଳ ରଘୁରାମ ଆର. ଆୟର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନାଙ୍କ ସମେତ ବିଭିନ୍ନ ବ୍ଲକର ଅଧ୍ୟକ୍ଷ ଓ ଅଧ୍ୟକ୍ଷା, ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା, ସରପଞ୍ଚ ସମିତି ସଭ୍ୟ ଏବଂ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ ।

ପ୍ରାରମ୍ଭରେ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା । ଜିଲ୍ଲାପାଳ ଶ୍ରୀ ଆୟର ସମସ୍ତ ଅତିଥି ଓ ସଦସ୍ୟଙ୍କୁ ସ୍ୱାଗତ ଜଣାଇବା ସହ ପୂର୍ବରୁ ଦିଶା ବୈଠକରେ ନିଆଯାଇଥିବା ନିଷ୍ପତି ଗୁଡ଼ିକର କାର୍ଯ୍ୟାନ୍ୱୟନ ଓ ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ । ବୈଠକରେ 'ବେଟି ବଞ୍ଚାଓ, ବେଟି ପଢ଼ାଓ' ଏବଂ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା । ରାଜନଗର ଓ ମହାକାଳପଡା ଅଞ୍ଚଳରେ ବାଲ୍ୟ ବିବାହ ନିରାକରଣ ପାଇଁ ଗ୍ରହଣ କରାଯାଉଥିବା ସଚେତନତାମୂଳକ ପଦକ୍ଷେପ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ବିଦ୍ୟାଳୟସ୍ତରରେ ସ୍ୱାସ୍ଥ୍ୟ ବିଭାଗ, ଶିଶୁ ସୁରକ୍ଷା ବିଭାଗ, ଅଙ୍ଗନୱାଡ଼ି କର୍ମୀ ଏବଂ ଆଶା କର୍ମୀଙ୍କ ସମନ୍ୱୟରେ ନିୟମିତ ସଚେତନତା କାର୍ଯ୍ୟକ୍ରମ ପରିଚାଳିତ ହେଉଥିବା ନେଇ ଜିଲ୍ଲାପାଳ ସୂଚନା ପ୍ରଦାନ କରିଥିଲେ । ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ଭିତ୍ତିଭୂମି ବିକାଶ, ବିଦ୍ୟୁତ ସଂଯୋଗ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଉନ୍ନତମାନର ପୁଷ୍ଟିକର ଖାଦ୍ୟ ବଣ୍ଟନ ଏବଂ ଶୌଚାଳୟ ସୁବିଧା ସୁନିଶ୍ଚିତ କରିବା ଦିଗରେ ଅଧିକ ଗୁରୁତ୍ୱ ଦେବାକୁ ସାଂସଦ ନିର୍ଦ୍ଦେଶ ଦେଇଥିଲେ । ସମ୍ପୂର୍ଣ୍ଣ ହୋଇଥିବା ଅଙ୍ଗନବାଡି କେନ୍ଦ୍ରଗୁଡ଼ିକରେ ମୌଳିକ ସୁବିଧା ଉପଲବ୍ଧତା ସୁନିଶ୍ଚିତ କରିବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ । ଏହା ବ୍ୟତୀତ ଗ୍ରାମ୍ୟ ସଡ଼କ ମରାମତି, ମେଗା ପାନୀୟ ଜଳ ପ୍ରକଳ୍ପ, ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସରକାରୀ ସୁବିଧା ପ୍ରଦାନ, 'ଲକ୍ଷପତି ଦିଦି' କାର୍ଯ୍ୟକ୍ରମ, ଅନ୍ତ୍ୟୋଦୟ ଯୋଜନା ଓ ଅନ୍ୟାନ୍ୟ ଜନକଲ୍ୟାଣମୂଳକ ଯୋଜନାର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା ଓ ସମୀକ୍ଷା କରାଯାଇଥିଲା । ସାଂସଦ କେନ୍ଦ୍ରୀୟ ଅନୁଦାନର ସୁବିନିଯୋଗ ଏବଂ ଯୋଜନାଗୁଡ଼ିକର ଫଳପ୍ରଦ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିବା ସହ ଉନ୍ନୟନମୂଳକ କାର୍ଯ୍ୟରେ ସ୍ଥାନୀୟ ଜନପ୍ରତିନିଧିମାନଙ୍କ ସକ୍ରିୟ ସହଭାଗିତା ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ ।

## ମହିଳା ବିଜୁ ଜନତା ଦଳ ତରଫରୁ ମହିଳା ଅଧିକାର ଓ ବିଜେପି ସରକାର ବିରୁଦ୍ଧରେ ଆନ୍ଦୋଳନ



**ଫୁଲବାଣୀ,୩।୬ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ମହିଳା ବିଜୁଜନତା ଦଳ ତରଫରୁ ଆଜି ସ୍ଥାନୀୟ ଫୁଲବାଣୀ ମୁଖ୍ୟ ବଜାର ତଥା ବିଜୁପଟ୍ଟନାୟକ ଛକଠାରୁ ଜିଲ୍ଲା ସଭାନେତ୍ରୀ ପୁନମ୍ କହଁରଙ୍କ ନେତୃତ୍ୱରେ ଫୁଲବାଣୀ ବିଧାନସଭା ନିର୍ବାଚନ ମଣ୍ଡଳୀ ତରଫରୁ ହଜାର ହଜାର ସଂଖ୍ୟାରେ ମହିଳା ମାନେ ହାତରେ ଫ୍ଲାଗ କାଡ ଓ ବିଜେଡ଼ି ପତାକା ଧରି ନବୀନ ପଟ୍ଟନାୟକ ଜିନ୍ଦାବାଦ, ଓ ବିଜୁ ପଟ୍ଟନାୟକ ଅମର୍ ରହେ ନାରା ଦେଇ ବିଜୁପଟ୍ଟନାୟକ ଛକଠାରୁ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସେଠାରେ ଭାରତର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଓଡ଼ିଶାରେ କିଭଳି ଭାବରେ ନାରୀ ଅସୁରକ୍ଷିତ, ନିର୍ଯ୍ୟାତିତ, ପ୍ରତିଦିନ ନାରୀକୁ ଧର୍ଷଣ, କରାଯାଉଅଛି ଏହିସବୁ ବିଷୟରେ ନାରୀଙ୍କୁ ସୁରକ୍ଷା ଦେବାରେ ଚଳିତ ବିଜେପି ସରକାର ବିଫଳ ହୋଇଛି ତାହାକୁ ବିରୋଧ କରି ଆଜି କନ୍ଧମାଳ ଜିଲ୍ଲାର ମହିଳାମାନେ ରାଜରାସ୍ତା କୁ ଓହ୍ଲାଇ ସରକାରଙ୍କ ବିରୁଦ୍ଧରେ ଗର୍ଜିଥିଲେ ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ପଦ୍ମନାଭ ବେହେରା ଯୋଗଦେଇ ଚଳିତ ବିଜେପି ସରକାର ଲୋକଙ୍କ ପାଇଁ କିଛି କରିନାହାନ୍ତି ଖାଲି ରଙ୍ଗ ମାରିବାରେ ବ୍ୟସ୍ତଥିବା କଥାକହି ପୂର୍ବର ନବୀନ ସରକାର କରିଥିବା ଯୋଜନାକୁ କପି କରୁଛନ୍ତି । ଏହି ପରିକି ଆଜିଯାଏଁ ତିନି ମାସ ହେଲା ବୁଢାବୁଢିଙ୍କୁ ଭତ୍ତାମଧ୍ୟ ଦେଇପାରିନାହାଁନ୍ତି। ମହିଳା ସଭାନେତ୍ରୀ ଶ୍ରୀ ମତୀ କହଁର ସରକାର ବିଭିନ୍ନ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କୌଣସି ଗୋଟିଏ ମଧ୍ୟ ପ୍ରତିଶ୍ରୁତିପୁରାଣ କରିନାହାନ୍ତି । ନିର୍ବାଚନ ବେଳେ ଇସ୍ତାହାରରେ ଦେଇଥିବା ସମସ୍ତଙ୍କୁ ତିନି ଶହ ୟୁନିଟ୍ ବିଜୁଳି ଫ୍ରୀ ତାହା ମଧ୍ୟ କରି ନାହାନ୍ତି ।ସମସ୍ତ ସରକାରୀ କର୍ମଚାରୀ ଙ୍କୁ ତିନିମାସ ହେଲା ନିଜର ବେତନ ମଧ୍ୟ ପାଇପାରୁ ନାହାନ୍ତି । ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ବିଷ୍ଣୁ ପ୍ରିୟ ବେହେରା କହିଲେ କେ କନ୍ଧମାଳ ଜିଲ୍ଲା ଓ ସାର ଓଡ଼ିଶାର ମା ମାନେ ଏହି ସରକାରଙ୍କୁ ଗାଦିଚ୍ୟୁତ କରିବା ପାଇଁ ଅଣ୍ଟା ଭିଡିଥିବ କଥା କହିଥିଲେ ।

## ଚୋରା କାଠ ବେପାରୀଙ୍କ ଭୂସ୍ୱର୍ଗ ପାଲଟିଛି କୁଲଡ଼ିହା ଅଭୟାରଣ୍ୟ



**ନୀଳଗିରି,୩।୬ (ସଂଚାର ବ୍ୟୁରୋ):** ଏବେ ଚୋରା କାଠ ବେପାରୀଙ୍କ ଲଲୁପ ଦୃଷ୍ଟି ପଡିଛି କୁଲଡ଼ିହା ଅଭୟାରଣ୍ୟ ଉପରେ। ଅତି ଚତୁରତାର ସହ କାଠ ବେପାରୀମାନେ ବଡ଼ ବଡ଼ ମୂଲ୍ୟବାନ ଗଛ କାଟି ନେଉଥିବା ବେଳେ ଗଣ୍ଡି ଗୁଡ଼ିକ ଉପରେ ଡାଳ ପତ୍ର ପକାଇ ଲୁଚାଇ ରଖିଥିବାର ଦେଖିବାକୁ ମିଳିଛି। ସମୟ ସୁଯୋଗ ପାଇଲେ ରାତା ରାତି ସେଗୁଡ଼ିକୁ ଚାଲାଣ କରିଥାନ୍ତି। ଏପରି ଏକ ଦୃଶ୍ୟ କୁଲଡ଼ିହା ଅଭୟାରଣ୍ୟ ବାଲିଆନାଳ ବିଟ୍ ହାଉସ୍ ରୁ ଅଳ୍ପ ଦୂରରେ ଏହି ସବୁ ମୂଲ୍ୟବାନ ଗଛ କଟା ଯାଇଥିବାର ଦେଖିବାକୁ ମିଳିଛି। ବନ ବିଭାଗର କର୍ମଚାରୀମାନେ ଦିନ ରାତି ସଜାଗ ରହୁଥିବା ବେଳେ କିପରି ଜାଣି ପାରୁନାହାନ୍ତି, ତାହା ଏବେ ସନ୍ଦେହ ଘେରରେ। ବାଲେଶ୍ୱର ଡି ଏଫ୍ ଓ ଏଥିପ୍ରତି ଦୃଷ୍ଟି ଦେବା ସହ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ଗ୍ରାମରକ୍ଷୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଦାବିପତ୍ର ପ୍ରଦାନ



**ଢେଙ୍କାନାଳ,୩।୬ (ସଂଚାର ବ୍ୟୁରୋ):** ଆଜି ଢେଙ୍କାନାଳ ଜିଲ୍ଲା ଗ୍ରାମରକ୍ଷୀ ସଂଘ ପକ୍ଷରୁ ଗ୍ରାମରକ୍ଷୀମାନଙ୍କ ବିଭିନ୍ନ ଦାବି ଓ ସମସ୍ୟା ସମାଧାନ ନେଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ସଦସ୍ୟମାନେ ଏକତ୍ରିତ ହୋଇ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ପହଞ୍ଚି ଏହି ଦାବିପତ୍ର ଦେଇଥିଲେ।

ଦାବିପତ୍ର ମାଧ୍ୟମରେ ଗ୍ରାମରକ୍ଷୀମାନେ ସେମାନଙ୍କର ଦୀର୍ଘଦିନର ସମସ୍ୟା ଓ କାର୍ଯ୍ୟକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। ବିଶେଷ କରି ସେମାନଙ୍କର ମାସିକ ଭତ୍ତା ବୃଦ୍ଧି, କାର୍ଯ୍ୟର ସ୍ଥାୟୀକରଣ, ସାମାଜିକ ସୁରକ୍ଷା ବ୍ୟବସ୍ଥା, ଅବସରକାଳୀନ ସୁବିଧା, ଚିକିତ୍ସା ସହାୟତା ଏବଂ କାର୍ଯ୍ୟ ସମୟରେ ଆବଶ୍ୟକ ଉପକରଣ ଯୋଗାଣ ଭଳି ପ୍ରମୁଖ ଦାବିଗୁଡ଼ିକ ଉଠାଇଥିଲେ।

ଗ୍ରାମରକ୍ଷୀମାନଙ୍କ କହିବା ଅନୁଯାୟୀ, ସେମାନେ ଗ୍ରାମାଞ୍ଚଳରେ ଆଇନ-ଶୃଙ୍ଖଳା ରକ୍ଷା, ଅପରାଧ ନିୟନ୍ତ୍ରଣ, ପୋଲିସକୁ ସୂଚନା ପ୍ରଦାନ ଓ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ସହଯୋଗ କରୁଥିବା ସତ୍ତ୍ୱେ ସେମାନଙ୍କ ପାଇଁ ଯଥେଷ୍ଟ ସୁବିଧା ଉପଲବ୍ଧ ହେଉନାହିଁ। ଫଳରେ ସେମାନେ ବିଭିନ୍ନ ଆର୍ଥିକ ଓ ସାମାଜିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ସଂଘର କର୍ମକର୍ତ୍ତାମାନେ କହିଥିଲେ ଯେ, ଗ୍ରାମରକ୍ଷୀମାନେ ପୋଲିସ ବିଭାଗର ତୃଣମୂଳ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛନ୍ତି। ତେଣୁ ସେମାନଙ୍କ ଦାବିଗୁଡ଼ିକୁ ସରକାର ଏବଂ ପ୍ରଶାସନ ଗୁରୁତ୍ୱର ସହ ବିଚାର କରି ଶୀଘ୍ର ସମାଧାନ କରିବା ଆବଶ୍ୟକ।

ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦାବିପତ୍ର ଗ୍ରହଣ କରି ସମ୍ପୃକ୍ତ ବିଷୟଗୁଡ଼ିକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣିବା ସହ ଯଥାସମ୍ଭବ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶ୍ୱାସନ ଦେଇଥିବା ଜଣାପଡ଼ିଛି।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଗ୍ରାମରକ୍ଷୀ ସଂଘର ବହୁ ସଦସ୍ୟ ଏବଂ କର୍ମକର୍ତ୍ତା ଉପସ୍ଥିତ ରହି ନିଜ ନିଜ ଦାବି ସମ୍ପର୍କରେ ମତ ରଖିଥିଲେ। ସେମାନେ ଦାବି କରିଛନ୍ତି ଯେ, ଯଦି ସେମାନଙ୍କ ସମସ୍ୟାର ସମାଧାନ ନ ହୁଏ, ତେବେ ଆଗାମୀ ଦିନରେ ସଂଘ ପକ୍ଷରୁ ବୃହତ୍ତର ଆନ୍ଦୋଳନ ଗ୍ରହଣ କରାଯିବ।

# ୧ କୋଟି ୮୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ,୪ ଗିରଫ




**ଫୁଲବାଣୀ,୩।୬ (ସଂଚାର ବ୍ୟୁରୋ):** କନ୍ଧମାଳ ପୋଲିସ୍ କୁ ମିଳିଛି ବଡ ସଫଳତା । କନ୍ଧମାଳ ପୋଲିସ ସମ୍ପୂର୍ଣ୍ଣ ମାଓ ଦମନ ପରେ ବେଆଇନ ନିଶାଦ୍ରବ୍ୟ ଚାଲାଣ ବିରୋଧରେ ତା'ର ତୀବ୍ର ଅଭିଯାନ ଅଭିଯାନ ଜାରି ରଖିଛି । ତା ୨୭.୦୫.୨୦୨୬ ରୁ ୦୩.୦୬.୨୦୨୬ ପର୍ଯ୍ୟନ୍ତ ସପ୍ତାହ ମଧ୍ୟରେ, ପାଞ୍ଚଟି NDPS ମାମଲାରେ ମୋଟ ୧୮୦୯ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇ ଚାରି ଜଣ ବେଆଇନ ଗଞ୍ଜେଇ ଚୋରା ଚାଲାଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ବେଆଇନ ଗଞ୍ଜେଇ ଚୋରା ଚାଲାଣ ରେ ବ୍ୟବହୃତ ଗୋଟିଏ ୧୪ ଚକିଆ ଟ୍ରକ୍ ଓ ୪ ଟି ଚାରି ଚକିଆ କାର ପାଞ୍ଚଟି ଯାନ ପୋଲିସ୍ ଚଢାଉ କରି ଜବତ କରିଛି। ତତ୍ ସହିତ ଚୋରାଚାଲାଣ ହେଉଥିବା ୧୮୦୯ କେଜି ଅର୍ଥାତ୍ ୧ ଟନ୍ ୮୦ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଛି ଯାହାର ଆନ୍ତର୍ଜାତୀୟ ବଜାର ମୂଲ୍ୟ ୧ କୋଟି ୮୦ ଲକ୍ଷ । ପୋଲିସ୍ ଜବତ କରି ଉଲ୍ଲେଖନୀୟ ସଫଳତା ହାସଲ କରିଛି।

ସୂଚନା ଯୋଗ୍ୟ ଫିରିଙ୍ଗିଆ ଥାନା ପୋଲିସ୍ ତା ୨୮/୬/୨୦୨୬ ରିଖ ରେ ଚଢାଉ କରି ୧ କାର ରେ ଚାଲାଣ ହେଉଥିବା ୨୧ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ କରି ଥାନା କେସ ନଂ ୧୧୦/୨୬ ଦଫା ଏନ୍ ଡି ପି ଏସ୍ ଦଫା ରୁଜୁ କରି ବିହାର ରାଜ୍ୟର ରାଜନିଶ କୁମାର ସିଂ ୨୮ କୁ ଗିରଫ କରିଛି। ୩୦/୬ ତାରିଖ ରେ ଏକ ପିକପ୍ ଭେନ୍ ରେ ୧୬୬ କେଜି ୨୦୦ ଗ୍ରାମ ଗଞ୍ଜେଇ ଚାଲାଣ ହେଉଥିବା ପୋଲିସ୍ ଜବତ କରି କେସ ନଂ ୧୧୨/୨୬ ଏକ ମାମଲା ରୁଜୁ କରି ଗୋଟିଏ ଭ୍ୟାନ୍ ଜବତ କରିବା ସହ ଅନୁଗୁଳ ଜିଲ୍ଲାର ସୁଜିତ୍ ଦେହୁରୀ କୁ ଗିରଫ କରିଛି। ସେହିପରି ସଦର ଥାନା ପୋଲିସ୍ ତା ୧/୬ ରିଖ ଦିନ ଏକ ଟାଟା ମେଜିକ୍ ଗାଡ଼ିରେ ଚାଲାଣ ହେଉଥିବା ୮୦୦ କେଜି ୮୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଗୋଟିଏ ଟାଟା ମେଜିକ ଗାଡ଼ି ଜବତ କରିବା ସହ କେସ ନଂ ୧୧୨/୬ ରେ ଏକ ମାମଲା ରୁଜୁ କରି କନ୍ଧମାଳ ଜିଲ୍ଲାର ବିପିନା କହଁର ୩୪ କୁ ଗିରଫ କରିଛି। ବାଲିଗୁଡା ଥାନା ପୋଲିସ୍ ତା ୧/୬/୨୬ ରିଖ ଦିନ ଏକ ମାରୁତି ସୁଇଫ୍ଟ ଡିଜାର୍ କାର ରେ ୭୦ କେଜି ଚାଲାଣ ହେଉଥିବା ଗଞ୍ଜେଇ ଜବତ କରିବା ସହ ଥାନା କେସ ନଂ ୧୩୬/୨୬ ଏକ ମାମଲା ରୁଜୁ କରି କାର କୁ ଜବତ କରିଛି। ବାଲିଗୁଡା ପୋଲିସ୍ ଏହି କେସ ରେ ଅଭିଯୁକ୍ତ କାହାକୁ ହେଲେ ଗିରଫ କରିନାହିଁ।

ସେହିପରି ଗୋଛାପଡା ଥାନା ପୋଲିସ୍ ତା ୨/୬ ରିଖ ଦିନ ଏକ ୧୪ ଚକିଆ ଟାଟା ଟ୍ରକ୍ ରେ ୧,୪୭୦ କେଜି ଅର୍ଥାତ୍ ୧ ଟନ୍ ୪୦ କ୍ୱିଣ୍ଟାଲ ଚାଲାଣ ହେଉଥିବା ଗଞ୍ଜେଇ ଜବତ କରିବା ସହ ଗୋଛାପଡ଼ା ଥାନା କେସ ନଂ ୯୦/୨୬ ବେଆଇନ ଗଞ୍ଜେଇ ଚୋରା ଚାଲାଣ ଜନିତ ଏକ ମାମଲା ରୁଜୁ କରି ଏକ ୧୪ ଚକିଆ ଟ୍ରକ୍ କୁ ଜବତ କରିବା ସହ ମଧ୍ୟ ପ୍ରଦେଶ ରାଜ୍ୟର ଦିୱାସ ଯୋଗେଶ ମୀନା ୪୨ ଏକ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଜି ତା ୩/୬/୨୦୨୬ ରିଖ ଦିନ ଅପରାହ୍ନ ରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଙ୍କ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ରାମେନ୍ଦ୍ର ପ୍ରସାଦ ସୂଚନା ଦେଇଛନ୍ତି।